R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୪୧
ତିଥି : ତ୍ରୟୋଦଶୀ
୦୮ ଜୁନ୍ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 241
08 June 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in




## ୧୧ ବର୍ଷରେ ଦେଶରେ କମିଛି ଦାରିଦ୍ର୍ୟ

# ୨୦୨୨-୨୩ରେ ଦାରିଦ୍ର୍ୟ ହାର ୫.୩%




ବିଶ୍ୱବ୍ୟାଙ୍କ ରିପୋର୍ଟ

ନୂଆଦିଲ୍ଲୀ, ୭ ।୬ : ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ହ୍ରାସ ହୋଇଛି । ଗୋଟିଏ ଦଶନ୍ଧିରେ ଦାରିଦ୍ର୍ୟ ହାର ୨୭.୧% ରୁ ଖସି ୫.୩%ରେ ପହଞ୍ଚିଥିବା ବିଶ୍ୱବ୍ୟାଙ୍କର ଆନ୍ତର୍ଜାତୀୟ ପବର୍ଟି ଲାଇନ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ରିପୋର୍ଟ ଦର୍ଶାଇଛି ଯେ ବିଶ୍ୱରେ ଏହି ସମୟ ମଧ୍ୟରେ ୧୨୫ ନିୟୁତ ଲୋକ ଦାରିଦ୍ର୍ୟ କଷାଘାତର ଶୀକାର ହୋଇଛନ୍ତି । ଅପରପକ୍ଷରେ ଭାରତ ଏହାକୁ ହ୍ରାସ କରିବାରେ ସଫଳ ହୋଇଛି ।

୨୦୧୧-୧୨ରେ ୩୪.୪୭ କୋଟି ଲୋକ ଉତ୍କଟ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିଲେ । ୨୦୨୨-୨୩ରେ ଏହା ୭୫୨୪ କୋଟିକୁ ଖସି ଆସିଛି । ତେବେ ପ୍ରଶ୍ନ ଉଠୁଛି ଯେ ଯଦି ଏତେ ସଂଖ୍ୟକ ଲୋକ ଦାରିଦ୍ର୍ୟସୀମାରେଖାର ଉପରକୁ ଉଠିଛନ୍ତି ତେବେ ୧୫୦ କୋଟି ଲୋକଙ୍କ ମଧ୍ୟରୁ ୮୦ କୋଟି ଲୋକଙ୍କୁ ମହାମାରୀ କରୋନା ପ ର ୦ । ରୁ କାହିଁକି ମାଗଣା ରାସନ ଦିଆଯାଉଛି । ବିଶ୍ୱବ୍ୟାଙ୍କ ନିକଟରେ ଦାରିଦ୍ର୍ୟ ସୀମାରଖା ମାନକରେ ସଂଶୋଧନ କରିଥିଲା । ୨୦୧୧-୧୨ରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ମଧ୍ୟରେ ୬୫% ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରେ ଥିଲେ । ୨୦୨୨-୨୩ରେ ଏହି ରାଜ୍ୟଗୁଡ଼ିକରୁ ଦୁଇ ତୃତୀୟାଂଶ ଲୋକ ଏଥିରୁ ମୁକୁଳିଛନ୍ତି । ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଦୈନିକ ୩ ଡଲାର ଆନ୍ତର୍ଜାତୀୟ ଗରିବ ରେଖା ଦ୍ୱାରା ଆଧାରିତ । ଯାହା ଗ୍ରାମୀଣ ଓ ସହରାଞ୍ଚଳର ବ୍ୟାପକ ଦାରିଦ୍ର୍ୟ ହ୍ରାସକୁ ଦର୍ଶାଇଛି । ବିଶ୍ୱବ୍ୟାଙ୍କ ତଥ୍ୟରେ ଉଲ୍ଲେଖ କରାଯାଇଛି ଯେ ଦାରିଦ୍ର୍ୟ ସୀମାରେଧା ( ୯ ପୃଷ୍ଠାରେ)

## ବଢୁଛି କରୋନା ସଂକ୍ରମଣ

# ଆକ୍ରାନ୍ତ ୬ ହଜାର ମୁହାଁ



ନୂଆଦିଲ୍ଲୀ, ୭ ।୬ : ଦେଶରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଆକ୍ରାନ୍ତ ଏବେ ୫୭୫୫ରେ ପହଞ୍ଚିଛନ୍ତି । କେରଳରେ ସର୍ବାଧିକ ବ୍ୟକ୍ତି ସଂକ୍ରମିତ ହେଉଛନ୍ତି । ତେବେ ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ସେହି କ୍ରମରେ କ୍ୟାପିଟାଲ ହସ୍ପିଟାଲରେ କୋଭିଡ ଲାଗି ଅକ୍ସିଜେନ୍ ମକ୍‌ଡ୍ରିଲ୍ ହୋଇଥିବା ସୂଚନା ମିଳିଛି । କ୍ୟାପିଟାଲ ହସ୍ପିଟାଲର ଉପାଧକ୍ଷ ଡ. ଧନଞ୍ଜୟ ଦାସ ଏହି ସୂଚନା ଦେଇଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ଅକ୍ସିଜେନ୍ ମକ୍‌ଡ୍ରିଲ୍ ହେବାସହ ସ୍ୱତନ୍ତ୍ର ଶଯ୍ୟା ମହଜୁଦ ଅଛି । ଟେଷ୍ଟିଂ ବ୍ୟବସ୍ଥା ଚାଲିଛି । ଯାହା ପୁରୁଣା ନିୟମ ଥିଲା ତାହା ଅନୁପାଳନ ଜନସାଧାରଣ କରନ୍ତୁ । ଆବଶ୍ୟକ ପଡିଲେ ମାସ୍କ ପିନ୍ଧନ୍ତୁ । ଏହି ଭୂତାଣୁ ଏତେ ମାରାତ୍ମକ ନୁହେଁ । ହେଲେ ସୁସ୍ଥ ହେବାକୁ ଟିକେ ସମୟ ଲାଗୁଛି । କେବଳରେ ଆକ୍ରାନ୍ତଙ୍କ ସଂଖ୍ୟା ସବାଧିକ ୧୮୦୫ ଥିବାବେଳେ ଏହା ପଛକୁ ଗୁଜରାଟ ରହିଛି । ଗୁଜରାଟରେ ୭୧୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଦିଲ୍ଲୀରେ ୬୬୫, ପଶ୍ଚିମବଙ୍ଗରେ ୬୨୨, ମହାରାଷ୍ଟ୍ରରେ ୫୭୭, କର୍ଣ୍ଣାଟକରେ ୪୪୪, ( ୯ ପୃଷ୍ଠାରେ)

# ସମ୍ବଲପୁର-ବୌଦ୍ଧରେ ମାଓବାଦୀ

### ସର୍ଚ୍ଚ ଅପରେସନ୍ ଜାରି

ସମ୍ବଲପୁର/ରେଢ଼ାଖୋଲ/ବୌଦ୍ଧ, ୭ ।୬ (ସବ୍ୟୁ): ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମାଓ ଗତିବିଧି ଦେଖାଯାଇଛି । ଜିଲ୍ଲାର ରେଢାଖୋଲ, ଚାରମାଳ, ଯୁଯୋମୁରା, ଜମନକିରା, ନାକଟିଦେଉଳ ଓ କିସିଣ୍ଡା ଥାନା ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବା ଗୁଇନ୍ଦା ବିଭାଗ ପକ୍ଷରୁ ଜଣାପଡିଛି । ଅନ୍ୟପଟେ ଛତିଶଗଡରେ ମାଓବାଦୀ ବିରୋଧି ଅପରେସନର ସଫଳତା ଓ ସରଣ୍ଡା ଜଙ୍ଗଲରୁ ଲୁଟ୍ ବିସ୍ଫୋରକ ସାମଗ୍ରୀ ଜବତ ପରେ ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଛନ୍ତି । ସେମାନେ ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅନ୍ତର୍ଗତ ଘଞ୍ଚ ସଂରକ୍ଷିତ ଜଙ୍ଗଲରେ ଆତ୍ମଗୋପନ କରିଥିବା ପୋଲିସକୁ ସୂଚନା ମିଳିଛି । ଏହା ଜଣାପଡିବା ପରେ ଅର୍ଦ୍ଧ ସାମରିକ ବାହିନୀ ଓ ଏସ୍‌ଓଜି ଯବାନଙ୍କ ପକ୍ଷରୁ ମିଳିତ ଭାବେ ସର୍ଚ୍ଚ ଅପରେସନ ଜାରି ରହିଛି । ବୌଦ୍ଧ, ସୋନପୁର ଓ ରେଢାଖୋଲ ଅଞ୍ଚଳର ଠେଙ୍ଗୋ ଡ୍ୟାମ ସଂଲଗ୍ନ ବିଭିନ୍ନ ଜଙ୍ଗଲରେ ଏହି ଅପରେସନ୍ ଚାଲୁଥିବା ଜଣାପଡିଛି । ତେବେ ଏନେଇ ଜିଲ୍ଲାର କୌଣସି ପୋଲିସ ଅଧିକାରୀ ମୁହଁ ଖୋଲୁନଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକେ ସର୍ଚ୍ଚ ଅପରେସନ ସମ୍ପର୍କରେ ସୂଚନା ଦେଇଛନ୍ତି ।

ଜିଲ୍ଲାରେ ପୂର୍ବରୁ ମାଓବାଦୀଙ୍କ ଗଡ ଥିଲା । ମାଓବାଦୀଙ୍କ କାର୍ଯ୍ୟକଳାପ ମଧ୍ୟ ଦେଖିବାକୁ ମିଳୁଥିଲା । ପରବର୍ତ୍ତୀ ସମୟରେ ଏମାନଙ୍କ ଗତିବିଧି ( ୯ ପୃଷ୍ଠାରେ)

# ୨୦ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୭ ।୬ (ସବ୍ୟୁ): ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆସନ୍ତା ୨୦ ତାରିଖରେ ଓଡିଶା ଗସ୍ତରେ ଆସିବେ । ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ଓଡିଶା ଆସିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଆମେ ୧୨ ତାରିଖରେ ଆସିବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିବେଦନ କରିଥିଲୁ । ହେଲେ ୨୦ ତାରିଖରେ ଆସିବା ନେଇ ସମୟ ଧାର୍ଯ୍ୟ ହୋଇଛି । ୧୨ ତାରିଖର ମୂଳ କାର୍ଯ୍ୟକ୍ରମ ୨୦ ତାରିଖକୁ ଘୁଞ୍ଚା ଯାଇଛି । ଶେଷ କାର୍ଯ୍ୟକ୍ରମ ୨୦ରେ ଅନୁଷ୍ଠିତ ହେବ । ସ୍ଥାନ ନିରୂପଣ ଚାଲିଛି । ଆଗକୁ ମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀ କରି ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବେ । ଏହା ପରେ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ ହେବ । ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ଫାଇନାଲ ସୂଚୀ ଆଜି ସନ୍ଧ୍ୟା ସୁଦ୍ଧା ବାହାରିଯିବ ।

ସୂଚନା ଯୋଗ୍ୟ, ପୂର୍ବରୁ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା । ଏନେଇ ୧୨ ତାରିଖରେ ଓଡିଶା ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତେ । ହେଲେ ପ୍ରଧାନମନ୍ତ୍ରୀଙ୍କ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାର ଥିବାରୁ ଓଡିଶା ଆସିବା କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦେଇଛନ୍ତି ।

## ଫୁଲବାଣୀରେ ୬୫୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଶିଳାନ୍ୟାସ

# ସରକାର ବିକାଶର ଧାରାକୁ ତ୍ୱରାନ୍ୱିତ କରିଛନ୍ତି : ମୁଖ୍ୟମନ୍ତ୍ରୀ



### ୧୦୦ ସିଟ୍ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଉଦ୍‌ଘାଟିତ

ଫୁଲବାଣୀ, ୭ ।୬ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀ ଠାରେ ୧୦୦ ସିଟ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଶୁଭ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

କନ୍ଧମାଳବାସୀଙ୍କ ବହୁଦିନର ଆଶା ପୂରଣ କରିଛି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସେମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି । କନ୍ଧମାଳର ଏହି ମେଡିକାଲ୍ କଲେଜ୍ କେବଳ ଚିକିତ୍ସା ଶିକ୍ଷା ପ୍ରଦାନ କରିବ ନୁହେଁ, ବରଂ ଏହା ଏଠାରେ ଏକ ସୁନିଶ୍ଚିତ ଓ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ହେବ । ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସଭାରେ ଉଦବୋଧନ ଦେଇ ସେ କହିଥିଲେଯେ, ଆମ ସରକାର ଆସିବା ମାତ୍ରେ ଓଡିଶା ଲୋକଙ୍କ ବହୁ ଆକାଙ୍କ୍ଷିତ 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଯାହାକୁ ( ୯ ପୃଷ୍ଠାରେ)

# ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅଘଟଣ, ଛାତରୁ ପଡ଼ି ଶ୍ରମିକ ମୃତ

କଟକ, ୭ ।୬(ସବ୍ୟୁ): ଶୈଳବାଳା ମହିଳା ମହାବିଦ୍ୟାଳୟର ନିର୍ମାଣଧୀନ ବିଲ୍ଡିଂର ଛାତରୁ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ସୁଜୟ କୁମାର(୨୦) ହୋଇଥିବା ବେଳେ ସେ ବିହାରର ବାସିନ୍ଦା ବୋଲି ଜଣାପଡିଛି। ମହାବିଦ୍ୟାଳୟରେ ନବନିର୍ମିତ କୋଠାର ୬ ତାଲା ଉପରେ ଲୁହାରଡ଼ ବାନ୍ଧୁଥିବା ସମୟରେ ସେ ହଠାତ ତଳକୁ ପଡି ଯାଇଥିଲେ। ଏହା ପରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶରୀରକୁ କଟକ ଏସସିବି ମେଡିକାଲକୁ ଶବ ବ୍ୟବଛେଦ ପାଇଁ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପଠାଇଛି।

ପୁଲିସ ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ଶୈଳବାଳା କ୍ୟାମ୍ପସରେ ନୂଆ କରି ନିର୍ମାଣ ହେଉଥିବା କୋଠାର ୬ମହଲା ଛାତ ପଡ଼ିବା ନିମନ୍ତେ ରଡ଼ ବନ୍ଧା ଯାଉଥିଲା। ସେଠାରେ ୨୦ରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିଲେ। ସୁଜୟ ଛାତ କଡ଼ରେ ଛିଡ଼ା ହୋଇ ରଡ଼ ( ୯ ପୃଷ୍ଠାରେ)

# ଆବାସ ତିଆରି ଲାଗି ବାଲି ଦେବେ ସରକାର

ଭୁବନେଶ୍ୱର, ୭ ।୬ (ସବ୍ୟୁ) : ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ମାଗଣାରେ ମିଳିବ ବାଲି । ମାଗଣାରେ ଦୁଇ ଟ୍ରାକଫର୍ ବାଲି ଦେବେ ରାଜ୍ୟ ସରକାର । ହିତାଧିକାରୀମାନେ ଯେଭଳି ଘର ତିଆରି କରିବାକୁ ଶସ୍ତାରେ ବାଲି ପାଇବେ, ସେଥିପାଇଁ ସରକାର ଯୋଜନା କରୁଛନ୍ତି । ଏନେଇ ପରମିଟ୍ ଇସ୍ୟୁ କରାଯିବ ଓ ଡ୍ରାଫଟ ପ୍ରସ୍ତୁତ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଗରିବ ଲୋକଙ୍କୁ ମାଗଣାରେ ବାଲି ଦିଆଗଲେ ସେମାନେ ଘର ଖଣ୍ଡେ ସହଜରେ ତିଆରି କରିପାରିବେ । ସେମାନଙ୍କୁ ପରମିଟ୍ ଇସ୍ୟୁ କରାଯିବ, ଯାହାଦ୍ୱାରା ଗରିବ ଲୋକେ ବାଲି ମାଗଣାରେ ଆଣିପାରିବେ । ନଦୀ ଭିତରୁ ପଶି ବାଲି କାଢ଼ିବା ବନ୍ଦ ହେବ । ହାଇଓ୍ୱା ବ୍ୟବହାର ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ଏତେ ଲୋଡ଼ ନେଇପାରୁନାହିଁ । ଏହା ନଷ୍ଟ ହେଉଛି । ତେଣୁ କେତେ ଓଜନର ବାଲି ଗାଡ଼ି ଯାଉଛି? ଏସବୁକୁ ( ୯ ପୃଷ୍ଠାରେ)

# ରାହୁଲ-ଇସିଆଇଙ୍କ ମଧ୍ୟରେ ପୁଣି ବିବାଦ



### ଆଧାର ହୀନ ଅଭିଯୋଗ ଅସଂଗତ : ଇସିଆଇ

### ଭୋଟର ତାଲିକା, ସିସିଟିଭି ଫୁଟେଜ ଦିଅ : ରାହୁଲ

ନୂଆଦିଲ୍ଲୀ, ୭ ।୬ : ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଗଣମାଧ୍ୟମରେ ପ୍ରକାଶିତ ଆଲେଖ୍ୟକୁ ନେଇ ବିବାଦ ବଢ଼ିଛି । ରାହୁଲ ତାଙ୍କ ଆଲେଖ୍ୟରେ ନିର୍ବାଚନ କମିଶନ ଓ ନିର୍ବାଚନ ପ୍ରକ୍ରିୟାକୁ ଏକ ରକମ ଟାର୍ଗେଟ କରିଛନ୍ତି । ବିଜେପି ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିବାବେଳେ ନିର୍ବାଚନ କମିଶନ ମଧ୍ୟ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି । ନିର୍ବାଚନ କମିଶନ (ଇସିଆଇ) ଙ୍କ ପକ୍ଷରୁ କୁହାଯାଇଛି ଯେ ଭାରତର ନିର୍ବାଚନ ପ୍ରକ୍ରିୟା ବିଶ୍ୱସନୀୟତା ଓ ପାରଦର୍ଶିତା ସହ ଅନୁଷ୍ଠିତ ହୁଏ । ନିର୍ବାଚନ ପରେ ଅନୁକୂଳ ପରିଣାମ ନ ମିଳିଲେ ନିର୍ବାଚନ କମିଶନଙ୍କ ଉପରେ ଆଧାରହୀନ ଅଭିଯୋଗ କରିବା ଏକ ଅସଙ୍ଗତ ଗମ୍ଭୀର ବିଷୟ । ଏହା ( ୯ ପୃଷ୍ଠାରେ)

T-34

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. 09/06/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09001/11/0006/2526

# ବଗିଚାର ଯତ୍ନ

ଆଜିକାଲି ସମସ୍ତେ ଘରେ ଛୋଟଛୋଟ ଗାର୍ଡେନ୍ କରୁଛନ୍ତି, ଯାହାକୁ ସଜାଇବା ପାଇଁ ବିଭିନ୍ନ ଟ୍ରିକ୍ ଆପଣାଉଛନ୍ତି । ଏଭଳି କିଛି ଛୋଟଛୋଟ ଟ୍ରିକ୍ ରହିଛି ଯାହାକୁ ଫଲୋ କରିବା ଦ୍ୱାରା ଆପଣ ନିଜର ଗାର୍ଡେନ୍‌କୁ ଖୁବ ସୁନ୍ଦର ଭାବେ ଆକର୍ଷଣୀୟ କରି ସଜାଇପାରିବେ ।



■ ପ୍ରଥମେ ଯେତିକି ଯାଗା ଅଛି ସେତିକି ସ୍ଥାନରେ କିଭଳି ଗାର୍ଡେନକୁ ସଜାଇ ପାରିବେ ସେଥିପାଇଁ ଯତ୍ନବାନ ହୁଅନ୍ତୁ । ସବୁବେଳେ ଛୋଟଛୋଟ ଫୁଲକୁଣ୍ଡକୁ ବ୍ୟବହାର କରନ୍ତୁ। ଏହା ବେଶି ଯାଗା ନେଇ ନଥାଏ ଏବଂ ସୁନ୍ଦର ମଧ୍ୟ ଲାଗିଥାଏ । ସେହିଭଳି କୁଣ୍ଡ ଗୁଡିକ ଯାଗା କମ ନେବାରୁ ଆପଣ ଯେତେ ପାରିବେ ସେତେ ଗଛ ଆରାମରେ ଲଗାଇ ପାରିବେ ।

■ ସବୁବେଳେ ଗାର୍ଡେନ୍‌ରେ ଭେରାଇଟି ରଖିବାକୁ ଚେଷ୍ଟା କରନ୍ତୁ । ସବୁବେଳେ ଗାର୍ଡେନରେ ଯେତେ ଗ୍ରୀନେରୀ ରହିବ ଏହା ସେତେ ଆକର୍ଷକ ଲାଗିବ । ବିଭିନ୍ନ ରଙ୍ଗର ଫୁଲ ଗଛକୁ ଏଠାରେ ସ୍ଥାନ ଦିଅନ୍ତୁ, ଯାହା ଫଳରେ ବଗିଚାଟି ଭରପୂର ଲାଗିବ । ସେହିଭଳି ଋତୁ କାଳୀନ ଫୁଲକୁ ବିଶେଷ ଭାବେ ସାମିଲ କରନ୍ତୁ, ଏହା ଦ୍ୱାରା ଆପଣଙ୍କ ବଗିଚା ରଙ୍ଗବେରଙ୍ଗ ଲାଗିବ ।

■ ବଗିଚାର ଗଛ ସଜାଇବା ପରେ ଏଥିରେ ଛୋଟଛୋଟ ଚେୟାର ରଖି ପାରିବେ, ଏହା ବଗିଚାରେ ଅନେକ କାର୍ଯ୍ୟରେ ସହାୟତାରେ ଆସିବ । ଏଠାରେ ଆପଣ ନିଜର ଖାଲି ସମୟ ବିତାଇ ପାରିବେ । ଏଥିସହିତ କେହି ଘରକୁ ଆସିଲେ ଆପଣ ତାଙ୍କୁ ନିଜ ବଗିଚା ଦେଖାଇବା ସହିତ ସେଠାରେ କିଛି ସମୟ ବସାଇ ପାରିବେ । ସେହିଭଳି କାଠର ଚେୟାର ଫୁଲ ବଗିଚାରେ ପଡିଲେ ଏହା ବେଶି ଆକର୍ଷଣୀୟ ଲାଗିଥାଏ ।

## ସୋସିଆଲ କୋଟ୍ସ



"ଭଲପାଇବାର ଅନେକ ରୂପ ହୋଇଥାଏ । ଠାକୁର ଆପଣଙ୍କୁ ଶକ୍ତି ଦିଅନ୍ତୁ ସେହିଭଳି ଭଲପାଇବାକୁ ବୁଝିବାକୁ । ସମସ୍ତେ ମୋ ଭଲପାଇବାକୁ ବୁଝି ପାରିବେନି ।

ଭାବନା କୋହଲି, ବିରାଟଙ୍କ ଭଉଣୀ



"ଆମେ ଯାହା ଭାବିଥିଲୁ ସେଭଳି କିଛି ହେଲା ନାହିଁ । ହେଲେ ଏହି ଯାତ୍ରା ଖୁବ ରୋମାଞ୍ଚପୂର୍ଣ୍ଣ ଥିଲା । ଯାହା ପାଇନୁ ଆରବର୍ଷକୁ ତାକୁ ନେବା ପାଇଁ ପୁଣି ଫେରିବୁ ।

ପ୍ରିତି ଜିଣ୍ଟା, ଅଭିନେତ୍ରୀ




"ମୁଁ ଜାଣିନି କାଲି ମୋ ସହିତ କ'ଣ ହେବ । ହେଲେ ରକି ମୋ ସହିତ ପ୍ରଥମରୁ ଅଛନ୍ତି । ତାଙ୍କୁ ସ୍ୱାମୀ ଭାବେ ପାଇ ମୁଁ ଖୁବ ଖୁସି ଓ ଭାଗ୍ୟବାନ ।

ହିନା ଖାନ୍, ଅଭିନେତ୍ରୀ

# ବିଶ୍ୱ ମହାସାଗର ଦିବସ

ପ୍ରତିବର୍ଷ ଜୁନ୍ ୮ ତାରିଖକୁ ବିଶ୍ୱ ମହାସାଗର ଦିବସ ରୂପେ ପାଳନ କରାଯାଉଛି । ୧୯୯୨ ମସିହାରେ କାନାଡାର ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟର୍ ଫର୍ ଓସେନ୍ ଡେଭେଲପ୍‌ମେଣ୍ଟ ଏବଂ ଦି ଓସେନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାନାଡା ପକ୍ଷରୁ ବ୍ରାଜିଲ୍‌ରେ ଅନୁଷ୍ଠିତ ପରିବେଶ ଏବଂ ଉନ୍ନୟନ ସମ୍ବନ୍ଧିତ ୟୁକ୍ତରାଷ୍ଟ୍ର ସମ୍ମିଳନୀ ବା ରିଓ ସମ୍ମିଳନୀରେ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା । ୨୦୦୨ରେ ଏହି ଓସେନ୍ ପ୍ରୋଜେକ୍ଟ ବିଶ୍ୱସ୍ତରୀୟ ହୋଇଥିଲା । ମହାସାଗରର ଗୁରୁତ୍ୱ ଏବଂ ଏହାସହ ସମ୍ବନ୍ଧିତ ବିଷୟ ଖାଦ୍ୟ ସୁରକ୍ଷା, ଜୈବ ବିବିଧତା, ପରିବେଶ ସନ୍ତୁଳନ ଆଦି ପ୍ରସଙ୍ଗରେ ରାଜନୀତିକ ଏବଂ ସାମାଜିକ ଧ୍ୟାନ ଆକର୍ଷଣ କରିବା ହେଉଛି ଏହି ଦିବସ ପାଳନର ଉଦ୍ଦେଶ୍ୟ ।



## ଇତିହାସ

୧୭୮୩– ଦକ୍ଷିଣ ଆଇଲ୍ୟାଣ୍ଡ୍‌ରେ ଲକି ନାମକ ଏକ ଜ୍ୱାଳାମୁଖୀ ଦୀର୍ଘ ୮ ମାସ ପର୍ଯ୍ୟନ୍ତ ବିସ୍ଫୋରଣ ହୋଇଥିଲା । ଏହା ଜୁନ୍ ୮ ତାରିଖରୁ ଆରମ୍ଭ ହୋଇଥିଲା ।

୧୮୩୫– ଜନ୍ ବ୍ୟାଟ୍‌ମ୍ୟାନ୍ ଏବଂ ଜନ୍ ପାସ୍କୋକୋ ଫୋକନରଙ୍କ ଦ୍ୱାରା ଅଷ୍ଟ୍ରେଲିଆର ମେଲ୍‌ବର୍ଣ୍ଣ ସହର ସ୍ଥାପିତ କରାଗଲା ।

୧୯୦୯– ଭୂମିକମ୍ପ ଏବଂ ସୁନାମି ଆସି ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଥିବା କୋରିନଚୀ ସହରକୁ ନଷ୍ଟ କରିଦେଇଥିଲା । ଏଥିରେ ପ୍ରାୟ ୨୩୦ ଜଣ ମୃତ୍ୟୁବରଣ କରିଥିଲେ ।

୧୯୩୬– ଭାରତର ସରକାରୀ ରେଡିଓ ନେଟ୍‌ୱର୍କ ଷ୍ଟେଟ୍ ବ୍ରଡ୍‌କାଷ୍ଟିଙ୍ଗ୍ ସର୍ଭିସ୍‌ର ନାମ ପରିବର୍ତ୍ତିତ ହୋଇ ଅଲ୍ ଇଣ୍ଡିଆ ରେଡିଓ ରଖାଗଲା ।

୧୯୩୭– ଆମେରିକାରେ ନ୍ୟୁୟର୍କର ଏକ ବଟାନିକାଲ୍ ଗାର୍ଡେନ୍‌ରେ ବିଶ୍ୱର ସବୁଠୁ ବଡ ଫୁଲର ସନ୍ଧାନ କରାଗଲା ।

୧୯୮୨–ବ୍ରାଜିଲର ଏକ ବିମାନ ବି–୭୨୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୫ ଜଣ ମୃତ୍ୟୁବରଣ କରିଥିଲେ ।

୧୯୪୮– ଭାରତର ପ୍ରଥମ ବିମାନ ସେବା ଏୟାର ଇଣ୍ଡିଆ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ବିମାନ ସେବା ଆରମ୍ଭ କଲା ।

୨୦୧୧– ଭାରତୀୟ ସାମାଜିକ କାର୍ଯ୍ୟକର୍ତ୍ତା ଆନା ହଜାରେ ଭ୍ରଷ୍ଟାଚାର ବିରୋଧରେ ଦ୍ୱିତୀୟ ହଙ୍ଗର ଷ୍ଟ୍ରାଇକ୍ ଆରମ୍ଭ କଲେ । ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ସ୍ୱତନ୍ତ୍ର ଭାରତର ସର୍ବବୃହତ୍ ସାର୍ବଜନୀନ ଆନ୍ଦୋଳନ ରୂପେ ଜଣାଯାଏ ।

# ମସ୍ତିଷ୍କର ସୁସ୍ଥତା ବେଶି ଆବଶ୍ୟକ

ନ୍ୟୁୟର୍କର କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ଜଣେ ବ୍ୟକ୍ତିଙ୍କୁ ନିଜ ଶରୀର ସହିତ ମସ୍ତିଷ୍କର ଯତ୍ନ ନେବାର ଆବଶ୍ୟକତା ରହିଛି । ଜଣେ ସୁସ୍ଥ ବ୍ୟକ୍ତିଙ୍କର ମସ୍ତିଷ୍କ ସୁସ୍ଥ ରହିବା ବେଶି ଆବଶ୍ୟକ । ଆପଣଙ୍କର ମସ୍ତିଷ୍କ ଯଦି ଅସୁସ୍ଥ ଥାଏ ତେବେ ଆପଣଙ୍କ ଶରୀର ମଧ୍ୟ ସୁସ୍ଥ ରହିପାରିବ ନାହିଁ । ତେଣୁ ସମସ୍ତଙ୍କୁ ଶରୀର ସହିତ ନିଜ ମାନସିକ ସ୍ୱାସ୍ଥ୍ୟର ବେଶି ଧ୍ୟାନ ରଖିବାର ଆବଶ୍ୟକତା ରହିଛି ବୋଲି ଏହି ରିପୋର୍ଟରେ ଦର୍ଶା ଯାଇଛି । ଏହି ଗବେଷଣାରେ ସେ ଅନେକ ଲୋକଙ୍କୁ ସାମିଲ କରିଥିଲେ, ଯେଉଁଥିରେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଅଧିକ ଗବେଷଣା କରାଯାଇଥିଲା । ସେହିଭଳି ଆମର ସବୁଦିନ ଖାଦ୍ୟ ତାଲିକାରେ ଶାରିରୀକ ସହିତ ଯେଉଁ ଖାଦ୍ୟ ଆମ ମସ୍ତିଷ୍କପାଇଁ ଭଲ ସେଗୁଡିକୁ ସାମିଲ କରିବାକୁ ହେବ । ମସ୍ତିଷ୍କ ପାଇଁ ଭିଟାମିନ୍ ବା ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି ସେଗୁଡିକୁ ସାମିଲ କରିବା ଦରକାର । ବିଶେଷଭାବେ ଆମକୁ ଅଧିକ ପନିପରିବା ଖାଇବାର ଆବଶ୍ୟକତା ରହିଛି ବୋଲି ଏହି ରିପୋର୍ଟରେ ଦର୍ଶା ଯାଇଛି ।





## ହାହାଃ..

ବାଣ୍ଟା – ତୁ ଖାଲିପେଟରେ କେତୋଟି କଦଳୀ ଖାଇପାରିବୁ ?
ସାଣ୍ଟା – ୬ଟି କଦଳୀ ଖାଇପାରିବି ।
ବାଣ୍ଟା – ଭୁଲ ଉତ୍ତର ଦେଲୁ ।
ସାଣ୍ଟା – କେମିତି ?
ବାଣ୍ଟା – ଗୋଟିଏ କଦଳୀ ଖାଇବା ପରେ ତୋର ଆଉ ଖାଲିପେଟ କିଭଳି ରହିବ ।



# ପୂରଣ ହେଉଛି ପିଲାଦିନର ସ୍ୱପ୍ନ

ନିକଟରେ ମଲାଇକା ଅରୋରାଙ୍କର ଏକ ସାକ୍ଷାତକାର ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ମଲାଇକା ନିଜର ସ୍ୱପ୍ନ ସମ୍ପର୍କରେ ମତ ରଖିଛନ୍ତି । ତେବେ ଅଧିକାଂଶ ଦର୍ଶକ ଭାବିଥିବେ ଏହି ସ୍ୱପ୍ନ ଅଭିନୟ ସମ୍ପର୍କିତ ହେବ ହେଲେ ଏପରି ନୁହେଁ । ମଲାଇକାଙ୍କର ପିଲାଦିନର ସ୍ୱପ୍ନ ବ୍ୟବସାୟକୁ ନେଇ ଥିବା ଜଣା ପଡିଛି । ତେବେ ପିଲାଦିନର ଏହି ସ୍ୱପ୍ନ ତାଙ୍କର ଏବେ ପୂରଣ ହେଉଛି ବୋଲି ସେ ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତାଙ୍କୁ ଏହି ସ୍ୱପ୍ନ ପୂରଣ କରିବା ପାଇଁ ଅନେକ ପରିଶ୍ରମ କରିବାକୁ ପଡିଛି । ନିକଟରେ ସେ ରେସ୍ତୋରାଁ ବ୍ୟବସାୟରେ ଇନ୍‌ଭେଷ୍ଟ କରିଛନ୍ତି, ଯାହା ତାଙ୍କର ସବୁଠାରୁ ଭଲ ଇନ୍‌ଭେଷ୍ଟ ବୋଲି ପ୍ରକାଶ କରିଛନ୍ତି । ପିଲାଦିନୁ ତାଙ୍କର ଖାଦ୍ୟ ପ୍ରତି ଖୁବ ଦୁର୍ବଳତା ରହିଛି । ସେ ଏତେ ଫିଟ୍ ଥିଲେ ବି ଖାଦ୍ୟକୁ ଖୁବ ପସନ୍ଦ କରନ୍ତି । ତେଣୁ ସେ ଲୋକଙ୍କୁ ହେଲ୍‌ଦି ଫୁଡ୍ ପରଷିବାକୁ ଏହି ରେସ୍ତୋରାଁ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି । କେବଳ ରେସ୍ତୋରାଁ ନୁହେଁ ତାଙ୍କୁ ନିଜର ଷ୍ଟୁଡିଓ ମଧ୍ୟ ଖୋଲିବାର ଅଛି, ଏଭଳି ଅନେକ ବ୍ୟବସାୟରେ ତାଙ୍କର ରୁଚି ରହିଛି ।

# ପାର୍ଲେ ଜି ପ୍ୟାକେଟ୍‌ର ଦାମ ୨ହଜାର





ପାର୍ଲେ ଜି ସମସ୍ତଙ୍କର ପ୍ରିୟ ବିସ୍କୁଟ, ଯାହା ଅନେକ ଦଶନ୍ଧି ଧରି ବିସ୍କୁଟ ମାର୍କେଟରେ ରାଜ କରିଛି । ତେବେ ସୋସିଆଲ ମିଡିଆରେ ଏହି ବିସ୍କୁଟଟି ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି । ଗାଜାରେ ଏହି ବିସ୍କୁଟର ଦାମ ରହିଛି ୨ ହଜାରରୁ ଅଧିକ । ଭାରତରେ ମାତ୍ର ୫ ଟଙ୍କାରେ ମିଳୁଥିବା ଏହି ବିସ୍କୁଟ ବର୍ତ୍ତମାନ ଏତେ ଦାମରେ ଗାଜାରେ ବିକ୍ରି ହେଉଥିବାରୁ ସୋସିଆଲ ମିଡିଆରେ ଚର୍ଚ୍ଚାକୁ ଆସିଛି । ତେବେ କିଛି ଲୋକ ଗାଜାର ଏହି ପରିସ୍ଥିତି ଉପରେ ଚିନ୍ତା ମଧ୍ୟ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି । ୨୦୨୩ରୁ ଇସ୍ରାଇଲ୍ ଓ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧର ଏହା ପ୍ରଭାବ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି । ସୋସିଆଲ ମିଡିଆରେ ଏନେଇ ଗାଜାର ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ପୋଷ୍ଟ କରିବାପରେ ଆଲୋଚନା ଆରମ୍ଭ ହୋଇଛି । ଏହା ସେଠାରେ ୧୪୬ ଟଙ୍କାରୁ ବଢି ବର୍ତ୍ତମାନ ୨ ହଜାର ୩୦୦ ଟଙ୍କାରେ ପହଞ୍ଚିଛି । ଏହି ପୋଷ୍ଟଟି ବର୍ତ୍ତମାନ ଗାଜାର ଆର୍ଥିକ ସଙ୍କଟକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଛି ।

# ସସେଜ୍ ରୋଲର ମହମ ଆକୃତି

ତୁଷାଦ ସଂଗ୍ରହାଳୟରେ ସାଧାରଣତଃ ବିଶ୍ୱର ବଡବଡ ସେଲିବ୍ରିଟିଙ୍କର ମହମ ପ୍ରତିମାକୁ ସ୍ଥାନ ଦିଆଯାଇଥାଏ । ହେଲେ ସୂଚନା ଅନୁସାରେ ନିକଟରେ ବ୍ରିଟିଶ୍‌ର ସମସ୍ତଙ୍କର ପ୍ରିୟ ଜଳଖିଆ ସସ୍‌ଜେ ରୋଲକୁ ଏହି ମ୍ୟୁଜିୟମରେ ସ୍ଥାନ ଦିଆଯାଇଛି । ତେବେ ଏହା ବିଶ୍ୱର ପ୍ରଥମ ଖାଦ୍ୟ ଯିଏ ତୁଷାଦ ମ୍ୟୁଜିୟମରେ ସାମିଲ ହୋଇଛି । ଏହାକୁ ନେଇ ସସ୍‌ଜେରୋଲର ଫ୍ୟାନ୍‌ମାନେ ଖୁବ ଖୁସି ଅଛନ୍ତି । ଏହାକୁ ପ୍ରସ୍ତୁତ କରିବା ପାଇଁ ଆର୍ଟିଷ୍ଟମାନଙ୍କୁ ଖୁବ ପରିଶ୍ରମ କରିବାକୁ ପଡିଛି । ଅନେକଦିନ ଧରି ଆର୍ଟିଷ୍ଟମାନେ ଏହି ରୋଲ ଗୁଡିକୁ ଷ୍ଟଡି କରିବାପରେ ଏହି ମହମ ମୂର୍ତ୍ତିକୁ ପ୍ରସ୍ତୁତ କରିଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ଏହାକୁ ଖୁବ ପ୍ରଶଂସା ମିଳୁଥିବାର ଦେଖିବାକୁ ମିଳିଛି ।






### ସୁବର୍ଣ୍ଣପୁରରେ ୩୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

# ସୁନା ହେବ ସୁବର୍ଣ୍ଣପୁର ଜିଲ୍ଲା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାରେ ୩୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପ ମୂଲ୍ୟର ୫୬ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୮୦ କୋଟି ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି ଏବଂ ୨୪୪ କୋଟି ଟଙ୍କା ମୂଲ୍ୟର ୪୫ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହିସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଡ଼କ ନିର୍ମାଣ, ଜଳସେଚନ, ସେତୁନିର୍ମାଣ, ସ୍ୱାସ୍ଥ୍ୟସେବା ପ୍ରକଳ୍ପ, ମେଗା ଲିଫ୍ଟ ପ୍ରୋଜେକ୍ଟ ଏବଂ ହଷ୍ଟେଲ ଇତ୍ୟାଦି ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ଉପରେ ଗୋଧନେଶ୍ୱର ଓ ଖଇରମାଳ (ବୀରମହାରାଜପୁର ବ୍ଲକ) ସହିତ ଉଲୁଣ୍ଡାର ହରିହର ଜୋର ଏବଂ ବୀରମହାରାଜପୁରର ସୁରୁବାଲି ଠାରେ ୪ଟି ନଦୀଗର୍ଭ ଜଳାଶୟ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ । ଉପସ୍ଥିତ ସୁବର୍ଣ୍ଣପୁରବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ମାନଚିତ୍ରରେ ସୁବର୍ଣ୍ଣପୁର ଅଞ୍ଚଳ ପୁରାତନ କାଳରୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ଜିଲ୍ଲା ହେଉଛି ପ୍ରାଚୀନ ଐତିହ୍ୟ, ଧାର୍ମିକ ଭାବନା, ଆଧ୍ୟାତ୍ମିକ ଚିନ୍ତାଧାରା ଓ ଲୋକସଂସ୍କୃତିର ଗୌରବମୟ ପ୍ରତୀକ । ସନ୍ଥକବି ଭୀମଭୋଇଙ୍କର ଶିକ୍ଷା, ଦୀକ୍ଷା ତଥା ସାଧନାର କ୍ଷେତ୍ର । ସାହିତ୍ୟ, ଇତିହାସ ଓ କଳା କ୍ଷେତ୍ରରେ ରାଜ୍ୟରେ ଏ ମାଟିର ପ୍ରସିଦ୍ଧି ରହିଛି । ଜିଲ୍ଲାର ଆକର୍ଷଣୀୟ ବୟନ ଶିଳ୍ପ ଏବଂ ହସ୍ତଶିଳ୍ପ ଓଡ଼ିଶାକୁ ଗୌରବାନ୍ୱିତ କରିଛି । ଆମ ସରକାର ଯାହା କଥା ଦିଅନ୍ତି, ତାହା କରିକି ଦେଖାନ୍ତି । ଆମେ ପ୍ରତିଶ୍ରୁତି ଦେଇଥିବା ୨୧ ଟି କାର୍ଯ୍ୟକ୍ରମ ମଧ୍ୟରୁ ଏକ ବର୍ଷ ଭିତରେ ୧୧ ଟି କାର୍ଯ୍ୟକାରୀ କରିଛୁ । ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ୟାବିନେଟ ନିଷ୍ପତ୍ତି ନେଇ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛୁ । ଚାଷୀମାନଙ୍କୁ ଅସମୟରେ ସାହାଯ୍ୟ କରିବା ପାଇଁ ଅଦିନିଆ ବର୍ଷା କ୍ଷୟକ୍ଷତିକୁ ଇତିହାସ ସୃଷ୍ଟି କରି ରିଲିଫ୍ କୋଡରେ ଅନ୍ତର୍ଭୁକ୍ତ କରିଛୁ ।

ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାକୁ ସୁନାରେ ପରିଣତ କରାଯିବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ଓ ସହାୟତା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ସଂଗୀତା ସିଂହଦେଓ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, କଣ୍ଟାମାଳ ବିଧାୟକ କହ୍ନେଇ ଡାଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲ। ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ମଦ ଭାଟି ପୋଡି ମାମଲା

# ବ୍ରହ୍ମପୁର କୋର୍ଟରେ ହାଜର ହେଲେ ତାରାପ୍ରସାଦ



ବ୍ରହ୍ମପୁର,(ସବ୍ୟୁ):୨୦୧୬ ମସିହାର ଏକ ଦେଶୀ ମଦ ଭାଟି ପୋଡି ଓ ଟଙ୍କା ଲୁଟ ମାମଲାରେ ଅଭିଯୁକ୍ତ ଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ଦିନ ବ୍ରହ୍ମପୁର ସ୍ଥିତ ଅତିରିକ୍ତ ଜିଲା ଜଜ-୩ ବିବସ୍ୱତ ଗୌତମଙ୍କ କୋର୍ଟରେ ହାଜର ହୋଇଛନ୍ତି। ଉକ୍ତ ମାମଲାର ତାଙ୍କୁ ଜଡିତ କରାଯାଇଥିବା ନେଇ ଜଜ ତାଙ୍କୁ କହିଥିଲେ। ଏହି ମାମଲାର ବିଚାରଣା ଜୁଲାଇ ୧ରେ ଆରମ୍ଭ ହେବ ବୋଲି ଜଣାପଡିଛି। ପୂର୍ବରୁ ଗତ ୨୦୨୪ ଏପ୍ରିଲ ୧୮ ରେ ଉକ୍ତ କୋର୍ଟରେ ଆତ୍ମସମର୍ପଣ କରିଥିଲେ । ବିଧାୟକ ବାହିନୀପତିଙ୍କୁ ୫୦ ହଜାର ଟଙ୍କାର ୨ଟି ମୁଚଲିକା ଓ ୧୦ ହଜାର ଟଙ୍କା ପଇଠ କରିବାକୁ ନର୍ଦେଶ ଦେବା ସହ ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଥିଲା। ସୂଚନାଯୋଗ୍ୟ ଯେ, ୨୦୧୬ ମାର୍ଚ୍ଚ ୧୦ ତାରିଖରେ କୋରାପୁଟ ଜିଲା ବୋରଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡିପଡିଆ ଠାରେ ଶ୍ରୀ ବାହିନୀପତିଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା ।ସେହି ବୈଠକ ପରେ ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଭାଟି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହାପରେ ଶତାଧିକ ଲୋକ ସେଠାରେ ଥିବା ଏକ ଦେଶୀ ମଦ ଭାଟିରେ ପହଞ୍ଚି ବିପୁଳ ପରିମାଣର ଦେଶୀ ମଦ ଓ ମହିଲି ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ଭାଟିରୁ ୭୫ ହଜାର ଟଙ୍କା ଲୁଟ କରି ନେଇ ଯାଇଥିଲେ । ଏ ନେଇ ଭାଟିର କର୍ମଚାରୀ ଅନୀଲ କୁମାର ଗୁପ୍ତା ବୋରିଗୁମ୍ମା ଥାନାରେ ଅଭିଯାଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶ୍ରୀ ବାହିନୀପତିଙ୍କ ସହ ମୋଟ ୨୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । ଏହି ମାମଲାର ବିଚାରଣା ପୂର୍ବରୁ ସେଠାକାର କୋର୍ଟ ଚାଲୁଥିଲା । ହେଲେ ଜନପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ହେବା ପରେ ମାମଲାଟି ବ୍ରହ୍ମପୁର ସ୍ଥିତ ଏଡିଜେ-୩ କୋର୍ଟଙ୍କୁ ସ୍ଥାନାନ୍ତର ହୋଇଥିଲା । ମାମଲାର ବିଚାରଣା ଚାଲୁଥିବା ବେଳେ କୋର୍ଟରେ ହାଜର ହେବାକୁ ଶ୍ରୀବାହିନୀପତିଓ ଅନ୍ୟ ଅଭିଯୁକ୍ତଙ୍କୁ ସମନ୍ ଜାରି ହୋଇଥିଲା । ହେଲେ ବାରମ୍ୱାର ସମନ୍ ସତ୍ତ୍ୱେ ଅଭିଯୁକ୍ତମାନେ ହାଜର ନହେବାରୁ କୋର୍ଟ ଅଭିଯୁକ୍ତମାନଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ ।ତେବେ ୱାରେଣ୍ଟ ବଳରେ ଗିରଫ ହେବ ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ଶ୍ରୀ ବାହିନୀପତି ଶନିବାର ଦିନ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର କୋର୍ଟରେ ଆତ୍ମ ସମର୍ପଣ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମାଗୁଣି ପୋଲାଇ ମକଦ୍ଦମା ପରିଚାଳନନା କରୁଥିବା ବେଳେ ମୁଦଲାଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପଟ୍ଟନାୟକ ପରିଚାଳନା କରୁଛନ୍ତି।

### ସାପ କାମୁଡ଼ାରେ ମହିଳା ମୃତ

କୋଣାର୍କ,(ସବ୍ୟୁ) : କୋଣାର୍କ ଥାନା ଅଧିନସ୍ଥ ଅବଦାନ ଗ୍ରାମପଞ୍ଚାୟତର ନଡ଼ିଆମଠ ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳା ମୃତ୍ୟୁ ବରଣ କରିଥିବା ଜଣାପଡିଛି।ଖବରରୁ ପ୍ରକାଶ ଯେ ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ନଡ଼ିଆ ମଠ ଗ୍ରାମର ବାଉରୀବନ୍ଧୁ ସ୍ୱାଇଁଙ୍କ ପୁତୁରା ବୋହୂ ନିରୂପମା ସ୍ୱାଇଁ (୪୫) ବର୍ଷ ଘର ଅଗଣାରେ କାମ କରୁଥିବା ବେଳେ ଏକ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ସଦସ୍ୟ ଓ ଗ୍ରାମବାସୀମାନେ ନିରୂପମାଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ କୋଣାର୍କ ଥାନା ଅଧିନସ୍ଥ ଅବଦାନ ଗ୍ରାମପଞ୍ଚାୟତର ନଡ଼ିଆମଠ ଗ୍ରାମର ବାଉରୀବନ୍ଧୁ ସ୍ୱାଇଁ ପୁତୁରା ବୋହୂ ନିରୂପମା ସ୍ୱାଇଁଙ୍କ ନାଗସାପ କାମୁଡ଼ିରେ ମୃତ୍ୟୁ ସମ୍ପର୍କରେ କୋଣାର୍କ ଥାନାରେ ଅଭିଯୋଗ କରିଛନ୍ତି। ମୃତ ନିରୂପମା ସ୍ୱାଇଁଙ୍କ ପୁରୀ ମୁଖ୍ୟ ଚିକିତ୍ସାଳୟ ଠାରେ ଶବ ବ୍ୟବଚ୍ଛେଦ କରାଯିବା ସହ ଏ ନେଇ କୋଣାର୍କ ଥାନା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ଅବଦାନ ଗ୍ରାମପଞ୍ଚାୟତର ନଡ଼ିଆମଠ ଗ୍ରାମରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।



## ପୋଲିସକୁ ଆକ୍ରମଣ କରି ୪ ଗିରଫ
# ଗଣ୍ଡଗୋଳ ରୋକିବାକୁ ଯାଇ ପୋଲିସ ଆହତ

କଟକ,(ସବ୍ୟୁ): ଭୋଜିଭାତ ସମୟରେ ନିଶାସକ୍ତ ଅବସ୍ଥାରେ ନିଜ ଭିତରେ ମାରପିଟ ହେବା ସହିତ ପୁଲିସକୁ ଆକ୍ରମଣ କରି ୪ଜଣ ଯୁବକ ଗିରଫ ହୋଇଛନ୍ତି । ଫେଜ୍-୨ ଥାନା ପୁଲିସ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ବିଡାନାସୀ ଜ୍ୟୋତିବିହାର ଲେନ୍-୨ର ସତ୍ୟଜିତ ମହାନ୍ତି(୨୬), ଲାଲବାଗ ଥାନା ସିଦ୍ଧେଶ୍ୱର ସାହିର ନରସିଂହ ସେଠୀ(୪୫), ଧବଳେଶ୍ୱର ଗଡା ବସ୍ତିର ବିଜୟ କୁମାର ନାୟକ(୨୭) ଓ ବିଡାନାସୀରେ ରହୁଥିବା ବ୍ରହ୍ମପୁର ଗେଟ୍ ବଜାରର ଚନ୍ଦନ ସେଠୀ(୨୯) । ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଜବତ କରାଯାଇଛି ।

ଶୁକ୍ରବାର ଦିନ ଉପରୋକ୍ତ ଅଭିଯୁକ୍ତମାନେ ଅନ୍ୟ ସାଙ୍ଗମାନଙ୍କ ସହ ଧବଳେଶ୍ୱର ଗଡା ପଠାରେ ଭୋଜିଭାତ କରୁଥିଲେ । ଖାଇବା ସାଙ୍ଗକୁ ମଦ୍ୟପାନ ବି ଚାଲିଥିଲା । ଭୋଜି ପରେ ରୋଷେଇ ବାସନ ସଫାସୁତରା କରିବା ପାଇଁ ସେମାନେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକକୁ କହିଥିଲେ । ଉକ୍ତ ଯୁବକ ଜଣକ ମଧ୍ୟ ଠିକ ସମୟରେ ଆସି ପହଞ୍ଚିନଥିଲେ । ତେବେ ବାସନ ସଫା ପାଇଁ ଯୁବକ ଜଣକ ଅଧିକ ଟଙ୍କା ଦାବି କରୁଥିବା ନେଇ କେହି ଜଣେ କହିଦେବାରୁ ପାଟିତୁଣ୍ଡ ଆରମ୍ଭ ହୋଇଥିଲା । ଯୁକ୍ତିତର୍କ ଭିତରେ ନିଶାସକ୍ତ ଯୁବକମାନେ ଦୁଇ ଗୋଷ୍ଠୀ ହୋଇ ପରସ୍ପରକୁ ଗାଳିଗୁଲଜ ଓ ମାରପିଟ କରିଥିଲେ । ଗଣ୍ଡଗୋଳ ଖବର ପାଇ ଫେଜ-୨ ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚି ଥିଲା । ପୁଲିସ ଉତ୍ୟକ୍ତ ଯୁବକମାନଙ୍କୁ ବୁଝାସୁଝା କରି ତୁରନ୍ତ ସେଠାରୁ ଚାଲିଯିବାକୁ କହିଥିଲେ । ମାତ୍ର ନିଶାସକ୍ତ ଯୁବକମାନେ ଓଲଟା ପୁଲିସ କର୍ମଚାରୀଙ୍କୁ ନାଲିଆଖି ଦେଖାଇଲେ । ଜଣେ ଅଭିଯୁକ୍ତ ପଥର ମାଡ କରିବାରୁ ଜଣେ ହାବିଲଦାର ଆହତ ହୋଇଥିଲେ । ଏହା ଦେଖି ଅନ୍ୟ ପୁଲିସ କର୍ମଚାରୀମାନେ ଉତ୍ୟକ୍ତଙ୍କୁ କାବୁ କରିବାକୁ ଉଦ୍ୟମ ବେଳେ ଜଣେ ହୋମଗାର୍ଡଙ୍କୁ ସେମାନେ ମାରଧର କରିଥିଲେ । ଏଥିରେ ତାଙ୍କର ଖାକି ପୋଷାକ ଚିରି ଯାଇଥିଲା । ଧସ୍ତାଧସ୍ତି ଭିତରେ ପିସିଆର ଗାଡି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ଏହା ମଧ୍ୟରେ ଥାନାରୁ ଆଉ ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ । ପୁଲିସ ଟିମ ଅଭିଯୁକ୍ତ ସତ୍ୟଜିତ, ନରସିଂହ, ବିଜୟ ଓ ଚନ୍ଦନଙ୍କୁ କାବୁ କରିଥିଲା ବେଳେ ଅନ୍ୟମାନେ ସେଠାରୁ ଚମ୍ପଟ ମାରିଥିଲେ । ଏନେଇ ଆହତ ପୁଲିସ କର୍ମଚାରୀଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରିୟଦର୍ଶିନୀ ନନ୍ଦ ସୂଚନା ଦେଇଛନ୍ତି ।

## ସ୍ନାନଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମକ ଡ୍ରିଲ

ପୁରୀ,(ସବ୍ୟୁ): ଜିଲ୍ଲା ପ୍ରଶାସନ ପକ୍ଷରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ନାନଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ନେଇ ଏକ ମକ ଡ୍ରିଲ ଶୁକ୍ରବାର ପୂର୍ବାହ୍ନରେ ଟାଉନ ଥାନା ପରିସରର ସମନ୍ୱିତ ନିୟନ୍ତ୍ରଣ କକ୍ଷ ବା ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମରେ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସେ କହି ଥିଲେ ଚଳିତ ସ୍ନାନଯାତ୍ରାରେ ପୂର୍ବ ବର୍ଷ ତୁଳନାରେ ଅଧିକ ଜନ ଗହଳି ଆଶା କରାଯାଉଛି । ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ସଠିକ ଭାବେ ପରିଚାଳନା କରୁଛନ୍ତି । ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ମକ ଡ୍ରିଲ ର ପରିକଳ୍ପନା । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସ୍ନାନଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା ।

## ପ୍ରଥମ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମିଳନ
# ଶ୍ରୀଜଗନ୍ନାଥ ଭାବର ଠାକୁର, ମଣିଷର ଦେବତା: ବାଚସ୍ପତି



### ଯୋଗ ଦେଲେ ଦେଶ ବାହାରର ପ୍ରତିନିଧି
### ରାଜଧାନୀରେ ଶ୍ରୀଜଗନ୍ନାଥଙ୍କ ସଂଗ୍ରହାଳୟ ଲାଗି ଦାବି
### ପ୍ରଦର୍ଶିତ ହେଲା ଠାକୁରଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ
### ୨୦୨୬ରେ ରାୟପୁରରେ ଦ୍ୱିତୀୟ ସମ୍ମିଳନ

ଭୁବନେଶ୍ୱର, (ସବ୍ୟୁ): ଜଗନ୍ନାଥଙ୍କ କୃପା, ଡୋରି ଲାଗିଥିବାରୁ ମୁଁ ଆଜି ଏଠାରେ ପହଞ୍ଚି ଗର୍ବିତ। ପ୍ରଭୁଙ୍କୁ ଭାବରେ ଡାକିଲେ ଶୁଣନ୍ତି। ଶ୍ରୀଜଗନ୍ନାଥଙ୍କ ନାମ ଧରି ମୁଁ କାର୍ଯ୍ୟ କରିଥାଏ। ଜଗନ୍ନାଥ ହେଉଛନ୍ତି ମଣିଷର ଦେବତା, ଦେବତାର ମଣିଷ। ତାଙ୍କର ଚାଲିଚଳଣ ଯେପରି ଗାଧୁଆରୁ ଜ୍ୱର ହୁଏ ଏବଂ ଚେରମୂଳି ସେବନ ଦ୍ୱାରା ଜ୍ୱରରୁ ସୁସ୍ଥ ହୁଅନ୍ତି ଚତୁର୍ଦ୍ଧାମୂର୍ତ୍ତି। ଏହି ବକ୍ତବ୍ୟ ରଖୁଥିବା ବେଳେ ଭାବ ବିହ୍ୱଳ ହୋଇଯାଇଥିଲେ ବାଚସ୍ପତି ସୁରମା ପାଢୀ।

ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରରେ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମିଳନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଚସ୍ପତି ସୁରମା ପାଢୀ ପ୍ରଥମେ ଶ୍ରୀଜଗନ୍ନାଥଙ୍କର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀମତୀ ପାଢୀ କହିଥିଲେ କାୟ, ମନ , ବାକ୍ୟରେ ଜଗନ୍ନାଥ ଅଛନ୍ତି। ଜଗନ୍ନାଥ ସଂସ୍କୃତିକୁ ପରିବ୍ୟାପ୍ତ କରିବା ସହ ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚାଇବାରୁ ଉକ୍ତ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ ବାଚସ୍ପତି। ଅନୁଷ୍ଠାନ ରାଜଧାନୀରେ ଏକ ସଂଗ୍ରହାଳୟ ଖୋଲିବାକୁ ଦାବି କରିଥିବା ବେଳେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀମତୀ ପାଢୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ପ୍ରସଙ୍ଗ ଉପସ୍ଥାପନ କରିବେ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଛତିଶଗଡ ବିଧାୟକ ପୁରନ୍ଦର ମିଶ୍ର କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର ସେମିତି ଭାବରେ ଡାକିଲେ ଠାକୁର ଶୁଣିବେ। କଳିଯୁଗର ସାକ୍ଷାତ ଦେବତା ହେଉଛନ୍ତି ଜଗନ୍ନାଥ। ତାଙ୍କ ସହ ଝଗଡା ଏବଂ କଥାବାର୍ତ୍ତା କରିଥାନ୍ତି ଭକ୍ତ। ଆମେ ମାନେ ହେଉଛୁ ଜଗନ୍ନାଥଙ୍କ କାର୍ଯ୍ୟକର୍ତ୍ତା। ଶ୍ରୀଜଗନ୍ନାଥଙ୍କର ସଂସ୍କୃତି ଓ ନିତ୍ୟ ପୂଜାକୁ ଆମେ ଅନୁକରଣ କରୁଛୁ। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଜଗନ୍ନାଥଙ୍କ ନାମ ଧରି ଲୋକଙ୍କୁ ସମ୍ବୋଧିତ କରିଥିଲେ। ଏହାର ଦ୍ୱିତୀୟ ସମ୍ମିଳନ ଆସନ୍ତା ୨୦୨୬, ୦୨, ୦୩ ଓ ୦୪ ତାରିଖରେ ରାୟପୁର ଠାରେ ଆୟୋଜନ ହେବ ବୋଲି ଘୋଷଣା କରିଥିଲେ ବିଧାୟକ ଶ୍ରୀ ମିଶ୍ର।

ଏହି ସମ୍ମିଳନରେ ଭାରତ, ଆମେରିକା, ନାଇଜେରିଆ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବିଭିନ୍ନ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି, ସଭାପତି, ପୂଜକମାନେ ଏହି ଆନ୍ତର୍ଜାତିକ ସମ୍ମିଳନରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ୮୦ ଊର୍ଦ୍ଧ୍ୱ ଶ୍ରୀଜଗନ୍ନାଥଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ପୁରୀ ଶ୍ରୀମନ୍ଦିରର ବରିଷ୍ଠ ସେବକ ବିଶ୍ୱନାଥ ସାମନ୍ତରାଙ୍କୁ ପ୍ରତିଷ୍ଠାନର ସର୍ବୋଚ୍ଚ ସମ୍ମାନ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା । ରାଜ୍ୟର ବିଭିନ୍ନସାମାଜିକ ଓ ଆଧାତ୍ମିକ ସଂଗଠନ ପକ୍ଷରୁ ମଧ୍ୟ ଶ୍ରୀ ସାମନ୍ତରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ପୂଜା ପରମ୍ପରା ହିନ୍ଦୀ ପୁସ୍ତକ ଏବଂ ଗବେଷକ ଡକ୍ଟର ଭାସ୍କର ମିଶ୍ର ସ୍ୱରଚିତ ଶ୍ରୀମନ୍ଦିରର ଅନନ୍ୟ ପରମ୍ପରା ଓ ଐତିହ୍ୟ ଗ୍ରନ୍ଥ ଦ୍ୱୟକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଉଦଘାଟନୀ ସଭାରେ ଅତିଥି ଭାବେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାରତ ସେବକ ସମାଜ ବୃନ୍ଦାବନ ଓ ଭୁବନେଶ୍ୱରର ମୁଖ୍ୟ ସ୍ୱାମୀ ଜଗନ୍ନାଥ ନନ୍ଦ, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ,ମହନ୍ତ ସୁଭାନନ୍ଦ ପୁରୀ, ମହାସଚିବ ଡ. ଭାସ୍କର ମିଶ୍ର ଯୋଗ ଦେଇ ଏଭଳି ସମ୍ମିଳନର ଆବଶ୍ୟକତା ସବୁବେଳେ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ନାଇଜେରିଆ ଜଗନ୍ନାଥ ମନ୍ଦିରର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, ବିଶାଖାପାଟଣା ମନ୍ଦିର ସଭାପତି ଜିତେନ୍ଦ୍ର କୁମାର ନାୟକ, ହାଇଦ୍ରାବାଦ ଜଗନ୍ନାଥ ମନ୍ଦିର ସଭାପତି ବିଭୁତି ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ କାର୍ଯ୍ୟକାରୀ ସଭାପତି ଗରୁକଲ୍ୟାଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ସିବିରେ ବ୍ୟାଟେରୀ ଗାଡି ସମସ୍ୟା ଉତ୍କଟ, ରୋଗୀ ହନ୍ତସନ୍ତ

କଟକ, (ସବ୍ୟୁ): ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସସିବି)ରେ ତୁଟିନି ବ୍ୟାଟେରୀ ଗାଡି ସମସ୍ୟା । ମେଡିକାଲରେ ବ୍ୟାଟେରୀ ଗାଡ଼ି ଥାଇ ମଧ୍ୟ କାମରେ ଆସୁନି । ଏପରକି ମେଡିକାଲର ନର୍ଶିଂ କଲେଜ ନିକଟରେ ବ୍ୟାଟେରୀ ଗାଡ଼ି ଖରାପ ହୋଇ ଖତ ଖାଉଥିବାବେଳ ଅଧିକାଂଶ ଗାଡ଼ିରେ ଚାର୍ଜ ନଥିବାରୁ ତାହା ରୋଗୀ ସେବାରେ ଆସିପାରୁ ନାହିଁ । ମେଡିକାଲରେ ବ୍ୟାଟେରୀ ଗାଡ଼ି ଚାର୍ଜ ସ୍ଥାନରେ କର୍ମଚାରୀଙ୍କ ଗାଡ଼ି ଚାର୍ଜ କରାଯାଉଥିବା ଦୃଶ୍ୟ ନଜରକୁ ଆସିଛି । ଏପରିକି ରୋଗୀଙ୍କ ସମ୍ପର୍କୀୟ ବ୍ୟାଟେରୀ ଗାଡ଼ି ପାଇଁ ସହାୟତା କେନ୍ଦ୍ରକୁ ଯୋଗାଯୋଗ କଲେ ସେଠାରେ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ଫୋନ ରିସିଭ କରୁ ନାହାଁନ୍ତି ଏବଂ ମୁଖ୍ୟତଃ ରାତି ସମୟରେ ଏହାର ସୁବିଧା ପାଇ ପାରୁ ନାହାଁନ୍ତି । ଫଳରେ ରୋଗୀ ଓ ସମ୍ପର୍କୀୟ ମେଡିକାଲରେ ଗୋଟିଏ ୱାର୍ଡ଼ରୁ ଅନ୍ୟତ୍ର ଯିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମିଳିଥିବା ସୂଚନାଅନୁଯାୟୀ, ଏସ୍ସିବି ମେଡିକାଲରେ ରୋଗୀଙ୍କୁ ଗୋଟିଏ ୱାର୍ଡ଼ରୁ ଅନ୍ୟତ୍ର ନେବା ଆଣିବା କରିବା ନିମନ୍ତେ ବ୍ୟାଟେରୀ ଗାଡ଼ି ବ୍ୟବସ୍ଥା ଦୀର୍ଘ ୧୫ ବର୍ଷ ହେବ ଉପଲବ୍ଧ ରହିଛି । ନାଲକୋ ପକ୍ଷରୁ ମେଡ଼ିକାଲକୁ ୨୦ଟି ବ୍ୟାଟେରୀ ଗାଡ଼ି ଯୋଗାଇ ଦିଆଯାଇଥିଲାଛ ଗାଡ଼ି ଗୁଡ଼ିକର ରକ୍ଷଣାବେକ୍ଷଣା କରିବା ନିମନ୍ତେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଏହି ବ୍ୟାଟେରୀ ଗାଡ଼ିର ସେବା ଯେପରି ଲୋକ ପାଇ ପାରିବେ ସେଥିନେଇ ୪ଟି ସହାୟତା କେନ୍ଦ୍ର ମେଡିକାଲ ପରିସରରେ କରାଯାଇ ପ୍ରାୟ ୩୪ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ହେଲେ ମେଡିକାଲରେ ବ୍ୟାଟେରୀ ଗାଡ଼ିର ରକ୍ଷଣାବେକ୍ଷଣା ଠିକ୍ ଭାବେ କରାଯାଉ ନାହିଁ । ଯାହାଫଳରେ ମେଡ଼ିକାଲର ନର୍ସିଂ କଲେଜ ନିକଟରେ ବ୍ୟାଟେରୀ ଗାଡ଼ି ଖରାପ ହୋଇ ଖତ ଖାଉଥିବାବେଳେ ୨୦ଟି ଗାଡ଼ିରୁ ଦୁଇଟି ସମ୍ପୂର୍ଣ ଭାବେ ଖରାପ ହୋଇଛି ଏବଂ ଯେଉଁ ଗାଡ଼ି ଗୁଡ଼ିକ ଠିକ୍ ଅଛି ସେଥିରେ ଚାର୍ଜ ନ ରହିବାରୁ ତାହା ରୋଗୀ ସେବାରେ ଆସି ପାରୁ ନାହିଁ । ଏଭଳି ଅବ୍ୟବସ୍ଥା ହେବାରୁ ମେଡିକାଲକୁ ଦୂରଦୂରାନ୍ତରରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି । ଏନେଇ ମେଡିକାଲକୁ ଆସିଥିବା କେନ୍ଦୁଝର ଅଞ୍ଚଳର ରୋଗୀଙ୍କ ସମ୍ପର୍କୀୟ ଅକ୍ଷୟ ପଟ୍ଟନାୟକ କହିନ୍ତି, ମୋ ପତ୍ନୀକୁ ଡାକ୍ତର ସିଟି ସ୍କାନ ପରୀକ୍ଷା କରାଇବାକୁ କହିଛନ୍ତି । ଭେଷଜ ବିଭାଗରୁ ରଞ୍ଜନ ରଶ୍ମୀ ବିଭାଗକୁ ନେବା ପାଇଁ ବ୍ୟାଟେରୀ ଗାଡ଼ିକୁ ଯୋଗାଯୋଗ କରୁଛି ହେଲେ କେହି ଫୋନ ରିସିଭ କରୁ ନାହାଁନ୍ତି । ପ୍ରାୟ ଅଧଘଣ୍ଟା ହେବ ଗାଡ଼ି ଅପେକ୍ଷାରେ ରହିଛି । ମେଡିକାଲରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କହିଛନ୍ତି । ଏନେଇ ମେଡିକାଲ କୂଳସଚିବ ସୁବାସ ରାଏ କହିଛନ୍ତି, ମେଡିକାଲରେ ଥିବା ବ୍ୟାଟେରୀ ଗାଡ଼ି ସଂଖ୍ୟା ରୋଗୀ ସେବା ପାଇଁ ଯଥେଷ୍ଟ ନଥିବାରୁ ଅଧିକ ଗାଡ଼ି ଅଣାଯିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ମେଡିକାଲ ପକ୍ଷରୁ ହୁଡକୋକୁ ଆଉ ୧୦ଟି ବ୍ୟାଟେରୀ ଗାଡି ଯୋଗାଇ ଦେବାକୁ ଚିଠି ଲେଖାଯାଇଛି ଖୁବଶୀଘ୍ର ମେଡିକାଲକୁ ଏହି ଗାଡ଼ି ଅଣାଯିବାର ବ୍ୟବସ୍ଥା କରାଯାଉଛି । ଅନ୍ୟପଟେ ମେଡ଼ିକାଲରେ ବ୍ୟାଟେରୀ ଗାଡ଼ି ସୁବିଧା ରାତି ୧୧ଟାରୁ ସକାଳ ୫ଟା ଯାଏଁ ବନ୍ଦ ରହିବା ପାଇ ପୂର୍ବରୁ ନିଷ୍ପତ୍ତି କରାଯାଇଥିଲା । ସେ ଦିଗରେ ଏବେ ବିଚାର କରାଯିବ ଏବଂ ଆଗାମୀ ଦିନରେ ରାତି ସମୟରେ ଗାଡ଼ି ବ୍ୟବହାର କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ରାଏ କହିଛନ୍ତି ।

# ତାଇୱାନ୍ ଚାଓୟାଙ୍ଗ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ୬୮ତମ ସମ୍ମାନ ସୂଚକ ଡକ୍ଟରେଟ୍



ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତଙ୍କୁ ତାଇୱାନ୍ ଚାଓୟାଙ୍ଗ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ସିୱାଇୟୁଟି)ରୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଶନିବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୮ ତମ ସମ୍ମାନ ସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ସିୱାଇୟୁଟିର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସାମନ୍ତଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଚାଓୟାଙ୍ଗ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅତିଥିଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ତାଓ-ମିଙ୍ଗ ଚେଙ୍ଗ୍ ସମେତ ବହୁ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି, ବିଦ୍ୱାନ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଓକିଲ ସଂଘ ସତ୍ୟାଗ୍ରହକୁ ଆଇନଜୀବୀ ସଂଘ ରାଜ୍ୟ କମିଟିର ସମର୍ଥନ

ପୁରୀ,(ସବ୍ୟୁ): ପୁରୀ ଅଦାଲତ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରି ପୁରୀ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ୧୦୧ ଦିନ ଧରି ଚାଲୁ ଥିବା ସତ୍ୟାଗ୍ରହକୁ ସର୍ବଭାରତୀୟ ଆଇନଜୀବି ସଂଘ ଓଡ଼ିଶା ରାଜ୍ୟ କମିଟି ଦୃଢ଼ ସମର୍ଥନ କରିଛି । ଶନିବାର ଦିନ ରାଜ୍ୟ ନେତୃବୃନ୍ଦ ତଥା ଓଡିଶା ହାଇକୋର୍ଟଙ୍କ ବରିଷ୍ଠ ଆଇନଜିବୀ ତଥା ଏଆଇଲୟୁର ରାଜ୍ୟ ସଭାପତି ଲକ୍ଷ୍ମୀଧର ପଙ୍ଗାରି, ସଂପାଦକ ଦୀପକ ମହାପାତ୍ର, ଭଦ୍ରକର ରାଧା ଦାସ, ରାଉଲକେଲାର ରାଜକିଶୋର ପ୍ରଧାନ, ଚନ୍ଦ୍ରଭାନୁ ଦାସ ସମେତ ରାଜ୍ୟ ନେତୃତ୍ୱ ପୁରୀ ବାର ସମ୍ମୁଖରେ ଚାଲି ଥିବା ସତ୍ୟାଗ୍ରହ ସ୍ଥଳକୁ ଆସି ସତ୍ୟଗ୍ରହି ମାନଙ୍କୁ ସମର୍ଥନ ଜଣାଇଥିଲେ । କଚେରୀ ଠାରୁ କୋର୍ଟକୁ ଅଲଗା କରିବା ବିଚାର ଓ ନ୍ୟାୟର ପରିପନ୍ଥୀ ଅଟେ । କୌଣସି କାରଣ ନଥାଇ ଓକିଲଙ୍କ ସହ କିମ୍ବା ବାର ସହ ଆଲୋଚନା ନ କରି ଏକ ପାଖିଆ ନିଷ୍ପତ୍ତି ଓକିଲଙ୍କ ପାଇଁ ଅପମାନ । ପୁରୀରେ ଯେଉଁ ଜାଗାକୁ ନେବା ପାଇଁ ନିଷ୍ପତ୍ତି କରିଛନ୍ତି ତାହା କଟକଣା ଥିବା ସତ୍ତ୍ୱେ କିପରି ସ୍ଥାନାନ୍ତର କରିବେ ଓ କାହିଁକି କରିବେ ।

# ‘ଆମ ପରିବେଶ କଥା’ ଉନ୍ମୋଚିତ




ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପରିବେଶ ସମିତି ଅନୁକୁଲ୍ୟରେ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସମିତିର କାର୍ଯ୍ୟକାରୀ ସଭାପତି ତଥା ପରିବେଶ ବିଶେଷଜ୍ଞ ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଲିଖିତ ଏବଂ ଜ୍ଞାନଯୁଗ ପ୍ରକାଶନ ଦ୍ୱାରା ପ୍ରକାଶିତ ପୁସ୍ତକ ’ଆମ ପରିବେଶ କଥା’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଭାପତି ପ୍ରଫେସର ବି ସୀତାରାମ ପାତ୍ର, ମୁଖ୍ୟଅତିଥି ତଥା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସିପେଟ୍ର ମୁଖ୍ୟ ନିର୍ଦ୍ଦେଶକ ଇଂ ପ୍ରମୋଦ କୁମାର ସାହୁ, ସମିତିର ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର, ପ୍ରକାଶକ ପ୍ରତିନିଧି ତୁଷାର ବରଣ ସାହୁ ଏବଂ ଡ. ପାଣିଗ୍ରାହୀ ଉପସ୍ଥିତ ଥିଲେ । ପରିବେଶ ସୁରକ୍ଷାର ବାର୍ତ୍ତାକୁ ସମାଜର ସବୁ ବର୍ଗର ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ପ୍ରଥମ ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ଛୋଟ ଅବସ୍ଥାରୁ ପ୍ରକୃତି ଓ ପରିବେଶ ବିଷୟରେ ମୌଳିକ ଜ୍ଞାନ ପ୍ରଦାନ କରିବା । ବୃଦ୍ଧି ପାଉଥିବା ପରିବେଶ ସମସ୍ୟା ସବୁ ବିଷୟରେ ପ୍ରାରମ୍ଭିକ ଅବସ୍ଥାରୁ ସେମାନଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ ଏବଂ ସଚେତନ କରିବା ଉଦ୍ଦେଶ୍ୟରେ ପୁସ୍ତକଟି ଲିଖିତ । ବାଲ୍ୟ ଅବସ୍ଥାରୁ ସଚେତନ ହେଲେ ସେମାନେ ଆଗକୁ ପ୍ରକୃତିର ସଂରକ୍ଷଣ ନିମନ୍ତେ ‘ସବୁଜ ସୈନିକ’ର ଭୂମିକା ନିର୍ବାହ କରିବେ ବୋଲି ଡ. ପାଣିଗ୍ରାହୀ ଆଶା ପୋଷଣ କରିଛନ୍ତି ।

## ଦେଶର ଦୁଇଟି ପ୍ରମୁଖ ରେଳ ଇଞ୍ଜିନିୟରିଂ ପ୍ରକଳ୍ପରେ
# ଏଏମ୍/ଏନ୍ଏସ୍ ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ

ଭୁବନେଶ୍ୱର,(ସବ୍ୟୁ): ଆର୍‌ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଦେଶର ଦୁଇଟି ଐତିହାସିକ ରେଳ ସେତୁ ନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ଯୋଗାଇ ଭାରତର ଆଧୁନିକ ଭିତ୍ତିଭୂମି ପ୍ରକଳ୍ପରେ ଏହାର ଯୋଗଦାନକୁ ଆହୁରି ସୁଦୃଢ଼ କରିଛି । ବିଶ୍ୱର ସବୁଠାରୁ ଉଚ୍ଚ ରେଳସେତୁ- ଚେନାବ ସେତୁ ପାଇଁ ୭୦% ଫ୍ଲାଟ, ଇସ୍ପାତ ଏବଂ ଭାରତର ପ୍ରଥମ କେବୁଲ ଷ୍ଟେଡ ରେଳସେତୁ-ଅଞ୍ଜିଖାଡ୍ ପାଇଁ ୧୦୦% ଇସ୍ପାତ ଯୋଗାଇଛି । ଏଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବିଶ୍ୱସ୍ତରୀୟ ଇସ୍ପାତ ଯୋଗାଣ ଏଏମ୍/ଏନ୍ଏସ୍ ଇଣ୍ଡିଆ ପାଇଁ ଗର୍ବର ବିଷୟ । ଚେନାବ ସେତୁ ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆ ପ୍ରାୟ ୨୫ ହଜାର ମେଟ୍ରିକ୍ ଟନ୍ ଉଚ୍ଚ ଶକ୍ତି ସଂରଚନାତ୍ମକ ଇସ୍ପାତ ଯୋଗାଇଥିଲା । ଯାହା ସେତୁ ନିର୍ମାଣ ପାଇଁ ଆବଶ୍ୟକ ମୋଟ୍ ଇସ୍ପାତର ୭୦% ଅଟେ । ଏଥିରେ ବିଭିନ୍ନ ଉତ୍ପାଦନ ପାଇଁ ନିର୍ଦ୍ଦିଷ୍ଟ ଇସ୍ପାତ ଗ୍ରେଡ ଅନ୍ତର୍ଭୁକ୍ତ । ପୂରଣ କରିଥିଲା । ହାଜିରା ପ୍ଲାଣ୍ଟରେ ନିର୍ମିତ ଏହି ଇସ୍ପାତ ସେତୁର ଅସାଧାରଣ ଡିଜାଇନ୍ ଓ ପରିବେଶଗତ ଚ୍ୟାଲେଞ୍ଜକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଛି । ଏହି ସଫଳତା ବିଷୟରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି କମ୍ପାନୀର ଏହି ପଦକ୍ଷେପ ବିକଶିତ ଭାରତ ଦୃଷ୍ଟିକୋଣର ଏକ ଜୀବନ୍ତ ଉଦାହରଣ ।

### ଚେନାବ ସେତୁ ପାଇଁ ୭୦% ଇସ୍ପାତ ଏବଂ ଅଞ୍ଜିଖାଡ୍ ପାଇଁ ୧୦୦% ଇସ୍ପାତ ଯୋଗାଣ

ଅଞ୍ଜିଖାଡ଼ ସେତୁ ପାଇଁ ମଧ୍ୟ ଏଏମ୍/ଏନ୍ଏସ୍ ଇଣ୍ଡିଆ ପ୍ରାୟ ୭ ହଜାର ମେଟ୍ରିକ୍ ଟନ୍ କଷ୍ଟମାଇଜ୍ ଫେବ୍ରିକେଟେଡ ଇସ୍ପାତ ଷ୍ଟ୍ରକ୍ଚର ଯୋଗାଇଥିଲା । ଯାହା ପ୍ରକଳ୍ପର ୧୦୦% ଇସ୍ପାତ ଆବଶ୍ୟକତା




# ୨ ଭଉଣୀଙ୍କୁ ଗଣଦୁଷ୍କର୍ମ ମାମଲା: ୪ ଗିରଫ

## ଆଇନଶୃଙ୍ଖଳାକୁ ନେଇ ଏସପିଙ୍କୁ ଫେରାଦ ହେଲା ବିଜେଡ଼ି



ବ୍ରହ୍ମପୁର, (ସବ୍ୟୁ): ଗୋଳନ୍ଥରା ଥାନା ଅଞ୍ଚଳରେ ଗତ ୩ ଓ ୪ ତାରିଖ ଦୁଇ ଦିନ ଧରି ୨ନାବାଳିକା ଭଉଣୀଙ୍କୁ ହୋଇଥିବା ଗଣ ଦୁଷ୍କର୍ମ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଏନେଇ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।ଏଭଳି ଏକ ଲଜ୍ଜ୍ୟାଜନକ ଘଟଣାର ମାଷ୍ଟେରମାଇଣ୍ଡ ସମେତ ୪ ଜଣଙ୍କୁ ପୋଲିସ ବାନ୍ଧିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର କେ. ଶିବା(୨୧),କେ. ସାଇ(୨୧), ଜି ଗରେୟା(୨୧) ଓ ଏନ. ଶ୍ରୀନୁ(୨୨)ଛ ଉକ୍ତ ଗଣ ବଳାତ୍କାର ଘଟଣାର ମାଷ୍ଟେରମାଇଣ୍ଡ କେ. ସାଇ ହୋଇଥିବା ବେଳେ ସେ ଗାଁମୁଖିଆଙ୍କ ପୁଅ ବୋଲି ଜଣାପଡିଛି। ସେହିପରି ଅଭିଯୁକ୍ତ ମାନେ ବ୍ୟବହାର କରିଥିବା ମୋବାଇଲ ଓ ସେମାନଙ୍କ ବାଇକ ମଧ ଜବତ ହୋଇଛି। ପିଡ଼ିତା ଓ ଅଭିଯୁକ୍ତ ମାନଙ୍କ ମେଡିକାଲ ପରୀକ୍ଷା କରାଯାଇଛି। ମାମଲା ନଂ ୨୪୦/୨୫ ରେ ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।ସେପଟେ ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବଢିବା ଓ ଗଣ ଦୁଷ୍କର୍ମରେ ପୀଡ଼ିତ ନାବାଳିକାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଦାବିରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବ୍ରହ୍ମପୁର ଏସପିଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ବିଜେଡ଼ିସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରାଯାଇଥିଲା ।ବିଜେଡି ପ୍ରତିନିଧି ମଣ୍ଡଳୀରେ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ପ୍ରମିଳା ବିଷୋୟୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବିଜେଡି ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ, ପୂର୍ବତନ ବିଧାୟକ ଲତିକା ପ୍ରଧାନ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାଷ ବେହେରା, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଅଜିତ ଦାସ, ଦୀପକ ସାମନ୍ତ, ପୂର୍ବତନ ଜିଲ୍ଲା ସଭାପତି ସୁବାଷ ମହାରଣା, ଦଳର ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ନାରାୟଣ ଜେନା, ଦଳର ଅନ୍ୟ କର୍ପୋରେଟର ମାନେ ଉପସ୍ଥିତ ଥିଲେ। ଘଟଣାରୁ ପ୍ରକାଶ ଯେ, ଗଞ୍ଜାମ ପୋଲିସ ଥାନା ଅଞ୍ଚଳରେ ରହୁଥିବା ଜନୈକା ମହିଳା ଗୋଳନ୍ଥରା ଥାନା ଅଞ୍ଚଳରେ ରହୁଥିବା ତାଙ୍କ ବାପା ଘରକୁ ଦୁଇ ୧୪ ଓ ୧୧ ବର୍ଷର ନାବାଳିକା ସହ ଆସିଥିଲେ ।ଉକ୍ତ ଗ୍ରାମର ଗାଁମୁଖିଆଙ୍କ ପୁଅ କେ. ସାଇ ଗତ ୩ ତାରିଖ ଅପରାହ୍ଣରେ ଉକ୍ତ ନାବାଳିକାଙ୍କୁ ଡାକି ନେଇ ଏକ ନିର୍ଜନ ସ୍ଥାନରେ ସେ ଓ ଅନ୍ୟ ୩ ସାଙ୍ଗ ଗଣ ଦୁଷ୍କର୍ମ କରିଥିଲେ।ଦୀର୍ଘ ସମୟ ପର୍ଯ୍ୟନ୍ତ ଭଉଣୀ ଘରକୁ ଫେରିନଥିବା ବେଳେ ତାଙ୍କୁ ଖୋଜିବା ପାଇଁ ତାଙ୍କର ୧୧ବର୍ଷର ଭଉଣୀ ଖୋଜିଖୋଜି ସେଠାରେ ପହଞ୍ଚି ଭଉଣୀର ଏଭଳି ଅବସ୍ଥା ଦେଖି ହାତବାକ ହୋଇପଡିଥିଲେ। ପରେ ଉକ୍ତ ଯୁବକମାନେ ଉଭୟ ଭଉଣୀଙ୍କୁ ଭୟଭୀତ କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଦୁଇ ଭଉଣୀ ନିକଟରେ ଥିବା ଏକ ଘରର ଛାତରେ ରହିଯାଇଥିଲେ। ୪ତାରିଖ ସକାଳେ ଉକ୍ତ ଯୁବକ ମାନେ ସେଠାରେ ପହଞ୍ଚି ଦୁଇ ଭଉଣୀଙ୍କୁ ତାଙ୍କ ଗାଁରେ ଛାଡିଦେବି ବୋଲି କହି ଗାଡି ରେ ନେଇଥିଲେ। ଛତ୍ରପୁର ନିକଟରେ ସେମାନେ ଉଭୟଙ୍କୁ ପୁଣିଥରେ ଗଣ ଦୁଷ୍କର୍ମ କରିଥିଲେ। ପରେ ସେମାନଙ୍କୁ ନେଇ ଗଞ୍ଜାମ ନିକଟରେ ଛାଡି ଚାଲିଯାଇଥିଲେ। ଦୁଇ ଝିଅଙ୍କୁ ନପାଇ ତାଙ୍କ ମା'ଚିନ୍ତିତ ଥିବା ବେଳେ ଝିଅ ମାନେ ଗଞ୍ଜାମ ରେ ଥିବା ଜଣାପଡିଥିଲା। ପରେ ମା'ସେଠାରେ ପହଞ୍ଚି ଝିଅ ମାନଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣି ପୁଣିଥରେ ବାପା ଘର ଗାଁକୁ ଆସି ତାଙ୍କ ଭାଇଙ୍କୁ ଜଣାଇଥିଲେ। ପରେ ଗାଁମୁଖିଆକୁ ଯାଇ ତାଙ୍କ ପୁଅ ଏହି କାଣ୍ଡ ଘଟାଇଥିବା କହିଥିଲେ। ହେଲେ ସେ ଏହାକୁ ହାଲୁକା ଭାବେ ନେଇଥିଲେଛ ନିରାଶ ହୋଇ ମହିଳା ଜଣଙ୍କ ଏନେଇ ଗୋଳନ୍ଥରା ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉକ୍ତ ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା ବୋଲି କହିଛି।

# କରସିଂ ବିଦେଶୀ ମଦ ଦୋକାନରେ ନକଲି ବିକ୍ରି

ବୁଗୁଡ଼ା (ସବ୍ୟୁ) : ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ଚୋରା ମଦ ବିକ୍ରୀ ବୃଦ୍ଧି ପାଉଥିବାବେଳେ ସରକାରୀ ମଦ ଦୋକାନରେ ମଧ୍ୟ ବିକ୍ରୀ ହେଉଛି ନକଲି ମଦ । ଅସଲି ବୋତଲ ଭିତରେ ବିକ୍ରୀ ହେଉଛି ନକଲି ମଦ । ଏମିତି ଅଭିଯୋଗ ଆସିଛି ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଂ ଗ୍ରାମରୁ । ଏହି ଗ୍ରାମରେ ଥିବା ସରକାରୀ ବିଦେଶୀ ମଦ ଦୋକାନରୁ ମଦ ନେଉଥିବା ଗ୍ରାହକ ଅଭିଯୋଗ କରିଛନ୍ତି । ଏଠାରେ ଗୋଟିଏ କମ୍ପାନୀର ବୋତଲ ଉପରେ ଲାଗିଛି ଅନ୍ୟ କମ୍ପାନୀର ଠିପି । କିଛି ଗ୍ରାହକ ଏହି ଦୋକାନରୁ ଆଇକନିକ୍ ହ୍ୱିସ୍କି କିଣିଲା ପରେ ଦେଖିଥିଲେ ସେଥିରେ ବି ସେଭେନ ହ୍ୱିସ୍କିର ଠିପି ଲାଗିଛି ଏବଂ ଭିତରେ କିଛି କାଠି ଭାସୁଛି ଏନେଇ ଗ୍ରାହକ ଦୋକାନୀକୁ କହିବାରେ ଆଉ ଗୋଟେ ବଦଳାଇ ନେଇଯାଅ ବୋଲି ଜବାବ ଦେଇଥିଲେ । ଏହି ଖବର ଶୁଣି କିଛି ଲୋକ ସେଠାରେ ରୁଣ୍ଡ ହୋଇ ଅବକାରୀ ବିଭାଗକୁ ଖବର ଦେଇଥିଲେଛ ଖବର ପାଇ ବୁଗୁଡ଼ା ପୋଲିସ , ବୁଗୁଡ଼ା ଅବକାରୀ ବିଭାଗ ଓ ଭଞ୍ଜନଗର ଅବକାରୀ ଥାନା ଇନିସ୍ପେକ୍ଟର ଡମ୍ବରୁଧର ହରିଜନ ସେଠାରେ ପହଞ୍ଚି ତଦନ୍ତ କରିବା ସହିତ ସିସିଟିଭି ଏବଂ ଦୋକାନ ଯାଞ୍ଚ କରି ପରୀକ୍ଷା ପାଇଁ କିଛି ସାମ୍ପୁଲ ସଂଗ୍ରହ କରଛନ୍ତି ।ଏପରିକି ଦୋକାନରେ ରେଟ୍ ଚାର୍ଟ ଏବଂ ଲାଇସେନ୍ସ ନଥିବା ବେଳେ ପ୍ରିଣ୍ଟରେଟଠାରୁ ଅଧିକ ଦାମରେ ମଦ ବିକ୍ରୀ ହେଉଛି । ଅଭିଯୋଗ କଲେ ଗ୍ରାହକଙ୍କୁ ଖରାପ ବ୍ୟବହାର ଦେଖାଉଥିବା ନେଇ ଅବକାରୀ ଅଧିକାରୀଙ୍କୁ ଜଣାଇବା ପରେ ସମ୍ପୃକ୍ତ ଦୋକାନୀକୁ ତାଗିଦ କରିବା ସହ ଆଗାମୀ ଦିନରେ ଏହିଭଳି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ମଦ ଦୋକାନକୁ ସିଲ୍ କରିଦିଆଯିବ ବୋଲି ଅବକାରୀ ଅଧିକାରୀ ତାଗିଦ୍ କରିଥିଲେ ।

# ଅସହ୍ୟ ହେଲାଣି ବୁଗୁଡ଼ା ଏନ୍ଏସିର ଦୁର୍ଗନ୍ଧ

ବୁଗୁଡ଼ା ,(ସବ୍ୟୁ) : ସଂପ୍ରତି ବୁଗୁଡ଼ା ଏନ୍ଏସି ଦୁର୍ଗନ୍ଧକୁ ନେଇ ସର୍ବସାଧାରଣରେ ସମାଲୋଚନାର ହକଦାର ପାଲଟିଛି । ଏନ୍ଏସି ମଧ୍ୟରେ ମୁକ୍ତାକାଶ ପରିସ୍ରା ସ୍ଥଳ ଯୋଗୁଁ ପଞ୍ଚାଗଳି, ବସଷ୍ଟାଣ୍ଡ ପଛପଟ, ମେଡିକାଲର ଆଗପଟ, ପଶୁ ଚିକିତ୍ସାଳୟ ପରିସର ଆଦି ଭଳି ଆହୁରି ଅନେକ ଦୁର୍ଗନ୍ଧ ସ୍ଥଳ ରହିଥିବା ବେଳେ ପରିବା ବଜାର ସମ୍ମୁଖସ୍ଥ ଆବର୍ଜନା ଜମାସ୍ଥଳ ଦୁର୍ଗନ୍ଧରେ ସବୁଠାରୁ ଆଗରେ ରହି ଚର୍ଚ୍ଚାର ପରିସରକୁ ଆସିଯାଇଛି । ସେଠାରେ ପରିବା ବଜାର ଆବର୍ଜନା ପକାଇବା ପାଇଁ କୁଣ୍ଡ ହୋଇଛି ଏବଂ ସେଥିରେ ଜୈବିକ ଆବର୍ଜନା ମଧ୍ୟ ଗଦା ହେଉଛି । ତେବେ ଏନ୍ଏସି ପ୍ରଶାସନର ଅବହେଳା କାରଣରୁ ତାହାକୁ ନିୟମିତ ସଫା କରାଯାଉ ନଥିବାରୁ ସେଠାରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଫଳରେ ସେହି ପାଖ ଦେଇ ଯିବାବେଳେ ଲୋକଙ୍କୁ ଅଣନିଶ୍ୱାସୀ ହେବାକୁ ପଡୁଛି । ଅନ୍ୟପକ୍ଷରେ ମୁଖ୍ୟ ସଡକକୁ ସଂଯୋଗ କରୁଥିବା ବାଲିପିଣ୍ଡି ରାସ୍ତାକୁ କିଛି ଅମାନିଆ ବେପାରୀ ଅକ୍ତିଆର କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବାରୁ ଲୋକେ ସେହି ରାସ୍ତାରେ ନଯାଇପାରି ଏହି ନାକ ଫଟା ଦୁର୍ଗନ୍ଧ ସ୍ଥଳ ଦେଇ ଯାତାୟତ କରିବାକୁ ବାଧ୍ୟ ହେଉଛନ୍ତି । ଏନେଇ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ଛ ଏଣୁ , ଉକ୍ତ କର୍ତ୍ତୃପକ୍ଷ ଏହି ଅବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି ।

## ଦୁଇ ଆକ୍ରମଣକାରୀଙ୍କୁ ବାନ୍ଧିଲା ପୋଲିସ



ବ୍ରହ୍ମପୁର,(ସବ୍ୟୁ) : ଜଣେ ଯୁବକଙ୍କୁ ମରାଣାନ୍ତକ ଆକ୍ରମଣ ଅ ଅଭିଯୋଗରେ ଗୋଷାଣୀନୁଆଗାଁ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଛି। ଅଭିଯୁକ୍ତମାନେ ହେଲେ ଲାଞ୍ଜିପଲ୍ଲୀର ଓଁମ୍ ପ୍ରସାଦ ପଣ୍ଡା (୩୦) ଓ ରାମ ନଗର ୮ମ ଲାଇନ ତଥା ଚନ୍ଦନ ନଗରରେ ରହୁଥିବା ସୁନୀଲ ପରିହାରି(୩୬) । ସେମାନଙ୍କୁ ମାମଲା ନଂ ୧୮/୨୫ ରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ , ହିଲପାଟଣା ଅଞ୍ଚଳର ରାଜେଶ ଷଡ଼ଙ୍ଗୀ (୪୨)ଗତ ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ଖାଇବା ନେଇ ଘରକୁ ଫେରୁଥିଲେ। ହିଲପାଟଣା ତୃତୀୟ ଲାଇନ ଛକ ରେ ୩ଜଣ ଯୁବକ ରାଜେଶଙ୍କ ଗାଡ଼ିକୁ ଅଟକାଇ ଗାଳି ଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିଥିଲେ। ପରେ ଉକ୍ତ ଅଭିଯୁକ୍ତ ମାନେ ତାଙ୍କୁଛମରାଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହୋଇ ଫେରିବା ପରେ ସେ ଏନେଇ ଗୋଷାଣୀନୁଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ଏକ ମମାଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା।

## ଲୁହା ଛଡରେ ଆକ୍ରମଣ: ୩ ଗିରଫ

ବ୍ରହ୍ମପୁର,(ସବ୍ୟୁ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଲୁହା ଛଡରେ ଆକ୍ରମଣ ହୋଇଥିଲା। ନିମଖଣ୍ଡି ଥାନା ପୋଲିସ ଏଥିରେ ସମ୍ପୃକ୍ତ ଥିବା ୩ ଅଭଭିଯୁକ୍ତଙ୍କୁ ଗିରଫ କରିଛି ।ସେମାନେ ହେଲେ ଗୁରୁଣ୍ଠି ଧୋବା ସାହିର ମନୋଜ କୁମାର ସେଠୀ(୩୪), ଶଙ୍କର ସେଠୀ(୩୩) ଓ ଶମ୍ଭୁ ସେଠୀ(୨୩) ଛ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଥାଉକି, ମାର୍ଥାପଲ୍ଲୀର ଆକାଶ କୁମାର ନାଇକ ଶୁକ୍ରବାର ଗୁରୁଣ୍ଠି ଗ୍ରାମରେ ଥିବା ନିଜ ମାମୁ ଘରକୁ ଯାଇଥିଲେ । ସନ୍ଧ୍ୟାରେ ଅଭିଯୁକ୍ତ ମନୋଜ କୌଣସି କାରଣକୁ ନେଇ ଆକାଶଙ୍କୁ ସେଠାରେ ତାଙ୍କୁ ଗାଳିଗୁଲଜ କରିଥିଲେ । ଏହାପରେ ଆକାଶ ବାଇକରେ ଯାଉଥିବା ବେଳେ ଅଭିଯୁକ୍ତ ମନୋଜ ଓ ତାଙ୍କ ସହଯୋଗୀ ଶଙ୍କର ଏବଂ ଶମ୍ଭୁ ମିଳିତଭାବେ ରାସ୍ତାରେ ତାଙ୍କୁ ଅଟକାଇ ଲୁହା ଛଡରେ ଆକ୍ରମଣ କରିଥିଲେ । ଏହାଦେଖି ଆକାଶଙ୍କ ମାମୁ ପୁଅ ଭାଇ ନିଲୁ ନାଇକ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ ଆକ୍ରମଣ କରିଥିଲେ । ଗ୍ରାମବାସୀ ସେଠାରେ ଜମା ହେବାରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ । ଘଟଣାକୁ ନେଇ ଆକାଶ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୭୨/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଧରିଥିଲା।

## ହତ୍ୟା ମାମଲା: ୩ ଗିରଫ, ଦୁଇ ଖଣ୍ଡା ଜବତ

ବ୍ରହ୍ମପୁର,(ସବ୍ୟୁ):ବିଦ୍ୟାଧର ପାଣିଗ୍ରାହୀ ହତ୍ୟା ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଦୁଇ ଭାଇ ସମେତ ୩ଜଣଙ୍କୁ ବଡ଼ବଜାର ପୋଲିସ ଗିରଫ କରିଛି। ସେମାନେ ହେଲେ ହତ୍ୟାକାଣ୍ଡ ଘଟଣାର ମାଷ୍ଟେରମାଇଣ୍ଡ ଜଗବନ୍ଧୁ ସାହିର ବଳିଆ ନାୟକ(୨୩) ତାଙ୍କ ସାନ ଭାଇ ମୋହନ ନାୟକ(୨୧) ଓ ସହଯୋଗୀ ଫାଷ୍ଟଗେଟ ଅଟୋନଗରର ରୋଶନ ଖଟେଇ(୨୩)ଛ ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ହୋଇଥିବା ଦୁଇଗୋଟି ଖଣ୍ଡା ଜବତ କରିଛି ପୋଲିସ । ପୂର୍ବରୁ ଏହି ମାମଲାରେ ପୋଲିସ ୫ଜଣ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ଏପ୍ରିଲ ୨୦ ତାରିଖରେ ବଳିଆ ନାୟକଙ୍କୁ ଆଗାସାହି ଛକ ଠାରେ ଜଗବନ୍ଧୁ ହୁଡା ସାହିର ବିଦ୍ୟାଧର ପାଣିଗ୍ରାହୀ ଓ ତାଙ୍କ ଜଣେ ସହଯୋଗୀ ଆଗାସାହି ଛକରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ବିଦ୍ୟାଧର ଓ ତାଙ୍କ ସହଯୋଗରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ହେଲେ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ବଳିଆ ଓ ତାଙ୍କ ସହଯୋଗୀମାନେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେଛ ଯୋଜନା କରି ରଖିଥିଲେ। ବିଦ୍ୟାଧର ଓ ତାଙ୍କ ସହଯୋଗୀ ଗତ ମେ ୧୭ ତାରିଖରେ ଜେଲରୁ ଜାମିନରେ ମୁକୁଳିଥିଲେ। ବିଦ୍ୟାଧରଙ୍କ ଗତିବିଧି ଉପରେ ବଳିଆ ଓ ତାଙ୍କ ସହଯୋଗୀମାନେ ନଜର ରଖିଥିଲେ। ଗତ ସୋମାବାର ବିଳମ୍ବିତ ରାତିରେ ବିଦ୍ୟାଧର ଓ ତାଙ୍କ ସାଙ୍ଗ ନରସିଂହ ସାହୁ ବ୍ରହ୍ମପୁର ରେଳ ଷ୍ଟେସନରୁ ନିଜ ଘରକୁ ଫେରୁଥିବା ବେଳେ ସାନବଜାର ଛକ ଠାରେ ବଳିଆ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ଅପହରଣ କରି ଜଗବନ୍ଧୁ ସାହିକୁ ନେଇ ବିଦ୍ୟାଧରଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରିଥିଲେ।

# ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ବିଜେପିର କର୍ମଶାଳା




ବ୍ରହ୍ମପୁର ,(ସବ୍ୟୁ) : ସେବା ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ କେନ୍ଦ୍ରରେ ୧୧ ବର୍ଷର ଓ ରାଜ୍ୟରେ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ବ୍ରହ୍ମପୁର ଗିରିରୋଡ ସ୍ଥିତ ପାଢ଼ୀ ସେଲିବ୍ରେସନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଯତୀନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେଛ ଏହି କର୍ମଶାଳାରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର,ଛତ୍ରପୁର ବିଧାୟକ କୃଷ୍ଣ ନାୟକ,ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ,ଭା ଜ ପା ବରିଷ୍ଠ ସଦସ୍ୟ ସୁରେଶ ପାଢ଼ୀ,ସିଦ୍ଧାନ୍ତ ଗଙ୍ଗଦେବ,ପୂର୍ବତନ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା,ପ୍ରଶାନ୍ତ ନାୟକ,ଗୌରୀ ସାମନ୍ତରାୟ,ପ୍ରଭାତ ଷଡ଼ଙ୍ଗୀ, ପ୍ରମୁଖ ମଞ୍ଚାସୀନ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ରନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କନ୍ଦ୍ର ସରକାରଙ୍କ ୩ରାଜ୍ୟରେ ଆୟୁଷ୍ମାନ ଯୋଜନା ନାକୁ ଲାଗୁ କରିବାରେ ସମସ୍ତ ଜନସାଧାରଣଙ୍କ କିପରି ଖୁସିର ଲହରୀ ଖେଳିଥିଲା ସେ ବିଷୟ ରେ ଯତୀନ ମହାନ୍ତି କହିଥିଲେ । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସୁଭଦ୍ରା ଯୋଜନାଠୁ ଆରମ୍ଭ କରି, ଲକ୍ଷପତି ଦିଦି, ଶ୍ରୀ ମନ୍ଦିରର ମନ୍ଦି ୪ ଦୁଆର ର ଖୋଲା, ରତ୍ନ ଭଣ୍ଡାରର ଚାବି ଖୋଲିବା କେନ୍ଦ୍ରର ୧୧ବର୍ଷ ଓ ରାଜ୍ୟର ୧ ବର୍ଷ ସଫଳତା ଠାରୁ ଆରମ୍ଭ କରି ଚାଷୀଙ୍କ ଧାନର ଏମ ଏସ ପି ବଢ଼ାଇବା ପର୍ଯ୍ୟନ୍ତ ବହୁ ଯୋଜନାର ଲାଭ ବାନ ଓଡିଶା ବାସୀ ଉପକୃତ ହୋଇଛନ୍ତି ବୋଲି ମୁଖ୍ୟ ଅତିଥି ମହାନ୍ତି କହିଥିଲେ। ଏହି କର୍ମଶାଳାରେ ବିଶ୍ୱ ପର୍ଯ୍ୟାବରଣ ରଣ ଦିବସ, ଯୋଗ ଦିବସ, ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କ ବଳିଦାନ ଦିବସ କିପରି ପାଳନ କରାଯିବ ସେ ବାବଦରେ ଆଲୋଚନା କରାଯାଇଥିଲା । ବ୍ରହ୍ମପୁର ବିଧାୟକ ନିଜ ବକ୍ତବ୍ୟ ମାଧ୍ୟମରେ ଅବଗତ କରିଥିଲେ ଯେ ୯ ତାରିଖରୁ ୨୬ ତାରିଖ ଯାଏ ସହରର ୩୬ ଟି ଓ୍ୱାର୍ଡ ରେ ମା ଙ୍କ ନାମରେ ଗଛ ଟିଏ କାର୍ଯ୍ୟକ୍ରମ ରେ ବୃକ୍ଷ ରୋପଣ କରାଯିବା ସହିତ ସରକାର ଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜନସାଧାରଣ ଙ୍କୁ ପ୍ରତେକ ଶକ୍ତି କେନ୍ଦ୍ର ରେ ଜଣାଇଦିଆଯିବା।ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ପ୍ରବକ୍ତା ଟି ଗୋପୀ,ବିଧାୟକ ଙ୍କ ପ୍ରତିନିଧି ପ୍ରଦୀପ ନାୟକ,ବନମାଳୀ ସେଠି,ଅଶୋକ ଶୁକ୍ଳ,ପୀତବାସ ପଣ୍ଡା, ମଣ୍ଡଳ ସଭାପତି ଜଗନ୍ନାଥ ଜେନା,ପରେଶ ରଥ,ବାଳକୃଷ୍ଣ ସାମନ୍ତରାୟ,ପ୍ରଣୟ ମହାପାତ୍ର,ପ୍ରଦୀପ ମିଶ୍ର,ତୁତୁନୁ ପାତ୍ର, ବିଧାୟକ ଙ୍କ ପ୍ରତିନିଧି ଶିବଶଙ୍କର ଭିକି ଆଚାରି,ପ୍ରତାପ ସେଠି,ବରୁଣ ନାଇଡୁ,ଅରୁଣ ନାଇଡୁ,ସମେତ ସମସ୍ତ ମଣ୍ଡଳ ଓ ଜିଲ୍ଲା ସ୍ତରୀୟ ନେତ୍ର ବୃନ୍ଦ ଉପସ୍ଥିତ ଥିଲେ। କର୍ମଶାଳାର ମହିଳା ମୋର୍ଚ୍ଚା,ଯୁବ ମୋର୍ଚ୍ଚା,ଏସ.ସି ମୋର୍ଚ୍ଚା, କାର୍ଯ୍ୟକର୍ତାଙ୍କ ଦ୍ୱାରା ସମସ୍ତ ନେତୃବୃନ୍ଦ ତଥା କାର୍ଯ୍ୟକର୍ତ୍ତା ଙ୍କୁ ସ୍ୱାଗତ କରାଯାଇଥିଲା ବେଳେ ଶେଷରେ ବିଧାୟକ କେ ଅନିଲ କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମଟର ଚାଳିତ ଟ୍ରଲି ରିକ୍ସା ଧକ୍କାରେ ୨ ବାଇକ୍ ଆରୋହୀ ଆହତ

ବୁଗୁଡ଼ା ,(ସବ୍ୟୁ) : ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଂ ଗାଁ ଗୁଡିସାହି ରାସ୍ତାରେ ମଟର ଚାଳିତ ଏକ ଟ୍ରଲି ରିକ୍ସାର ଧକ୍କାରେ ୨ ଜଣ ବାଇକ୍ ଆରୋହୀ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତ ୨ ବାଇକ୍ ଆରୋହୀ ତଥା ଦୁଇ ସଙ୍ଗାତ ହେଲେ ପାଙ୍ଗିଡି ଗ୍ରାମର ଶଙ୍କର ସ୍ୱାଇଁ(୩୫) ଓ ଗୋଳାବଞ୍ଜର ଗାଁର ଶଙ୍କର ପାତ୍ର(୪୨)।ଶନିବାର ଅପରାହ୍ଣରେ ଦୁଇ ସଙ୍ଗାତ ବାଇକରେ ଗୋଳାବନ୍ଧ ଗ୍ରାମକୁ କୌଣସି କାମରେ ଯାଉଥିଲେଛ ସାମନା ପଟୁ କେଶବ ସାହୁ ଦ୍ରୁତଗତିରେ ଟ୍ରଲି ରିକ୍ସା ଚଳାଇ ଏକ ହାଇଓ୍ୱାକୁ ଓଭରଟେକ୍ କରି ଆସୁଥିବା ବେଳେ ପ୍ରଥମେ ବିଦ୍ୟୁତ ବିଭାଗର ଗାଡି(ନଂ – ଓଡି ୦୭ ଏଏ ୯୭୦୧) ସହ ଧକ୍କା ହୋଇ ବାଇକକୁ ଧକ୍କା ଦେଇଥିଲା। ନିଶାସକ୍ତ ଟ୍ରଲି ରିକ୍ସା ଚାଳକ ଜଣକ କୌଶଳରେ ଡିଆଁ ମାରିଥିବା ବେଳେ ବାଇକ ଆରୋହୀ ଦ୍ୱୟ ଫୋପାଡି ହୋଇ ରାସ୍ତାକଡସ୍ଥ ଲଟାବୁଦାରେ ପଡିଥିଲେ। ଦୁର୍ଘଟଣାରେ ଶଙ୍କର ପାତ୍ରଙ୍କ ପୂର୍ବରୁ ରଡ୍ ପଡିଥିବା ଡାହାଣ ଗୋଡ ଏବଂ ଶଙ୍କର ସ୍ୱାଇଁଙ୍କ ଡାହାଣ ପାଦକୁ ଆଘାତ ଲାଗିଥିଲା। ଉଭୟ ଆହତଙ୍କୁ ସେଠାରୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା ।ଦୁର୍ଘଟଣାରେ ବିଦ୍ୟୁତ ବିଭାଗ ଗାଡିର ଫଛପଟ ଇଣ୍ଡିକେଟର ଲାଇଟ୍ ଭାଙ୍ଗି ଯାଇଥିବା ବେଳେ ବାଇକଟି ମଧ କ୍ଷତିଗ୍ରସ୍ତ ହୋଇଛି। ସୂଚନା ଯୋଗ୍ୟ ଯେ , ସମ୍ପ୍ରତି ବୁଗୁଡା ଅଞ୍ଚଳରେ ଏହି ମଟରଗାଡି ଇଞ୍ଜିନ୍ ସଂଯୁକ୍ତ ଟ୍ରଲି ରିକ୍ସାଗୁଡିକର ରାସ୍ତାରେ ଦ୍ରୁତଗତିରେ ଯାତାୟତ ଅନେକ ଦୁର୍ଘଟଣାର କାରଣ ପାଲଟିଥିବା ବେଳେ ଲୋକେ ଏହାକୁ ବିପଦ ମଣୁଛନ୍ତି। ତେଣୁ, ସ୍ଥାନୀୟ ପୋଲିସ ଏ ଦିଗରେ ଦୃଷ୍ଟି ଦେଇ ଏହି ମଟର ଚାଳିତ ଟ୍ରଲି ରିକ୍ସାଗୁଡିକର କ୍ଷୀପ୍ରଗତିକୁ ଲଗାମ ଦେବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା



ବାରିପଦା, (ସବ୍ୟୁ) : ବିକଶିତ ଭାରତ ଅମୃତକାଳ, ସେବା, ସୁଶାସନ ଏବଂ ଗରୀବ କଲ୍ୟାଣରେ ଭାରତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧିନ ଏକବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକାରୀ ହୋଇଥିବା ଲୋକାଭିମୁଖୀ ଯୋଜନା ଏବଂ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶୃତି ଡବଲ ଇଞ୍ଜିନ୍ ସରକାର ସଫଳତାର ସହିତ ପୂରଣ କରିଥିବାରୁ ବିଜେପିର ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆଜି ବାରିପଦା ସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟ ପର୍ଯ୍ୟବେକ୍ଷକ ଅଂଶୁମାନ ସବୁଜ ବର୍ମା, ଉଦଳାର ବିଧାୟକ ଭାସ୍କର ମଡେଇ, ବଡସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, ଉଦଳା ମ୍ୟୁନିସିପାଲଟିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ଓ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ଏକବର୍ଷରେ କାର୍ଯ୍ୟକାରୀ ହୋଇଥିବା ଯୋଜନା ସମୁହକୁ ଅଧିକ ପ୍ରଚାର, ପ୍ରସାର କରିବା ସହିତ ତୃଣମୂଳ ସ୍ତରରେ ପହଁଚାଇ ଅଧିକ ଜନସଚେତନ କରାଇବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳା ଦିନ ମଧ୍ୟରେ ପ୍ରତି ମଣ୍ଡଳରେ ଶେଷ କରିବା ପାଇଁ ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଶ୍ରୀ ମହାପାତ୍ର କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ତାଙ୍କ ଅନୁଭୂତିକୁ ବଖାଣିବା ସହିତ ଏହାପରେ ପହଞ୍ଚାବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର କରିଥିବାବେଳେ, ଶେଷରେ ଜିଲ୍ଲା ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବୈଠକରେ ଜିଲ୍ଲା ପଦାଧିକାରୀ, ଜିଲ୍ଲା।ମୋର୍ଚ୍ଚା ସଭାପତି, ମୋର୍ଚ୍ଚା ସାଧାରଣ ସମ୍ପାଦକ, ମଣ୍ଡଳ ସଭାପତି, ପୂର୍ବତନ ମଣ୍ଡଳ ସଭାପତି, ଜିଲ୍ଲା ପ୍ରତିନିଧି, ଜିଲ୍ଲାପରିଷଦ ସଦସ୍ୟ, ସଦସ୍ୟା ତଥା ଓ୍ୱାର୍ଡ କାଉଁସିଲର ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ୩ଶହରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି କର୍ମଶାଳାକୁ ସଫଳ କରାଇଥିଲେ ।

## ବ୍ରାଉନ୍ ସୁଗାର ଜବତ, ଯୁବକ ଗିରଫ

ବାରିପଦା, (ସବ୍ୟୁ) : ବାରିପଦା ଟାଉନ ଥାନା ଅନ୍ତର୍ଗତ ଚିପଟଅସ୍ତିଆ ନିକଟରୁ ଜଣେ ବାଇକ୍ ଆରୋହୀଙ୍କ ଠାରୁ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବ୍ରାଉନ୍ ସୁଗାର ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ରାତିରେ ବାରିପଦା ଟାଉନ ଥାନା ପକ୍ଷରୁ ପେଟ୍ରୋଲିଂ କରାଯାଉଥିବାବେଳେ ସୁମନ୍ତ ପଲେଇ(୩୨) ଓଆର-୧୧ଜେଡ୍-୨୧୬୮ ନମ୍ବର ବିଶିଷ୍ଟ ଏକ ବାଇକ୍‌ରେ ଯାଉଥିବାବେଳେ ଉକ୍ତ ଯୁବକଙ୍କୁ ସନ୍ଦେହ କରାଯାଇ ଚଢଉ କରାଯାଇଥିଲା । ଅଭିଯୁକ୍ତଙ୍କ ନିକଟରୁ ୫ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା । ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

## ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପ୍ରସ୍ତାବକୁ ସମ୍ବର୍ଦ୍ଧନା ଜଣାଇ ସଚେତନ ନାଗରିକ ମଞ୍ଚର ବୈଠକ

ବାରିପଦା, (ସବ୍ୟୁ) : ଭାରତ ବର୍ଷରେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପ୍ରସ୍ତାବକୁ ସମ୍ବର୍ଦ୍ଧନା ଜଣାଇ ବାରିପଦା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଯୋକ କାଳୀଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ରାଜ୍ୟ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୋଜ୍ଞେଶ୍ୱର ବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପ୍ରସ୍ତାବ ସମ୍ପର୍କରେ ପାରିତ ହେଉଥିବା ବିଲ୍‌ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ କେନ୍ଦ୍ର ସରକାରଙ୍କ ଏହି ସ୍ୱାଗତ ଯୋଗ୍ୟ ପଦକ୍ଷେପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଦୀପକ ମଲ୍ଲିକ ସହସଂଜଯୋକ ଭାବେ ଯୋଗ ଦେଇଥିବାବେଳେ ଅନ୍ୟତମ ସହସଂଜଯୋକ କୁମାର ମଙ୍ଗଳମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଅନୁଷ୍ଠିତ ଓ୍ୱାକଫ୍ ସୁଧାର ଜନ ଜାଗରଣ ଅଭିଯାନ କର୍ମଶାଳା ସଂଜଯୋକ ଇଂ ବିଜୟ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବାବେଳେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ମୁଖ୍ୟଅତିଥି ଓ ରାଜ୍ୟ ବିଜେପି ସମ୍ପାଦିକା ସିପ୍ରା ବାଜପେୟୀ ସ୍ୱତନ୍ତ୍ରୀ ଅତିଥି ଭାବେ ଯୋଗଦେଇ ଓ୍ୱାକଫ୍ ବିଲ୍ ସମ୍ପର୍କରେ ଉପସ୍ଥିତ ସଚେତନ ନାଗରିକ, ବୁଦ୍ଧିଜୀବି ଓ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇବା ସହିତ ଜନସଚେତନ କରାଇବାକୁ ପରାମର୍ଶ ଦେଇଥିଲେ । ଏହି ବିଲ୍ ତୁରନ୍ତ ପାରତ୍ କରାଯିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ସମର୍ଥନ ଜଣାଇବା ସହିତ ନିଷ୍ପତ୍ତି ନିଆଯାଇଥିଲା । ସହ ସଂଜଯୋକ ନରୋତ୍ତମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ରତ୍ନ ସମ୍ବିଧାନର ପ୍ରଣେତା ପ୍ରଣମ୍ୟ ପୁରୁଷ ଓ ଭୀମ ରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଅବସରରେ ସେହି ମହାନ ଆତ୍ମାକୁ ସମ୍ମାନ ଜଣାଇ ଅଭିଯାନର କର୍ମଶାଳା ସମ୍ପର୍କରେ ସବିଶେଷ ମତବ୍ୟକ୍ତ କରିଥିଲେ । ବୈଠକର ପ୍ରାରମ୍ଭରେ ଗତ ୨୨ତାରିଖ ଦିନ କାଶ୍ମୀର ସ୍ଥିତ ପେହେଲଗାମ୍ ଠାରେ ଆତଙ୍କ ବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ୨୬ଜଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ଉଦଳା ପୌରାଧ୍ୟକ୍ଷା ପ୍ରମିଳା ପଣ୍ଡା, ରାଜ୍ୟପ୍ରବକ୍ତା କବିବିଷ୍ଣୁ ଶତପଥି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ଅଧ୍ୟକ୍ଷା ସୁଜତା ମୁର୍ମୁ, ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ମହାନ୍ତି, ଦଳଗୋବିନ୍ଦ ବେହେରା, ଶୋଭାବତୀ ଓଡା, ମମତା ସାହୁଙ୍କ ସମେତ ଲକ୍ଷ୍ମୀ ସାହୁ, ସୁମନ ସିଂ, ଶିରିଷ ଚନ୍ଦ୍ର ମହାନ୍ତ ଓ ବୈଦ୍ୟନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସନ୍ତା ୧୦ରୁ ବାରିପଦାରେ ମାଗଣା ନୃତ୍ୟ ଶିବିର

ବାରିପଦା, (ସବ୍ୟୁ) : ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପ ଠାରେ ମୟୂର କଳାଭୂମୀ ଆନୁକୂଲ୍ୟରେ ଆଗାମୀ ଜୁନ୍ ୧୦ ରୁ ୧୨ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଏକ ମାଗଣା ନୃତ୍ୟ ଶିବିର ଅନୁଷ୍ଠିତ ହେବବୋଲି ଜଣାଯାଇଛି । ଶିବିରରେ ନୃତ୍ୟ ପ୍ରଶିକ୍ଷିକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିୟଗ୍ରାଫର ଏସ.କେ. ସାହିଲ ଯୋଗଦେଇ ଶିବିରର୍ଥୀ ନୃତ୍ୟଶିଳ୍ପୀ ମାନଙ୍କୁ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ଜଣାଯାଇଛି । ଶିବିରରେ ଅଂଶଗ୍ରହଣ କରିବା ପାଇଁ ୯୭୭୮୯୯୫୪୨ ଏବଂ ୮୮୪୭୮୪୮୨୩୬ ନମ୍ବରରେ ରେଜିଷ୍ଟ୍ରେସନ କରିବାକୁ ଅନୁଷ୍ଠାନ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଠକ ଜାନକୀକୁ ଜେଲ୍ ପଠାଇଲା ପୁଲିସ

ଅନୁଗୋଳ, (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ କରୁଥିବା କହି ମାଲକାନଗିରିକୁ ବଦଳି କରାଇବାର ଧମକରେ ଜଣେ ଇଞ୍ଜିନିୟରଙ୍କଠାରୁ ୨ ଲକ୍ଷ ଟଙ୍କା ନେଲା । ସହଜରେ ଟଙ୍କା ମିଳିଯିବା ପରେ ଲୋଭ ବଢ଼ିଲା ପୁଣି ୫ ଲକ୍ଷ ଟଙ୍କା ଦାବିକଲା। ଏଥର ଇଞ୍ଜିନିୟର୍ ବୁଝିଗଲେ ଯେ କେହି ଠକ ତାଙ୍କୁ ଚୂନ ଲଗାଉଛି। ତେଣୁ ସେ ବାଧହୋଇ କମିସନରେଟ୍ ପୁଲିସର ଦ୍ୱାରସ୍ଥ ହେଲେ ଏହି ମାମଲାରେ ଏୟାରଫିଲ୍ଡ ଥାନା ପୁଲିସ ଖୋଳତାଡ଼ କରି ଭୀମଟାଙ୍ଗୀରେ ରହୁଥିବା ଠକ ଜାନକୀ ବଲ୍ଲଭ ମହାପାତ୍ରଙ୍କୁ ବାନ୍ଧି କୋର୍ଟଚାଲାଣ କରିଛି। କିନ୍ତୁ ଏଭଳି ଜଣେ ଠକକୁ ବିଚାର ବିଭାଗୀୟ ହାଜତକୁ ପଠାଇବା ପରେ ମଧ ପୁଲିସ ମୁହଁ ଖୋଲିନାହିଁ। ଅଭିଯୁକ୍ତ ଜାନକୀର ପୃଷ୍ଠଭୂମି ଉପରେ ଗଣମାଧ୍ୟମକୁ ପୁଲିସ କୌଣସି ସୂଚନା ଦେଇନାହିଁ। ଅନ୍ୟ ମାମଲାରେ ପ୍ରେସ୍‌ମିଟ୍ ଓ ପ୍ରେସ୍ ରିଲିଜ୍ କରି ପୁଲିସ ଗଣମାଧ୍ୟମକୁ ତଥ୍ୟ ଦେଉଥିବା ବେଳେ ଏହି ମାମଲାରେ କ'ଣ ପାଇଁ ଲୁଚାଚୋରାରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଘଟଣାଟି ଥିଲା ଏମିତି। ଅନୁଗୁଳ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ହରିପାଲଙ୍କ ଅଭିଯୋଗ ଅନୁସାରେ କିଛି ଦିନ ପୂର୍ବେ ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାନକୀ ବଲ୍ଲଭ ମହାପାତ୍ର କହୁଛି ବୋଲି ଫୋନ୍ କରିଥିବା ବ୍ୟକ୍ତି କହିଥିଲେ । ୨ ଲକ୍ଷ ଟଙ୍କା ନଦେଲେ ତାଙ୍କୁ ମାଲକାନଗିରି ବଦଳି କରାଯିବ ବୋଲି ସେ ଧମକ ଦେଇଥିଲା। ବଦଳି ଭୟରେ ଯନ୍ତ୍ରୀ ଶ୍ରୀ ହରିପାଲ୍ ଟଙ୍କା ଦେବାକୁ ରାଜି ହୋଇଥିଲେ ଏବଂ ଭୀମଟାଙ୍ଗୀସ୍ଥିତ ଜାନକୀ ଘରକୁ ଯାଇ ଟଙ୍କା ଦେଇଥିଲେ । ଜାନକୀ ଟଙ୍କା ପାଇବା ପରେ ଯନ୍ତ୍ରୀ ଶ୍ରୀ ହରିପାଲ୍‌ଙ୍କୁ ବଦଳି ଭୟରୁ ନିଶ୍ଚିନ୍ତରେ ରହିବାକୁ କହିଥିଲା ଯନ୍ତ୍ରୀ ଶ୍ରୀ ହରିପାଲ୍ ନିଶ୍ଚିତ ହୋଇ ଫେରିଥିଲେ କିନ୍ତୁ ୨ ତାରିଖ ଦିନ ପୁଣି କାନକୀ ତାଙ୍କୁ ଫୋନ୍ କରିଥିଲା । ୫ ଲକ୍ଷ ଟଙ୍କା ଦାବି କରି ପୂର୍ବ ଭଳି ବଦଳି ଧମକ ଦେଇଥିଲା। ଯନ୍ତ୍ରୀ ଶ୍ରୀ ହରିପାଲ୍ ଏତେ ଟଙ୍କା ଦେବାକୁ ମନା କରିବାରୁ ଜାନକୀ ଧମକ ଦେବା ସହ ଗାଳିଗୁଲଜ କରିଥିଲା । ଏଥର କିନ୍ତୁ ତା ଚାଲ୍ କାମ କଲାନି ଯନ୍ତ୍ରୀ ଶ୍ରୀ ହରିପାଲ୍ ସିଧାସଳଖ ଏୟାର୍ଫିଲ୍ଡ ଥାନାକୁ ଯାଇ ଅଭିଯୋଗ କରିଥିଲେ।

## କଣିହାଁ ବ୍ଲକ ସ୍ତରୀୟ ଶୁଭଦ୍ରା ଶକ୍ତି ପାରମ୍ପାରିକ ଶକ୍ତି ପ୍ରତିଯୋଗିତା

କଣିହାଁ, (ନି.ପ୍ର) : କଣିହାଁ ପ୍ରାଥମିକ ବିଦ୍ୟାଳୟ, ପରିସରରେ ଶୁକ୍ରବାର ଦିନ କଣିହାଁ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ , ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ କୁମାର ପ୍ରଧାନ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା , କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଖାଦ୍ୟ ଷ୍ଟଲ ଗୁଡିକ



ଶୁଭାରମ୍ଭ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ୧୪ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ସାମିଲ ହୋଇ ଖାଦ୍ୟ ଷ୍ଟଲ ଖୋଲିଥିଲେ। ସେମାନଙ୍କୁ ତାଙ୍କୁ ପାରମ୍ପରିକ ପିଠା ଓ ସ୍ନାକ୍ସ ଉପରେ ଖାଦ୍ୟ ପ୍ରସ୍ତୁତି କରିବା ପାଇଁ କୁହାଯାଇଥିଲା। ଖାଦ୍ୟ ପ୍ରସ୍ତୁତି ପରେ ଅତିଥି ଗଣ ଖାଦ୍ୟ ଷ୍ଟଲ ବୁଲି ଖାଦ୍ୟ ପରଖି ଥିଲେ । ପରେ ଖାଦ୍ୟର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ବିଚାରକ ଭାବରେ ଏବିଇଓ ସୁଜନ ସାହୁ, ଏବିଇଓ ସନ୍ତୋଷ ପ୍ରଧାନ, କଣିହାଁ ମେଡ଼ିକାଲ ପିଏଚଇଓ ମଞ୍ଜିତ ସାହୁ ମୂଲ୍ୟାୟନ କରିଥିଲେ । ଏଥିରେ କଣିହାଁ ବ୍ଲକର ମା'ସରସ୍ୱତୀ ମହିଳା ସ୍ୱୟଂ ଗୋଷ୍ଠି,କମରେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ମା' ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ବିଜିଗୋଳ ୨ୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପରେ ଅତିଥିଙ୍କ ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରିଥିବା ମହିଳା ଗୋଷ୍ଠିଙ୍କୁ ୫ ହଜାର ଟଙ୍କା, ୨ୟ ସ୍ଥାନ ଅଧିକାର କରିଥିବା ଗ୍ରୁପଙ୍କୁ ୪ହଜାର ଟଙ୍କା ପ୍ରଦାନ କରିବାସହ ଭାଗ ନେଇଥିବା ଅନ୍ୟ ଗ୍ରୁପ ମାନଙ୍କୁ ଶ୍ୱାନ୍ତନା ମୂଳକ ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିପିସି ସତ୍ୟବ୍ରତ ଦାସ ଓ ବିପିଏମ ପ୍ରମୋଦ ବେହେରା ସଂଯୋଜନା କରିଥିବା ବେଳେ ସମସ୍ତ ଆଇସିଡିଏସ ଷ୍ଟାଫ, ସମସ୍ତ ମିଶନ ଶକ୍ତି, ସମସ୍ତ ଏମବିକେ, ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କାନପୁରା ସ୍କୁଲରେ ବୃକ୍ଷରୋପଣ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଏନ ସି ସି, ଇକୋ କ୍ଲବ , ଭାରତ ସ୍କାଉଟ ଗାଇଡ ଏବଂ ଜୁନିୟର ରେଡ୍‌କ୍ର ପରିଚାଳନାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଶିକ୍ଷା କର୍ମଚାରୀ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ । ମୃତ୍ତିକା ସଂରକ୍ଷଣ, ମରୁଡି ଦାଉରୁ ବିଶ୍ୱକୁ ରକ୍ଷା କରିବା ତଥା ବିଶ୍ୱ ତାପନ କବଳରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ନିଜ ପରିବେଶରେ ବୃକ୍ଷ ରୋପଣ ଦିଗରେ ଯତ୍ନବାନ ହେବାକୁ ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆମ୍ବ , ଅଁଳା ଆଦି ବୃକ୍ଷ ରୋପଣ କରାଯାଇଥିଲା । ଶିକ୍ଷକ ସୁରେଶ କୁମାର ବିଶ୍ୱାଳ, ସମରେନ୍ଦ୍ର ନାୟକ, ନିର୍ମଳ କୁମାର ମହାନ୍ତି , ଆକାଶ ରାଉତ ଶିକ୍ଷୟିତ୍ରୀ କବିତା ରାଉତ , ଗାଇଡ କ୍ୟାପଟେନ ସୁମିତ୍ରା ଜେନା ,ଶିକ୍ଷା କର୍ମଚାରୀ ରବିନାରାୟଣ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ

ଅନୁଗୋଳ, (ସବ୍ୟୁ) : ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ସ୍ଥାନୀୟ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅନୁଗୋଳ ଠାରେ ବିଶ୍ୱ ପରିବେଶ ଦିବସ ପାଳନ ହେବା ସହ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅନୁଗୋଳ, ହୃଷିକେଶ ଆଚାର୍ଯ୍ୟ, ପରିବାର ଅଦାଲତର ବିଚାରପତି ଚୌଧୁରୀ ପ୍ରବିର କୁମାର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ଅନୁଗୋଳ ଶ୍ରୀମୟୀ ଆଚାର୍ଯ୍ୟ, ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ, ଅନୁଗୋଳ ସୁକୁମାର ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା ଅଦାଲତର ବିଚାରପତି, ଅନୁଗୋଳ ସଂଗୀତା ମିଶ୍ର, ଉପବିଭାଗୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ଅନୁଗୋଳ ଶ୍ରୀଯୁକ୍ତ ବନିଲ କୁମାର ଖଟାଇ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି, ଅନୁଗୋଳ ରିତୁଶ୍ରୀ ମହାରଣା, ବନାଞ୍ଚଳ ଅଧିକାରୀ, ଅନୁଗୋଳ ନିତିଶ କୁମାର, ଜିଲ୍ଲା ଆଇନସେବା ପ୍ରାଧିକରଣର ସଦସ୍ୟ ପରମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ମଣିଷ ସୁସ୍ଥ ଭାବରେ ବଞ୍ଚି ରହିବା ପାଇଁ ଏକ ଉତ୍ତମ ପରିବେଶ ଆବଶ୍ୟକ କିନ୍ତୁ ବର୍ତ୍ତମାନ ଏହି ସୁନ୍ଦର ପରିବେଶ ଦୂଷିତ ହେବାରେ ଲାଗିଛି। ଅଧିକ ଯାନବାହାନ ଚଳାଚଳ, ପଲିଥିନର ବ୍ୟବହାର, ସର୍ବାଧିକ କଳକାରଖାନା ଗଢି ଉଠିବା ଓ ଗଛ କାଟିବାରୁ ପରିବେଶର ଅବକ୍ଷୟ ହେଉଛି। ଏଥିପାଇଁ ବୃକ୍ଷର ବଂଶବୃଦ୍ଧି କରିବା ଏବଂ ନିଜେ ଗଛ ଲଗାଇବା ସହ ଅନ୍ୟକୁ ଗଛ ଲଗାଇବା ପାଇଁ ସଚେତନ କରିବା ବୋଲି ମଞ୍ଚାସିନ ଅତିଥିମାନେ ମତ ବ୍ୟକ୍ତି କରିଥିଲେ। ଏହା ସହିତ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଓ ପରିବେଶ ସୁରକ୍ଷା ଆଇନ ଉପରେ ବୁଝାଇଥିଲେ। ଏହି ଦିବସ ପରିପ୍ରେକ୍ଷୀରେ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପିଜୁଳି, ବେଲ, ବଉଳ, ଅଶୋକ ଇତ୍ୟାଦି ବୃକ୍ଷରୋପଣ କରାଯାଇଥଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ପାରା ଲଗାଲ ଭଲ୍ୟୁଣ୍ଟର, ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା, ବନ କର୍ମଚାରୀ ଗଣ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ । ସର୍ବଶେଷରେ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତି କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃକ୍ଷ ଆମ ସମାଜ ପାଇଁ ଉପଯୋଗୀ

ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ଉପଖଣ୍ଡର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଗଠନ ଗୌତମପୁର ପକ୍ଷରୁ ସ୍ଥାନୀୟ ଅର୍ଜୁନ ଉଚ୍ଚ ବିଦ୍ୟାଳୟ ଧ୍ରୁବ ବିହାର ବାସୁଦେବପୁର ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ , ଅର୍ଜୁନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱାରିକାନାଥ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବାରାଜ ନାୟକ ଗୋପବନ୍ଧୁ ସେବା ସଂଗଠନ ସଭାପତି ସଲିନ ମେଣ୍ଡୁଲି, ସନ୍ତୋଷ ମେହେର ଯୋଗ ଦେଇ ବିଶ୍ୱ ପରିବେଶ ଦିବସ ବିଷୟରେ ଆଲୋଚନା କରିବା ସହିତ ବୃକ୍ଷ ଆମ ସମାଜ ପାଇଁ କେତେ ଉପଯୋଗୀ ସେନେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସଚେତନର ବାର୍ତ୍ତା ଦେବାସହ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ସହବିଦ୍ୟାଳୟର ଶିକ୍ଷକ ସୀତାକାନ୍ତ ପ୍ରସାଦ ହୋତା, ଅଜିତ ସାହୁ, ରାଜେନ୍ଦ୍ର ଦାସ, ଦିଲ୍ଲୀପ କୁମାର ନାୟକ,ଦୀପକ କୁମାର ପ୍ରଧାନ ଓ ଗୋପବନ୍ଧୁ ସଂଗଠନର ଅଭିରାମ ମେହେର, ଆଶିଷ ଛନ୍ଦ, ବିକ୍ରମ କର୍ଣ୍ଣ, ଝରିଆ ପ୍ରଧାନ ଏବଂ ବାସୁଦେବପୁର ପଂଚାୟତ ସମସ୍ତ ପ୍ରାଣୀମିତ୍ର, କୃଷି ମିତ୍ର ଆଦି ସହଯୋଗ କରିଥିଲେ ।

## ବାଇକ ସହ ଟ୍ରକ ଜବତ, ଦୁଇ ଗିରଫ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଓ ଠାକୁରଗଡ଼ ପୋଲିସ ଶୁକ୍ରବାର ରାତି ରେ ବିଭିନ୍ନ ସ୍ଥାନ ରେ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଗୁଡିକକୁ ଅଟକାଇ ଯାଞ୍ଚ କରା ଯାଇଥିଲା। ହଣ୍ଡପା ଅଞ୍ଚଳରେ ହଣ୍ଡପା ପୋଲିସ ଗାଡି ମଟର ଯାଞ୍ଚ କରୁଥିବା ସମୟ ରେ ମଦ୍ୟ ପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଖୋଲା ରିଗେଡା ଗ୍ରାମର ସଭିଦ୍ର ପ୍ରଧାନଙ୍କୁ ଗିରଫ କରିଛି । ଏଥିସହ ତାଙ୍କ ବାଇକ ନମ୍ବର (ଓଡି 19 y 5612)କୁ ଜବତ କରିଛି । ଏ ନେଇ ନମ୍ବର ୨୦୪/୨୫ ରେ ଏକ ମାମଲା ରୁଜୁ କରିଛି । ସେହି ପରି ଠାକୁରଗଡ଼ ପୋଲିସ ଠାକୁରଗଡ଼ ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି । ଏହି ସମୟରେ ମଦ୍ୟ ପାନ କରି ଟ୍ରକ ଚଳାଉଥିବା ଅଭିଯୋଗରେ ପୁରୀ ଜିଲ୍ଲା ଗୋପ ଥାନା ବେଦ ପୁର ଗ୍ରାମର ତୋଫାନ ମଲ୍ଲିକଙ୍କୁ ଗିରଫ କରିଛି । ଏଥିସହ ସେ ଚଳାଉଥିବା ଟ୍ରକ ନମ୍ବର (ଓଡି ୦୫ ବି ଆର ୨୯୬୩)କୁ ଜବତ କରିଛି । ଏ ନେଇ ନମ୍ବର ୧୬୨/୨୫ ରେ ଏକ ମାମଲା ରୁଜୁ କରିଛି ।

## ଡାକ୍ତରଖାନାରେ ଆନୁସାଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ସଭାଗୃହରେ ରୋଗୀ କଲ୍ୟାଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ଚିକିତ୍ସା ଅଧିକାରୀ ଅଶୋକ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ନଳିନୀକାନ୍ତ ପ୍ରଧାନ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଏନ ଏ ସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ପ୍ରମୁଖ ମଞ୍ଚାସିନ ଥିଲେ । ବୈଠକରେ ମୁଖ୍ୟ ଡାକ୍ତର ଖାନା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଯଥା ପୋଷ୍ଟ ମୋର୍ଟମ ଗୃହକୁ ରାସ୍ତା ନିର୍ମାଣ, ଡାକ୍ତର ଖାନାର ମାଷ୍ଟର ପ୍ଲାନ ତିଆରି, ଶବ ରଖିବା ଗୃହ ନିର୍ମାଣ, ଏକ ସଭା ଗୃହ ନିର୍ମାଣ,




ମିଶନ ଶକ୍ତି କାଫେ ଉଦଘାଟନ, ଡାକ୍ତର ଖାନା ପରିସରରେ ସୋଲାର ଲାଇଟ ବ୍ୟବସ୍ଥା, ଓ ଡାକ୍ତର, ଓ ଷ୍ଟାପ ପଦବୀ ଖାଲି ପୂରଣ ଆଦି ଅନେକ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବୈଠକରେ ପୂର୍ତ୍ତ ବିଭାଗ ସହକାରୀ ସହରାଇ ସିଂ, ସେସୁ କନିଷ୍ଠ ଯନ୍ତ୍ରୀ ପଙ୍କଜ ଖିଲାର, ଜନ ସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଡାକ୍ତର ଖାନା ମ୍ୟାନେଜର ତଥା ଆକାଉଣ୍ଟାଣ୍ଟ ଦୀପକ କୁମାର ତ୍ରିପାଠୀ,ଜାତୀୟ ସ୍ୱାସ୍ଥ୍ୟ ମିଶନ ସହ କାରି ଯନ୍ତ୍ରୀ ସୁନୀଲ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଆଲୋଚନା ସରିଲା ପରେ ବିଧାୟକ ନଳିନୀ କାନ୍ତ ପ୍ରଧାନ ବିଭିନ୍ନ ଅଭାବ ଅସୁବିଧା ଜାଣିବା ପାଇଁ ଡାକ୍ତର ଖାନା ପରିଦର୍ଶନ କରିଥିଲେ । ଶେଷରେ ଡାକ୍ତର ଖାନା ମ୍ୟାନେଜର ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତନ ବ୍ଲକ ଚେୟାରମ୍ୟାନ ମାଆଙ୍କ ପରଲୋକ



ତାଳଚେର, (ସବ୍ୟୁ) : ତାଳଚେର ପୂର୍ବତନ ବ୍ଲକ ଚେୟାରମ୍ୟାନ ମାନସ ଆଚାର୍ଯ୍ୟଙ୍କ ମାଆ ନିରୁପମା ଆଚାର୍ଯ୍ୟ (୮୦) କଣ୍ଡାଳ ପଂଚାୟତ ତାଳବେଡ଼ା ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଏହି ଦୁଃଖଦ ଘଟଣା ପ୍ରାଚରିତ ହେବାପରେ ସେହି ଅଂଚଳରେ ଶୋକର ବାତାବରଣ ଖେଳାଇ ଦେଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ୀତ ହୋଇ କିଛିଦିନ ହେବ ଶର୍ଯ୍ୟଶାୟୀ ଥିଲେ। ତାଙ୍କର ସାନପୁଅ ଆଇନଜୀବୀ ଦିପ୍ତିଶ ରଞ୍ଜନ ଆଚାର୍ଯ୍ୟ, ଝିଅ ରେଣୁବାଳା ଆଚାର୍ଯ୍ୟ, ବୋହୂ, ନାତି, ନାତୁଣୀ ଓ ମୃତ୍ୟୁ ଶର୍ଯ୍ୟା ନିକଟରେ ଉପସ୍ଥିତ ଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରରୋପକାରୀ, ସହୃଦୟ ବ୍ୟକ୍ତି ଏବଂ ଗୀତା ଭାଗବତରେ ରୁଚି ରଖିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ତାଙ୍କ ବାସଭବନକୁ ପ୍ରାକ୍ତନ ଢ଼େଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରଜ କିଶୋର ପ୍ରଧାନ, କଣ୍ଡାଳ ସରପଂଚ ଓ ପୂର୍ବତନ ସରପଂଚ, ବ୍ରଜନାଥପୁର ସରପଂଚ, ଆଇନଜୀବୀ, ଟ୍ରକ ଆସୋସିଏସନ କର୍ମକର୍ତ୍ତା, ଅଲଓଡ଼ିଶା ହ୍ୟୁମାନ୍ ରାଇଟସ୍ ସଭାପତି ଡ଼ଃ ଦେବେନ୍ଦ୍ର ସିଂହ, ଫୋନ ଯୋଗେ ପୂର୍ବତନ ପାଲହଡ଼ା ବିଧାୟକ ବିଭୂଧେନ୍ଦୁ ପ୍ରତାପ ଦାସ ଶୋକ ସନ୍ତପ୍ତ ପରିବାକୁ ସମବେଦନା ଜଣାଇଥିଲେ। ପରିଶେଷରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ ସମ୍ପର୍ଣ୍ଣ କରାଯାଇଥିଲା।

## ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗୁଣ୍ଡୁରୀକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଏହି ସମାରୋହରେ ଉପସ୍ଥିତ ରହି ଓଡିଶା ସରକାରଙ୍କଠାରୁ ପ୍ରକୃତି ମିତ୍ର ପୁରସ୍କାର ସ୍ୱରୂପ ୨୦ହଜାର ଟଙ୍କାର ଚେକ ଓ ମାନ ପତ୍ର ଗ୍ରହଣ କରିଥିଲେ । ବିଶ୍ୱ ପରିବେଶ ଦିବସ ଅବସରରେ କୃଷି ଶିକ୍ଷା ସଦନ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଅତିଥିବୃନ୍ଦ ଯୋଗ ଦେଇ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଗ୍ମୀ ମିଶ୍ରଙ୍କ ନେତୃତ୍ୱରେ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ସାଇଜନ ଦଳେଇ, ବରିଷ୍ଠ ଶିକ୍ଷକ ମଳୟ ଚରଣ ପରିଡା, ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ, ଶିକ୍ଷକ ଜନାର୍ଦ୍ଦନ ଦାଶ, ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ, ଶିକ୍ଷକ କୁଳମଣି ପ୍ରଧାନ, କ୍ରୀଡା ଶିକ୍ଷକ ଅଜିତ କୁମାର ସାହୁ, କାର୍ଯ୍ୟାଳୟ ସହାୟକ ରଞ୍ଜନ କୁମାର ମହାନ୍ତି ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କ ଉଦ୍ୟମରେ ବିଦ୍ୟାଳୟ ଏହି ସଫଳତା ଅର୍ଜନ କରିପାରିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଅଛି । ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଗ୍ମୀ ମିଶ୍ର ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଜାତୀୟ କଂଗ୍ରେସର ସମ୍ବିଧାନ ଓ ପରିବେଶ ବଞ୍ଚାଅ ପଦଯାତ୍ରା

ଗୋଡ଼ିବନ୍ଧ, (ସବ୍ୟୁ) : ତାଳଚେର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ସମ୍ବିଧାନ ଓ ପରିବେଶ ବଞ୍ଚାଅ ପଦଯାତ୍ରା ସଭା ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ହେଇଯାଇଛି। ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ,ଓଡିଶା ପ୍ରହରୀ ଅଜୟ ଲାଲ୍,ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ରାଜ୍ୟ କଂଗ୍ରେସ ସମର୍ଥିତ ଶ୍ରମିକ ସଂଘର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ,ପୂର୍ବତନ ମନ୍ତ୍ରୀ, ବିଧାୟକ, ପୂର୍ବତନ ସାଂସଦ ପ୍ରାର୍ଥୀ ଶ୍ରୀମତୀ ସସ୍ମିତା ବେହେରା, ଜିଲ୍ଲା ସଭାପତି ଅମ୍ବିକା ଭଟ, ରାଜ୍ୟ ଛାତ୍ର ସଭାପତି, ସଭାପତି ରାଜ୍ୟ ସେବାଦଳ ସଭାପତି,ସମସ୍ତ ବିଧାୟକ ପ୍ରାର୍ଥୀ, ଯୁବଛାତ୍ର ମହିଳା ଜିଲ୍ଲା ସଭାପତି ଓ ବହୁ କଂଗ୍ରେସ କଂଗ୍ରେସ ନେତା କର୍ମୀ ଉପସ୍ଥିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ତାଳଚେରରୁ ଚାଇଁପାଳ ଗ୍ରୀଡ଼ ତଥା ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନ୍ୟତ୍ର ଉଠାଯିବା ନେଇ ପ୍ରାକ୍ତନ ସାଂସଦଙ୍କ ଆନ୍ଦୋଳନ ଚେତାବନୀ

ତାଳଚେର, (ସବ୍ୟୁ) : ତାଳଚେରରୁ ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟ ଅନ୍ୟତ୍ର ଚାଲିଯିବାକୁ ନେଇ ତାଳଚେରବାସୀଙ୍କ ମଧ୍ୟରେ ଜନଅସନ୍ତୋଷ ଦେଖାଦେଇଛି। ତାଳଚେର ଶିଳ୍ପାଂଚଳରେ ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ରାଜନୈତିକ ଦଳ ଓ ଅନୁଷ୍ଠାନ ଗୁଡ଼ିକ ପକ୍ଷରୁ ଦାବି ଆନ୍ଦୋଳନ କରାଯାଉଥିବା ବେଳେ ନୂତନ କାର୍ଯ୍ୟାଳୟ ଆସିବା ପ୍ରତିବଦଳରେ ଏଠାରେ ଯେଉଁକାଳରୁ ସ୍ଥାପିତ କାର୍ଯ୍ୟାଳୟ ଗୁଡ଼ିକ ଗୋଟିଏ ପରେ ଗୋଟିଏ ଅନ୍ୟତ୍ର ଚାଲିଯିବା ନେଇ ଢ଼େଙ୍କାନାଳ ପ୍ରାକ୍ତନ ସାଂସଦ ମହେଶ ସାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକ ଏଠାରୁ ଚାଲିଯିବାକୁ ନାପସନ୍ଦ କରିଛନ୍ତି। ତାଳଚେର ଚାଇଁପାଳ ଠାରେ ଅବସ୍ଥିତ ଥିବା ବହୁ ପୂରାତନ ଗ୍ରୀଡ଼ କାର୍ଯ୍ୟାଳୟକୁ ଉଠାଇ ନିଆଯାଇଛି। ଫଳରେ ଏଠାରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଟି ଆଉ କାର୍ଯ୍ୟକାରୀ ହେଉନାହିଁ। କେଳବ ଏସଡ଼ିଓ, ଜେଇମାନେ କାର୍ଯ୍ୟାଳୟକୁ ନିୟନ୍ତ୍ରଣ କରିବେ। ଏଠାରେ ସୂଚନା ଯୋଗ୍ୟ ଯେ, ତାଳଚେରରୁ ସେଲଟାକ୍ସ କାର୍ଯ୍ୟାଳୟ, ଜମି ଅଧିଗ୍ରହଣ କାର୍ଯ୍ୟାଳୟ, ଅତିରକ୍ତ ଏସପି କାର୍ଯ୍ୟାଳୟ, ଆଂଶିକ ଭାବେ ଡ଼ିଆଜି କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସକୁ ପୂର୍ବରୁ ଉଠାଯାଇ ସରିଛି। ଏବେ ଦୁଇ ସପ୍ତାହ ତଳେ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟଟି ମଧ ଅନୁଗୋଳକୁ ନେବା ଜଣାପଡ଼ିବା ପରେ ତାଳଚେରରେ ଜନଅସନ୍ତୋଷ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରାକ୍ତନ ସାଂସଦ ଶ୍ରୀ ସାହୁ ଏହାକୁ ବିରୋଧ କରିବା ସହ ଶିଘ୍ର ନିଷ୍ପତି ପରିବର୍ତନ କରାଯାଉ ନତୁବା ଆଗାମୀ ଦିନରେ ତାଳଚେରବାସୀଙ୍କ ପକ୍ଷରୁ ଜନଆନ୍ଦୋଳନ କରାଯିବ ବୋଲି କଡ଼ା ଚେତବାନୀ ଦେଇଛନ୍ତି।

## ହତାଶିମିଳି ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନା

ବଇଣ୍ଡା, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଗ୍ରାମ ପଂଚାୟତର ହତାଶିମିଳି ଗ୍ରାମରେ ଦେଶ ବ୍ୟାପି ହେଉଥିବା ବିକଶିତ କୃଷି ସଂକଳ୍ପ ଅଭିଯାନର ଏକ ସଚେତନା କର୍ମଶାଳା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ର ତଥା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଠାକୁରଗଡ଼ ପଂଚାୟତ ର ସରପଞ୍ଚ ଚାରୁଲତା ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଅଝମ୍ବା ର ପୂର୍ବତନ ଅଧକ୍ଷ ମହେଶ୍ୱର ଦେହୁରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବୈଜ୍ଞାନିକ ଡକ୍ଟର ଦେବାଶିଷ ମିଶ୍ର ଓ କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ ଉଦ୍ୟାନ ଅଧିକାରୀ ଆଦି ଯୋଗ ଦେଇଥିଲେ.ଏବଂ ଏହି ସଭାକୁ ମଞ୍ଚ ପରିଚାଳନା କରିଥିଲେ ବ୍ଲକ କୃଷି ଅଧିକାରୀ ଜଗନାଥ ବାରିକ. ଠାକୁରଗଡ଼ ଗ୍ରାମ ପଂଚାୟତର ପ୍ରାୟ ୨୫୦ ଜଣ କୃଷକ ଏବଂ କୃଷି ଯିବି ମହିଳାମାନେ ଯୋଗ ଦେଇଥିଲେ. ଏହି ସଭାର ମୁଖ୍ୟ ଉଦେଶ୍ୟ ଉନତ ଜ୍ଞାନ କୌଶଳ ପ୍ରୟୋଗ କରି ଅଧିକ ଅମଳ କରିବା ଓ ଲାଭବାନ ହେବା. ଏହି ସଭାକୁ ସହଯୋଗ କରିଥିଲେ କୃଷି ଗ୍ରାମସେବକ ସୁନୀଲ କୁମାର ପ୍ରଧାନ, ଏଟିମ ଡିଲେଶ୍ୱର ପରିଡ଼ା ଓ ହତାଶିମିଳି ଗ୍ରାମର ଗ୍ରାମ ସମ୍ପାଦକ ପ୍ରବୀଣ ବିଶ୍ୱାଳ।

## ଗ୍ଲୋବାଲ କୋଲୱାସେରୀ ପକ୍ଷରୁ ବୃକ୍ଷ ରୋପଣ ଓ ରକ୍ତଦାନ ଶିବିର

ତାଳଚେର, (ସବ୍ୟୁ) : ସରକାରଙ୍କ ନୀତିନିୟମ ସହ ଶ୍ରମିକମାନଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦେବା ସମେତ ସାମାଜିକ କର୍ତ୍ତବ୍ୟକୁ ଭୁଲି ନଯାଇ ପାର୍ଶ୍ୱବର୍ତ୍ତି ପରିସର ମଧ୍ୟରେ .ରହିଥିବା ଗ୍ରାମାବସୀଙ୍କ ନିକଟତମ ହୋଇ ନିଜର କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରି ଆସୁଥିବା ସେହି ବହୁ ପୁରାତନ ଗ୍ଲୋବାଲ କୋଲୱାସେରୀ ପ୍ଲାଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଶତାଧିକ ବୃକ୍ଷରୋପଣ ଓ ବଂଟନ କରାଯାଇଥିଲା। ଏହାର ଦ୍ୱିତୀୟ ଦିବସରେ ଜୁନ ୬,୬,୨୦୨୫ ଦିନ ତାଳଚେର ସ୍ଥିତ ଆୟନ ୱାସେରୀ ପରିସରରେ ଗ୍ଲୋବାଲ ଏବଂ ଆୟନ କୋଲ ୱାସେରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଗ୍ଲୋବାଲ କୋଲୱାସେରୀର ପରିଚାଳନା ନିର୍ଦ୍ଦେଶକ କାର୍ତିକେଶ୍ୱର ପାତ୍ର ଉଦଘାଟନ କରିଥିଲେ। ଗ୍ଲୋବାଲ ଏବଂ ଆୟନର ବହୁ ସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱେଚ୍ଛାକୃତ ଭାବେ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଓ ଆଦର୍ଶଣୀୟ କାର୍ଯ୍ୟ ବୋଲି ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ତେବେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଏସ ଏନ ପରିଡ଼ା, ଜେ ସିଂହ, ଆର ରମସେନ୍, କେ ସାମଲ, ପ୍ରଶାନ୍ତ ପରିଡ଼ା, ନିରଞ୍ଜନ ଦେହୁରୀ, ବ୍ରଜ ପ୍ରଧାନ, ଅଜୟ ଚୌଧୁରୀ ସାମିଲ ହୋଇଥିବା ବେଳେ ସେହିଭଳି ରକ୍ତଦାନ ମହାପୂର୍ଣ୍ଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ କର୍ମଚାରୀ ଓ ଅଧିକାରୀ ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଦେଖିବାକୁ ମିଳିଥିଲା।






## ମହିଳାଙ୍କୁ ମାଡ଼

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ଥାନା ବାମୁର ଅଞ୍ଚଳର ମିତା ଦେହୁରୀଙ୍କୁ ସେହି ଗ୍ରାମର ସସ୍ମିତା ଦେହୁରୀ ମାଡ଼ ମାରିବା ସହ ଗାଳି ଗୁଲଜ କରିଥିବା ମିତା କିଶୋରନଗର ଥାନାରେ ଶୁକ୍ରବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଜେ ମିତା ତାଙ୍କ ଗ୍ରାମରେ ତାଙ୍କ ଜଣେ ସମ୍ପର୍କୀୟଙ୍କ ପିଲାକୁ ଧରି ବୁଲୁଥିବା ବେଳେ ସସ୍ମିତା କୌଣସି କାରଣ ନ ଥାଇ ତାକୁ ଅଟକାଇ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲେଖ କରା ଯାଇଛି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୧୫୫/୨୫ ରେ ଏକ ମାମଲା ରୁଜୁ କରା ଯାଇଛି ।

## ବଡ଼ହୁଲା ଗ୍ରାମ ଚଷା ସମାଜ ବୈଠକ



ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ଅନ୍ତର୍ଗତ ଧୁଣ୍ଡି ଆମ୍ବ ତୋଟା ଠାରେ ବୁଧବାର ଦିନ ୧୫ ଗୋଟି ଗ୍ରାମକୁ ନେଇ ଏକ ଚଷା ସମାଜ ବୈଠକ ଅନୁଷ୍ଠିତ ହେଇଥିଲା। ଗ୍ରାମ ପୁଞ୍ଜି ପକ୍ଷରୁ ସବୁ ବର୍ଷ ପରି ମଧ ଏ ବର୍ଷ ମଧ ସବୁ ଚଷା ଭାଇ ମାନଂକୁ ନେଇ ବିଭିନ୍ନ ସମସ୍ୟାରେ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କୃଷି ଅଧିକାରୀ ପ୍ରେମାନନ୍ଦ ନାୟକ, ଯୋଗ ଦେଇ ସରକାରଙ୍କ ପକ୍ଷରୁ କୃଷକଙ୍କ ପାଇଁ ହୋଇଥିବା ଯୋଜନା ସମ୍ପର୍କ ପରାମର୍ଶ ଦେଇଥିଲେ ।ପଞ୍ଚାୟତ ରେ ୪ ଟି ହାଇସ୍କୁଲର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁଞ୍ଜି ପକ୍ଷରୁ ସମ୍ମାନିତ କରିବା ସହିତ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦିଆଯାଇଥିଲା । ରାମ ଦେଓ ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟରଞ୍ଜନ ମହାଲିକ ୫୨୭ ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଭ୍ରାସିନି ପ୍ରଧାନ ୫୧୫ ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରବାତି ସାହୁ ୪୦୪ ନମ୍ବର୍ ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା । ଏଥିରେ ସଭାପତି ଦୈତାରି ସାହୁ, ସମ୍ପାଦକ ବେଣୁଧର ଦେହୁରୀ, ଉପ ସଭାପତି ଲକ୍ଷ୍ମଣ ସାହୁ, କାର୍ଯ୍ୟ କାରୀ ସଭାପତି ପ୍ରଶ୍ନ କୁମାର ପ୍ରଧାନ, ପ୍ରଗଣା ସଭ୍ୟ ସୁରେଶ ପ୍ରଧାନ, ସହ ସମ୍ପାଦକ ନନ୍ଦ କିଶୋର ସାହୁ, ଧୂଣ୍ଡି ସମାଜ ସଭାପତି ରଷିନାଥ ପ୍ରଧାନ, ପୂର୍ବତନ ପୁଞ୍ଜି ସଭାପତି ବୃଷଭ ପ୍ରଧାନ ଓ ୧୫ ଟି ଗ୍ରାମର ସଭାପତି ତଥା ସମ୍ପାଦକ ଓ ସମସ୍ତ ମେମ୍ବର ବୃନ୍ଦ ଉପସ୍ଥିତ ଥିଲେ ।

## ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷା ସମ୍ଭବ

ଅନୁଗୁଳ, (ସବ୍ୟୁ) : ଭାରତ ବିକାଶ ପରିଷଦ ପକ୍ଷରୁ କରଡ଼ାଗାଡିଆ ଅନୁର୍ଯ୍ୟାମୀ ଗୁରୁକୁଳ ଏକାଡେମୀରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯିବା ସହ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ସର ଯୋଗ ଦେଇ ସଂପ୍ରତି ସବୁଜ କୋଠରୀ ପ୍ରଭାବ ଯୋଗୁଁ ପରିବେଶ କିଭଳି ନଷ୍ଟ ହେଉଛି ତାହା ବର୍ଣ୍ଣନା କରିଥିଲେ। ବୃକ୍ଷରୋପଣ ଦ୍ୱାରା ହିଁ ପରିବେଶର ପ୍ରକୃଷ୍ଟ ସୁରକ୍ଷା ହୋଇପାରିବ ବୋଲି ଶ୍ରୀ ସର ପ୍ରକାଶ କରିଥିଲେ। ସ୍କୁଲ ପରିଚାଳକ ଅନିରୁଦ୍ଧ ଦାସ ପ୍ରଦୂଷଣର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ହୃଦାନନ୍ଦ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିବାବେଳେ ମନ୍ମଥ ଦାସ, ଭରତ ଗଡ଼ନାୟକ, ପ୍ରମୋଦ ନାୟକ, ସୁରେଶ ଶାହା, ସ୍ମିତା ପଟ୍ଟନାୟକ, ସରୋଜିନୀ ଦେଇ, ଦିଲୀପ ଅଗ୍ରୱାଲ, ଅରୁଣୀ ମିଶ୍ର, ରମେଶ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଜେରେଙ୍ଗ ବୁଢୀ ପାହାଡ ବନ ସଂରକ୍ଷଣ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଅନୁଗୁଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ତଥା ବନଖଣ୍ଡ ଜରପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜେରେଙ୍ଗ ବୁଢୀ ପାହାଡ ବନ ସଂରକ୍ଷଣ ସମିତି ପକ୍ଷରୁ ଗୁରୁବାର ବିଶ୍ୱପରିବେଶ ଦିବସ ପାଳିତ ହୋଇଯାଇଛି । ସମିତି ସଭାପତି ବୃଷ ବାହନ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜରପଡା ଫରେଷ୍ଟ ରେଞ୍ଜ ଅଫିସର ମାଧବ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ଏହି ଅବସରରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳାକୁ ଉଦଘାଟନ କରିଥିଲେ। ବିଶେଷ କରି ବିଶ୍ୱପରିବେଶ ଦିବସ ପାଳନ କରାଯିବାର ଆବଶ୍ୟକତା ଲକ୍ଷ୍ୟ ଉଦ୍ଦେଶ୍ୟ ତଥା ଏହାର ଉପକାରିତା ସମ୍ପର୍କରେ ସବିଶେଶ ଭାବେ ଆଲୋଚନା କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ଦିଗରେ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ପରିବେଶବିତ୍ ତଥା ସାମାଜିକ କର୍ମୀ ଲମ୍ବୋଦର ସାହୁ ଯୋଗ ଦେଇ ପରିବେଶ ପ୍ରଦୂଷଣ ରୋକିବା ସହ ପରିବେଶୀୟ ସନ୍ତୁଳନ ସକାଶେ ଏବଂ ଜଳବାୟୁ ପରିବର୍ତ୍ତନ ସନ୍ତୁଳିତ ରଖିବା ପାଇଁ ବୃକ୍ଷ ରୋପଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୁବ ନେତା ତଥା ସାମାଜିକ କର୍ମୀ ଜୀବନ ସାହୁ, ଫରେଷ୍ଟର ବସନ୍ତ କୁମାର ଗଡ଼ନାୟକ, ପୂର୍ବତନ ସରପଞ୍ଚ ଉମା ଶଙ୍କର ମାଝୀ, ବିଳାସିନୀ ସାହୁ, ବରିଷ୍ଠ ନେତା ତ୍ରିନାଥ ସାହୁ, ଆମ ଜଙ୍ଗଲ ଯୋଜନା ପ୍ରୋଜେକ୍ଟ ଟିମ୍ ଲିଡର ଜଗନ୍ନାଥ ରେଙ୍ଗୀ, ଅଙ୍ଗନ୍ ୱାଡ଼ି କର୍ମୀ ସୌଭାଗିନି ନାଏକ, ମହିଳା ମହା ସଂଘ୍ ସଭାନେତ୍ରୀ ସନ୍ଧ୍ୟାରାଣି ଗଡ଼ନାୟକ, ସମିତି ଉପ ସଭାନେତ୍ରୀ ସସ୍ମିତା ସାହୁ, ସମ୍ପାଦକ ଭାବଗ୍ରାହୀ ନାଏକ, କୋଷାଧ୍ୟକ୍ଷ ସଞ୍ଜୟ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜନ ଶିକ୍ଷଣ ସଂସ୍ଥାନ ଅନୁଗୋଳ ପକ୍ଷରୁ ଆୟୋଜିତ ଧନ୍ଦା ମୂଳକ ତାଲିମ ପାଇଥିବା ବୁଢୀ ପାହାଡ ବନ ସଂରକ୍ଷଣ ସମିତିର ପ୍ରାୟ ୨୦ ଜଣ ବେକାର ଯୁବତୀ ଏବଂ ମହିଳାଙ୍କୁ ଦକ୍ଷତା ବିକାଶ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ବିଶିଷ୍ଟ ପରିବେଶବିତ୍, ବନ୍ୟପ୍ରାଣୀ ପ୍ରେମୀ ତଥା ବରିଷ୍ଠ ସଦସ୍ୟ ବାଙ୍କନିଧି ଦାସ ସ୍ୱାଗତ ଅଭିଭାଷଣ ସାଙ୍ଗକୁ ସଭା ମଞ୍ଚ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗୀୟ ଅଧିକାରୀ କର୍ମଚାରୀ, ସମିତି ସଦସ୍ୟା ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତଥା ଜନ ସାଧାରଣ ଉପସ୍ଥିତ ଥିଲେ ।

# ରାଜପଥରୁ ଲୁଟୁଥିବା ଡକାୟତିଗ୍ୟାଙ୍ଗର ୪ ସଦସ୍ୟ ଗିରଫ



ବାଲେଶ୍ୱର ,(ସବ୍ୟୁ) :ବାଲେଶ୍ୱର ସହର ଓ ଜାତୀୟ ରାଜ ପଥ -୬୦, ରେ ଡକାୟତି ରାହାଜାନି କରି ଆସୁଥିବା ଆର ଜି ଡକାୟତ ଗ୍ୟାଙ୍ଗ ର ଚାରିଜଣ କୁଖ୍ୟାତ ଡକାୟତ ଙ୍କୁ ପୋଲିସ ଚାନ୍ଦିପୁର ଥାନା ଅନ୍ତର୍ଗତ ଗବ ଗାଁ ର ଗଙ୍ଗା ରାମ ପଡିଆରୁ ଗିରଫ କରିଛି। ଶୁକ୍ରବାର ଅପରାହ୍ନ ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ସଦର ଏସ ଡି ପି ଓ ଙ୍କ କାର୍ଯ୍ୟାଳୟ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦୀର୍ଘକିଛି ମାସ ହେଲା ଏହି ଅପରାଧୀ ମାନେ ଅନ୍ୟ ଏକ ଡକାୟତ ଗ୍ୟାଙ୍ଗ ରେ ରହି ଡକାୟତି କରୁଥିଲେ । ତେବେ ପରବର୍ତ୍ତୀ ସମୟରେ ଆଉ ଏକ ଗ୍ୟାଙ୍ଗ ସୃଷ୍ଟି କରି ବାଲେଶ୍ୱର ର ଫୁଲାଡି ଠାରୁ ଆରମ୍ଭ କରି ବସ୍ତା ଥାନା ମଧ୍ୟରେ ଲମ୍ବି ଥିବା ୬୦ନମ୍ବର ଜାତୀୟ ରାଜପଥ ରେ ଡକାୟତି କରୁଥିଲେ।ପୋଲିସ ଗଙ୍ଗା ରାମ ପଡିଆ ରୁ ସୁନହଟ ନିବାସୀ ରାକେଶ ସେନାପତି (୨୯), ମୋତିଗଞ୍ଜ ର ଗିରିଧାରୀ ବେହେରା ଓରଫ ମଣ୍ଟୁ (୨୫), ଫୁଲାଡି ର ମନୋଜ ନାୟକ ଓରଫ ଶିବୁ,ପାଛୁଡ଼ିଆ ର ଦୀପକ ଜେନା ଓରଫ ରାଜା (୨୨) ଗିରଫ ହୋଇଛନ୍ତି। ସେ ମାନଙ୍କ ନିକଟରୁ ଦୁଇଟି ୭.୬୨ମି. ମି ର ଦେଶୀ ପିସ୍ତଲ, ଗୋଟିଏ ୯ମି ମି ପିସ୍ତଲ, ତିନୋଟି ଦେଶୀ ପିସ୍ତଲ, ଶୂନ୍ୟ ମେଗାଜିନ, ୯ ଟି ବଲ ଗୁଳି, ଓ ଖାଲି କେସ, ଗୋଟିଏ ତେଲେଙ୍ଗା କଟୁରୀ, ୫ଟି ସେଲ ଫୋନ, ନଗଦ ୬୦ ହଜାର ଟଙ୍କା, ଗୋଟିଏ ପଲସର ଏନ ଏସ ୪୦୦ମଡେଲ ବାଇକ (ଓ ଡି ୪୭୭୧) ଜବତ କରିଛି ପୋଲିସ ର ସ୍ପେସିଆଲ ଟିମ। ଏହି ଆସାମୀ ମାନଙ୍କ ବିରୋଧରେ କୋଡିଏ ରୁ ଅଧିକ ମାମଲା ବିଭିନ୍ନ ଥାନାରେ ରହିଛି। ଗିରିଧାରୀ ବେହେରା ବିରୋଧରେ ଟାଉନ ଥାନା ରେ ୧୪୫, ୩୨୭, ୨୬୦ଏତଲା ମୂଳେ ତିନୋଟି ମାମଲା ରହିଛି। ରାକେଶ ସେନାପତି ନାମ ରେ ଟାଉନ ଥାନା ରେ ୧୬୫, ୨୫୦, ୬୫, ଓ ୧୩୯ଏତଲା ମୂଳେ ମାମଲା ରୁଜୁ ହୋଇଥିଲା ବେଳେ ମନୋଜ ନାୟକ ବିରୋଧରେ ବସ୍ତା ଥାନା ରେ ୧୬୪, ୧୫୦, ସଦର ଥାନା ରେ ୨୦୯, ୯୭, ୩୩୦, ଟାଉନ ଥାନା ରେ ୧୬୫,, ସହଦେବଖୁଣ୍ଟା ଥାନା ରେ ୧୨୫, ନୀଳଗିରି ଥାନା ରେ ୬୭ ନମ୍ବର ଏତଲା ମୂଳେ ପୂର୍ବରୁ ମାମଲା ରହିଛି। ସେହିପରି ଦୀପକ ଜେନା ବିରୋଧ ରେ ସଦର ଥାନା ରେ ଗତ ବର୍ଷ ୩୩୦ଏତଲା ମୂଳେ ମାମଲା ରୁଜୁ ହୋଇଥିଲା। ଏହି ଡକାୟତ ମାନଙ୍କ ବିରୋଧ ରେ ଚାନ୍ଦିପୁର ଥାନା ରେ କେଶ୍ ନମ୍ବର ୭୮/୨୪ଏତଲା ମୂଳେ ୩୧୦(୪), ୩୧୦(୫)ବି ଏନ ଏସ, ଆର୍ମସ ଆକ୍ଟ ର ସେକ୍ସନ ୨୫/୨୭ରେ ମାମଲା ରୁଜୁ ହୋଇଛି।ଏହି ସାମ୍ବାଦିକ ସମ୍ମିଳନୀ ରେ ସଦର ଏସ ଡି ପି ଓ ଶୁଭ୍ରାଂଶୁ ଶେଖର ନାୟକ ଉପସ୍ଥିତ ରହିଥିଲେ ।

## ତରବରିଆ ଘର ଭଙ୍ଗା
## ସନ୍ଦେହ ଘେରରେ ବ୍ଲକ ପ୍ରଶାସନ!

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କାର୍ଯ୍ୟାଳୟ ପରିସରରେ ନୂଆ ଗୃହ ନିର୍ମାଣ କରାଯିବା ଆଳରେ ପୁରୁଣା ଗୃହକୁ ସରକାରୀ ନିତି ନିୟମକୁ ଅନୁସରଣ କରାନଯାଇ ରାତି ଅଧିଆ ଭଙ୍ଗାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ୫ବର୍ଷ ମଧ୍ୟରେ ୩ରୁ ଅଧିକ ଘର ଭଙ୍ଗା ଯାଇଥିବା ବେଳେ ବ୍ଲକ ପ୍ରଶାସନ ଓ କିଛି ରାଜନୈତିକ ଦଳ ବ୍ୟକ୍ତିଙ୍କ ମିଳିତ ସହଯୋଗରେ ଆସବାବ ପତ୍ର ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି । ପାଖାପାଖି ୩ବର୍ଷ ତଳେ ପଞ୍ଚାୟତ ସମିତି ର ପୁରୁଣା ଗୃହ କୁ ରାତି ଅଧିଆ ଭଙ୍ଗାଗଲା । ଏଥିରେ ଥିବା କବାଟ,ଝରକା,ଲୁହା ଉପକରଣ,ଦାମି ଆଲମିରାକ ଇତ୍ୟାଦି ଆସବାବ ପତ୍ର ବିକ୍ରି ରେ ଯାହା ମିଳିଲା ମିଳିମିଶି ଚଳୁ କରିଦେଲେ । ନିଲାମ କରାଯାଇଥିଲେ ପାଖପାଖି ୫ଲକ୍ଷ ଟଙ୍କା ସରକାରଙ୍କ ରାଜକୋଷକୁ ଯାଇଥାନ୍ତା । ସେହିଭଳି ଶୁକ୍ରବାର ଅନ୍ୟ ଏକ ପୁରୁଣା ଗୃହ ହଠାତ ବିନା ନୋଟିସରେ ଭାଙ୍ଗି ଦିଆଯାଇଛି । ଏଥିଲାଗି କୌଣସି ସରକାରୀ ନିୟମ ଅନୁସରଣ କରାଯାଇନଥିବା ଅଭିଯୋଗ ହୋଇଛି । କାଳେ ନୂଆ ଗୃହ ର ଶୁଭ ଲାଗି ଏଭଳି ତରବରିଆ ଘର ଭଙ୍ଗା ଯାଉଥିବା କୁହାଯାଉଛି । ସେହିଭଳି ବିଭିନ୍ନ ସମୟରେ ଯେଉଁ ନୂତନ ଗୃହ ନିର୍ମାଣ କରାଯାଉଛି ଅଧିକାଂଶ ବିନା ଟେଣ୍ଡରରେ ନିର୍ଦ୍ଦିଷ୍ଟ ଦଳର ଲୋକଙ୍କୁ ଏହି କାର୍ଯ୍ୟ ଦିଆଯାଉଛି । ଯେଉଁଥିପାଇଁ କାମ ନିମ୍ନ ମାନର ହେଉଥିବା କୁହାଯାଉଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରେ ଶୁକ୍ରବାର ଭଙ୍ଗା ଯାଉଥିବା ଗୃହଟି ବହୁ ପୂର୍ବରୁ ଅସୁରକ୍ଷିତ ଘୋଷାଣା କରାଯାଇଥିବା କହିଛନ୍ତି ।

## ମିଳୁନି ପିଇବା ପାଣି : ବ୍ଲକ ଘେରିଲେ ଗ୍ରାମବାସୀ



ଠାକୁରମୁଣ୍ଡା ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମପଞ୍ଚାୟତର ଭରାଣ୍ଡିଆ ଗ୍ରାମରେ ଲୋକେ ପାଉନାହାନ୍ତି ପିଇବା ପାଣି । ପାଣି କଷ୍ଟ ଦୂର କରିବା ପାଇଁ ଗ୍ରାମବାସୀ ଶୁକ୍ରବାର ଦିନ ଆସି ବ୍ଲକ ଘେରାଉ କରିବା ସହ ବିଡ଼ିଓଙ୍କୁ ଫେରାଦ ହୋଇଛନ୍ତି । ଘଟଣାରୁ ପ୍ରକାଶଯେ, ଭରାଣ୍ଡିଆ ଗ୍ରାମର ଝାଡ଼ବେଡା ସାହିରେ ପହଞ୍ଚି ପାରୁନି ପାଇପ ଯୋଗେ ପାନୀୟ ଜଳ । ଭରାଣ୍ଡିଆ ଗ୍ରାମପଞ୍ଚାୟତର ଏହା ୧୦ ନଂ ୱାର୍ଡ । ଏଠାରେ ୮୦ ପରିବାର ବସ କରୁଛନ୍ତି ସମୁଦାୟ ଲୋକସଂଖ୍ୟା ୬୫୦ ଝ ସେମାନଙ୍କ ପାଇଁ ୪ ଟି ନଳକୂପ ଅଛି । ସେଥିରୁ ୨ ଟି ଖରାପ ଓ ୨ ଟିରୁ ଗୋଳିଆ ପାଣି ବାହାରୁଛି ଯାହା ବ୍ୟବହାର ଯୋଗ୍ୟ ନୁହେଁ । ତେଣୁ ଲୋକେ ଚୁଆ ପାଣି ପିଇବା ପାଇଁ ବ୍ୟବହାର କରୁଛନ୍ତି। ତଳ ସାହି ଲୋକେ ପୋଖରୀ ପାଣି ପିଉଛନ୍ତି ।ଭରାଣ୍ଡିଆ ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପାଣି ଟାଙ୍କି ରହିଛି । ଝାଡ଼ବେଡା ସେଠାରୁ ୧.୫ କିମି ଦୂର ।ଝାଡ଼ବେଡା ଉଚ୍ଚରେ ଥିବାରୁ ସେଠାକୁ ପାଣି ପହଞ୍ଚି ପାରୁନି । ତେଣୁ ଝାଡ଼ବେଡାରେ ଆଉ ଏକ ପାଣି ଟାଙ୍କି ବସୁ ବୋଲି ଦାବି ଜଣାଇ ଶୁକ୍ରବାର ଦିନ ରେ ଗ୍ରାମବାସୀ ବ୍ଲକ ଘେରି ଥିଲେ । ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଦାବି ପତ୍ର ଦେଇ ଆଲୋଚନା କରିଥିଲେ । ତେବେ ବର୍ଷା ଦିନ ଆସିଯାଇଥିବାରୁ ପରେ ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ବିଡ଼ିଓ କହିଛନ୍ତି। ପ୍ରକାଶ ଥାଉକି ଗତ ବର୍ଷ ମଧ ଖରାଦିନେ ଲୋକ ପାଣି ପାଇଁ ବ୍ଲକ ଘେରାଉ କରିଥିଲେ । ମାତ୍ର ବର୍ଷକ ମଧରେ କୌଣସି ପଦକ୍ଷେପ ନିଆଯାଇନଥିବା ଜଣାପଡିଛି ।

## ସିମେଣ୍ଟ ଖୁଣ୍ଟିରେ ପିଟିହେଲା ବାଇକ
## ଚାଳକ ମୃତ, ୨ ଆହତ

ଠାକୁରମୁଣ୍ଡା ,(ସବ୍ୟୁ) : ଠାକୁରମୁଣ୍ଡାରୁ ୨ କିମି ଦୂର ନୁଆସାହି ରାସ୍ତାରେ ରାସ୍ତା କଡ଼ ସିମେଣ୍ଟ ପିଲର ଖୁଣ୍ଟିକୁ ଧକ୍କା ଦେଇ ବାଇକ ଚାଳକ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଛି । ଶନିବାର ଅପରାହ୍ନ ୫ ଟାରେ ଏହି ଦୁର୍ଘଟଣା ଘଟିଛି । ବାଇକରେ ଥିବା ଅନ୍ୟ ୨ ଆରୋହୀ ଗୁରୁତର ଆହତ ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଘଟଣାରୁ ପ୍ରକାଶ, ଚମ୍ପାଝର ଗ୍ରାମପଞ୍ଚାୟତ ଦିଲିଗଞ୍ଜ ଗ୍ରାମର ଜୟରାମ ପିଙ୍ଗୁଆ (୩୨), ରାମ କାଣ୍ଡେଙ୍କେଲ (୨୩)ଓ ବେତ ଖୁଣ୍ଟିଆ (୨୨) ଗୋଟିଏ ବାଇକରେ ଠାକୁରମୁଣ୍ଡା ଆସୁଥିଲେ। ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ପିଲର ଖୁଣ୍ଟିକୁ ଧକ୍କାଦେଇ ପଡିଯାଇଥିଲେ । ଜୟରାମ ପିଙ୍ଗୁଆର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଜୟରାମ ପିଙ୍ଗୁଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।ରାମ କେଣ୍ଡାକେଲଙ୍କ ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଦୁଇ ଚୋର ୨ଗିରଫ

ଆଗରପଡ଼ା,(ସବ୍ୟୁ):ବନ୍ତ ଥାନା ଅନ୍ତର୍ଗତ ବରକୋଣା ଗ୍ରାମର ବସନ୍ତ ଜେନା ଓ ତାଙ୍କ ସ୍ତ୍ରୀ ଦୋକାନ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହି ସୁଯୋଗରେ ତାଙ୍କ ଘରେ ଥିବା ବାକ୍ସ ଭାଙ୍ଗି ସେଥିରେ ଥିବା ୨ଲକ୍ଷ ୨୨ହଜାର ଟଙ୍କା ଦୁର୍ବୃତ୍ତମାନେ ନେଇ ପଳାଇ ଥିଲେ। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ପୋଲିସ ଥାନା କେସ ନଂ୧୧୪/୨୫ରେ ଏକ ମାମଲା ରୁଜୁ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଶେଷରେ ସେହି ଗ୍ରାମର ୨ଜଣଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୪ହଜାର ଟଙ୍କା ସହ ଗୋଟିଏ ବାଇକ ପୋଲସ ଜବତ କରିଥିଲା।

## ଦୁଇଟ୍ରକ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଶିଳ୍ପତାଲିମ ପ୍ରତିଷ୍ଠାନ ଅନତିଦୂରରେ ଶୁକ୍ରବାର ଅପରାହ୍ନ ୪.୫୦ମି ସମୟରେ ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଚାଳକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଭଦ୍ରକ ଆଡକୁ ଯାଉଥିବା ଏପି ୦୭ ଟସି ୧୯୬୯ ଟ୍ରକକୁ ତ୍ରୁଟିପୂର୍ଣ୍ଣ ଭାବେ ସମ୍ମୁଖ ଦିଗରୁ ଆସୁଥିବା ଓ ଡି ୦୪ ଏଚ ୫୪୯୯ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଆନ୍ଧ୍ର ଟ୍ରକ ଚାଳକ ଉତ୍ତରପ୍ରଦେଶ ମଥୁରା ଜିଲ୍ଲା ନହର ସିଂ(୨୮) ଓ ସମ୍ମୁଖ ଟ୍ରକ ଚାଳକ ଯାଜପୁର ଜିଲ୍ଲଶ ଦାନଗଦି ଅଞ୍ଚଳର କାଳନ୍ଦି ସାହୁ(୪୪) ଗୁରୁତର ଆହତ ହୋଇଥିଲେ। ସୂଚନା ପାଇଁ ସ୍ଥାନୀୟ ଦମକଳବାହିନୀ ଉଭୟ ଆହତଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ମିଶନଶକ୍ତି ଗୃହରୁ ଚୋରି

ସୋର, (ସବ୍ୟୁ): ସୋର ବ୍ଲକ ସାଜନପୁର ପଞ୍ଚାୟତରେ ଥିବା ମିଶନଶକ୍ତି ଗୃହର ଚାବି ଭାଙ୍ଗି ଗ୍ରାମର କିଛି ମହିଳା ଏବଂ କିଛି ଅଜଣା ବ୍ୟକ୍ତି ଭିତରେ ଥିବା କାଗଜପତ୍ର ସମେତ ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ଚୋରି କରି ନେଇଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି।ସୂଚନା ଅନୁସାରେ ଶୁକ୍ରବାର ପୂର୍ବାହ୍ନରେ ଗ୍ରାମର କିଛି ମହିଳା ଏବଂ ଅସାମାଜିକ ଯୁବକ ସ୍ପଷ୍ଟ ଦିବାଲୋକରେ ଗୃହର ଚାବି ଭାଙ୍ଗି ଭିତରେ ଥିବା କାଗଜପତ୍ର ସମେତ ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଏକ ମସଲା ପେସା ମେସିନକୁ ନେଇଯାଇଛନ୍ତି।ଏ ବାବଦରେ ଜାଣିବା ପରେ ମିଶନଶକ୍ତି ସଭାନେତ୍ରୀ ଶିରାପୁର ଗ୍ରାମର ଅନୁପମା ପାଣିଗ୍ରାହୀ ଏବଂ ସମ୍ପାଦିକା ସୌଦାମିନୀ ପାତ୍ର ଶୁକ୍ରବାର ରାତିରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## କାଦୁଅ ପୋଖରୀରୁ ଷଣ୍ଢ ଉଦ୍ଧାର

ସିମୁଳିଆ,(ସବ୍ୟୁ) :ଖାଦ୍ୟ ଅନ୍ୱେଷଣରେ ଯାଇ କାଦୁଅ ପୋଖରୀରେ ଫସି ଯାଇଥିବା ଷଣ୍ଢକୁ ଉଦ୍ଧାର କଲେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହିତ ଗ୍ରାମବାସୀ ।ଏମିତି ଏକ ଘଟଣା ଦେଖିବାକୁ ମିଳିଥିଲା ସିମୁଳିଆ ଥାନା କହ୍ନେଇବିନ୍ଧା ପଞ୍ଚାୟତ ରାମପୁର ଗ୍ରାମରେ । ସୂଚନାରୁ ପ୍ରକାଶ ସେହି ଗ୍ରାମର ଜଣଙ୍କ ବାଡ଼ିରେ ଥିବା ଏକ ପୋଖରୀକୁ ଷଣ୍ଢଟି ପଶିଯାଇଥିଲା ଖାଦ୍ୟ ପାଇଁ ହେଲେ ପୋଖରୀରେ ପାଣି କମ୍ ଥିବାବେଳେ କାଦୁଅରେ ଷଣ୍ଢଟିର ଗୋଡ଼ ପଶି ଯାଇଥିଲା । ସେ ପ୍ରାୟ ପୋଖରୀରେ ଦୁଇ ଘଣ୍ଟାରୁ ଉର୍ଦ୍ଧ ସମୟ ରହି କଷ୍ଟରେ ଛଟପଟ ହେଉଥିଲା । ଗ୍ରାମ ବାସୀମାନେ ଷଣ୍ଢ ଟିକୁ ଏମିତି ଅବସ୍ଥାରେ ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଲେ ବିଫଳ ହୋଇଥିଲେ । ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ଖବର ପାଇ ଘଟଣା ସ୍ଥଳରେ ବାସୁଦେବପୁର ଅଗ୍ନିଶମ ବିଭାଗ ପହଞ୍ଚି ଷଣ୍ଢ ଟିକୁ ପୋଖରୀରୁ ଉଦ୍ଧାର କରିଥିଲେ । ଉଦ୍ଧାର କାର୍ଯ୍ୟରେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

## ଟ୍ରଲର ପଛକୁ ଧକ୍କା ଦେଲା ଟୁରିଷ୍ଟ ବସ: ୧୦ଆହତ

ବାଲେଶ୍ୱର ,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ ଭେଲରା ନିକଟରେ ଶନିବାର ଭୋର ୪ଟା ସମୟରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରଲର ପଛ ପଟରୁ ଏକ ଟୁରିଷ୍ଟ ବସ ଧକ୍କା ଦେଇବାରୁ ବସରେ ଥିବା ୫୧ ଯାତ୍ରୀଙ୍କ ମଧ୍ୟରୁ ଦଶ ସାମାନ୍ୟ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସମସ୍ତ ଆହତଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଜଣେ ଗୁରୁତରଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।ପଶ୍ଚିମବଙ୍ଗ ଚକଦା ଥାନା ଲକ୍ଷ୍ମୀପୁର ଅଞ୍ଚଳର ୫୧ ଜଣ ତୀର୍ଥ ଯାତ୍ରୀ ଡବ୍ଲୁ ବି ୧୯ ଜି ୫୬୪୬ ଏକ ଟୁରିଷ୍ଟ ବସରେ ପୁରୀ ଅଭିମୁଖେ ଯାତ୍ରା କରୁଥିଲେ। ଶନିବାର ଭୋର୍ ଚାରିଟା ସମୟରେ ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ ଭେଲୋରା ନିକଟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଟ୍ରଲର ପଛପଟକୁ ଧକ୍କା ଦେଇଥିଲା। ଖବର ପାଇ ଜାତୀୟ ରାଜପଥରେ ପ୍ରହରା ଦେଉଥିବା ପୁଲିସ ସହିତ ବସ୍ତା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ବସ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଟ୍ରଲର ଓ ବସକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଦେଖିବାକୁ ମିଳିଛି।


## ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ରୋଜଗାର ସୁବିଧାର ଶୁଭାରମ୍ଭ

କେନ୍ଦୁଝର ,(ସ୍ୱପ୍ର/ସବ୍ୟୁ):ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନଚରଣମାଝୀଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲଘୁ ଖୁଦ୍ର ଓ ମାଧ୍ୟମ ଉଦ୍ୟଗ ବିଭାଗ ତଥା ଗୃହ ଉଦ୍ୟଗ ଟ୍ରଷ୍ଟ ଭୁବନେଶ୍ୱର ଙ୍କ ମିଳିତ ଉଦ୍ୟମରେ କେନ୍ଦୁଝର ଜିଲ୍ଲାର ଉଭୟ ପୁରୁଷ ଏବଂ ମହିଳା ସ୍ୱୟଂସହାୟକଗୋଷ୍ଠୀ ମାନଙ୍କ ପାଇଁ ଧନ୍ଦାମୂଳକ ତାଲିମ ଉତ୍ପାଦନ ସାମଗ୍ରୀର ବଜାରୀକରଣ ଓ ରୋଜଗାର ଉପରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଶୁଭାରାମ୍ଭ ସଂସ୍କୃତି ଭବନ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ବରୋଦା ଭୂଷଣ ସାହୁ ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ଭାରତି ସାହୁ ,ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ସ୍ୱର୍ଣ୍ଣଲତା ବେହେରା ପୌର ପରିଷଦ ଗୋଷ୍ଠୀ ସଂଗଠକ ଶ୍ରୀମତୀ ଶୁଭଶ୍ରୀ ବେଜ ଲଘୁକ୍ଷୁଦ୍ର ମାଧ୍ୟମ ଉଦ୍ୟଗର ଅଧକ୍ଷ ମୀନକେତନ ଅମାନ୍ତ ଗୃହ ଉଦ୍ୟଗ ମାନେଜିଙ୍ଗ ଟ୍ରଷ୍ଟି ମନିକା ଦେ ଆଚାର୍ଯ୍ୟ ତଦାସାର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ଚକ୍ର ସାମ୍ବାଦିକ ସତ୍ୟଜିତ ମିଶ୍ର ଆଇନଜୀବୀ ପ୍ରତିଭା ମିଶ୍ର ,ଜିଲ୍ଲା ସ୍ୱୟଂ ସହାୟକ ଗୋଷ୍ଠୀମହାସଂଘ ସଭାପତି ଶ୍ରୀମତୀ ସୁରଥୀ ଘଣାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଉଦଘାଟିତ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଭାବେ କେନ୍ଦୁଝରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଦାସାର ସମ୍ପାଦକ ଅକ୍ଷୟ କୁମାର ଚକ୍ର ଓ ଉପଦେଷ୍ଟା ଭାବେ ଆଇନଜୀବୀ ପ୍ରତିଭା ମିଶ୍ରଙ୍କୁ ମନୋନୀତ କରାଯାଇ ଘୋଷଣା କରାଯାଇଥିଲା।

## ଦହିପୁର ଛକଗଣ୍ଡଗୋଳ ଘଟଣା: ୩ ଗିରଫ

ସୋର,(ସବ୍ୟୁ) :ସୋର ଥାନା ଦହିପୁର ଛକରେ ବାୟୁ ମେଡିକାଲ ୱେଷ୍ଟ ପ୍ଲାଣ୍ଟ ମ୍ୟାନେଜର ସମେତ ଅନ୍ୟ କର୍ମଚାରୀ ମାନଙ୍କୁ ମାଡ଼ ଘଟଣାରେ ସୋର ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ମାଣତ୍ରୀ ପଞ୍ଚାୟତ ବଳିବେଢ଼ ଗ୍ରାମରେ ଉତ୍କଳ ଇନ ଭାଇରୋକେୟାର ଦ୍ୱାରା ନିର୍ମିତ ହୋଇଥିବା ବାୟୁ ମେଡିକାଲ ୱେଷ୍ଟ ପ୍ଲାଣ୍ଟର ମ୍ୟାନେଜର ପ୍ରକାଶ ସ୍ୱାଇଁ ତାଙ୍କ ପ୍ଲାଣ୍ଟର କର୍ମଚାରୀଙ୍କୁ ନେଇ ସୋର ରେଳ ଷ୍ଟେସନକୁ ଯାଉଥିବା ବେଳେ ଦହିପୁର ଛକରେ ବଳିବେଢ଼ ଗ୍ରାମର ସନାତନ ବେହେରା (୪୦), କୈଳାସ ଚନ୍ଦ୍ର ନାୟକ(୩୮)ଏବଂ ଦହିପୁର ଗ୍ରାମର ବସନ୍ତ କୁମାର ପାଢ଼ୀ (୩୧) ତାଙ୍କୁ ଅଟକାଇ ଚାନ୍ଦା ମାଗିବା ସହିତ ମାଡ଼ ମାରିଥିଲେ। ଏ ବାବଦରେ ପ୍ରକାଶ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଥାନାରେ କେଶ୍ ନମ୍ବର ୪୨୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବିଳମ୍ବିତ ରାତିରେ ପୁଲିସ କୈଳାସ, ବସନ୍ତ ଏବଂ ସନାତନକୁ ଗିରଫ କରିଥିଲେ। ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ଏଫଏମ ବିଶ୍ୱବିଦ୍ୟାଳୟରେ ଶେଷହେଲା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବାଲେଶ୍ୱର ,(ସବ୍ୟୁ) :ସ୍ନାତକ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଚୟନର ବିଭିନ୍ନ ଦିଗକୁ ନେଇ ଅବଗତ କରାଇବାର ଉଦ୍ଦେଶ୍ୟ ଓ ଜାତୀୟ ଶିକ୍ଷାନୀତିକୁ ଆଧାର କରି, ଫକୀର ମୋହନ (ଏଫଏମ)ବିଶ୍ୱବିଦ୍ୟାଳୟରେ ୨୦ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଯାଇଛି।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମଇ ମାସ ୧୯ ତାରିଖର ଆରମ୍ଭ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରର ୩୦୦ରୁ ଉର୍ଦ୍ଧ ସ୍ନାତକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ନିୟମିତ ପାଠ୍ୟକ୍ରମ ବିଭାଗ ଓ ସ୍ୱୟଂବିତ୍ତ ପାଠ୍ୟକ୍ରମର ନିର୍ଦ୍ଦେଶାବଳୀ ଅନୁସାରେ କେବଳ ୩୦୦ ଜଣ ମନୋନୀତ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା। ଉଦଯାପନ ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ କଣ ଶିକ୍ଷାଲାଭ କଲେ ଓ ସେମାନଙ୍କ ଅନୁଭୂତି ସଂପର୍କରେ ସବିଶେଷ ମତାମତ ସଂଗ୍ରହ କରିଥିଲେ। ଏଥିସହ ସମସ୍ତ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ଅଭିନନ୍ଦନ ଜଣାଇ ନିଜ ଅଭିଭାଷଣରେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଶୁଭେଚ୍ଛା ଜଣାଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କମାନେ ଶିକ୍ଷକ-ଶିକ୍ଷୟିତ୍ରୀ, ବିଶେଷଜ୍ଞ ମାନଙ୍କ ଠାରୁ ନିଜ ପଠନ ସମ୍ପର୍କିତ ବିଷୟରେ ଅଧିକ ଜ୍ଞାନ ଓ ଉତ୍ତମ ପ୍ରକାଶରୂପର ଆଦାନପ୍ରଦାନ , କାର୍ଯ୍ୟକ୍ଷମ ବ୍ୟବହାରିକ ଜ୍ଞାନ, ଉଚ୍ଚଶିକ୍ଷା ସହ ଭବିଷ୍ୟତ ଗଠନର ବହୁମୁଖୀ ଦୃଷ୍ଟିକୋଣ, ସମାଲୋଚନାତ୍ମକ ଚିନ୍ତାଧାରାରେ ଉନ୍ନତି, ବିଶ୍ଳେଷଣାତ୍ମକ ଦକ୍ଷତାର ବିକାଶ , ଗବେଷଣା ଭିତ୍ତିକ ଦୃଷ୍ଟିଭଙ୍ଗୀରେ ଆଗ୍ରହ ଇତ୍ୟାଦିକୁ ଶିକ୍ଷାଲାଭ କରିପାରିବାର ଉଲ୍ଲେଖ କରିଥିଲେ।ଏହି ସୁସଂଯୋଜିତ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଶ୍ରେଣୀଗୃହ ଶିକ୍ଷା ଓ ବ୍ୟବହାରିକ ଅନୁଭବ ମଧ୍ୟରେ ଥିବା ଅନ୍ତରକୁ ଭରଣ କରିପାରିଛି ତଥା ଛାତ୍ରଛାତ୍ରୀମାନଙ୍କୁ ଆଶାନୁରୂପ ପ୍ରଶିକ୍ଷଣ ଦିଆଯାଇପାରିଛିବୋଲି ବୈଠକରେ ଯୋଗଦେଇ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ଼କ୍ଟର ନିହାର ରଞ୍ଜନ ରାଉତ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ସନ୍ତୋଷ କୁମାର ଅଗ୍ରୱାଲ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଅଂଶଗ୍ରହଣକାରୀ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ରହିବା ଓ ଖାଦ୍ୟବ୍ୟବସ୍ଥା, ସ୍ୱାସ୍ଥ୍ୟଗତ ସୁରକ୍ଷାର ଯତ୍ନ ନେବାର ଆୟୋଜନ କରାଯାଇଥିଲା। ଦାୟିତ୍ୱରେ ଥିବା ବିଭାଗ ମୁଖ୍ୟ ଓ ସଂଯୋଜକ ମାନେ ଏହି ପ୍ରଶିକ୍ଷଣ ଅନ୍ତର୍ଗତ କାର୍ଯ୍ୟକଳାପ ଗୁଡ଼ିକର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମକୁ ଡ଼କ୍ଟର ରାଜଶ୍ରୀ ଦତ୍ତ ସଂଚାଳନ କରିଥିଲେ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପନିର୍ଦ୍ଦେଶକ ଡ଼କ୍ଟର ଦେବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମର୍ଜେନ୍ସି ପେସେଣ୍ଟକୁ ନେଇ ଡ୍ରେସିଂ ରୁମ୍‌ରେ ଛନ୍ଦି ହେଲେ ଡାକ୍ତର୍

ଭଦ୍ରକ,(ସବ୍ୟୁ) : ମଲମପଟି ବା ଡ୍ରେସିଂ ଦାୟିତ୍ୱରେ ଥିବା କର୍ମଚାରୀ ସମର ମହାଲିକଙ୍କ ମନମାନି ଯୋଗୁ ଜଣେ ରୋଗୀଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହେବାପରେ ଚାନ୍ଦବାଲି ମେଡ଼ିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜନା ହେବାର ଅନୁମାନ କରି ଡ୍ରେସର୍ ସମର ମହାଲିକ ଡ୍ୟୁଟି ଛାଡ଼ି ମେଡ଼ିକାଲରୁ ଫେରାର ହୋଇଗଲେ ଏବଂ ମୋବାଇଲ୍ ବନ୍ଦ୍ କରିଦେଲେ। ଅନ୍ୟପଟେ ଶନିବାର ଦିନ ଡ୍ୟୁଟିରେ ମାତ୍ର ଜଣେ ଡାକ୍ତର ଅଛନ୍ତି। ଠିକ୍ ଏହି ସମୟରେ ଜଣେ ଗୁରୁତର ରୋଗୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମେଡ଼ିକାଲରେ ପହଞ୍ଚି ଥିଲେ। ଦୀର୍ଘ ୧ ଘଣ୍ଟା ଲୋକେ ମେଡ଼ିକାଲରେ ଡ୍ରେସରଙ୍କୁ ଖୋଜାଖୋଜି ପରେ ଡ୍ରେସର୍ ନମିଳିବାରୁ ଦୀର୍ଘ ୧ଘଣ୍ଟା ପରେ ଲୋକଙ୍କ ଉତ୍ତେଜନା ବଢ଼ିବାରୁ ବାଧହୋଇ ଡ୍ୟୁଟିରେ ଥିବା ଡ଼ାକ୍ତର ଡ୍ରେସିଂ ରୁମକୁ ଆସି ଷ୍ଟିଚ୍ ପକାଇ ଡ୍ରେସିଂ କଲେ। ଡାକ୍ତରଙ୍କ ଅସହାୟ ହୋଇ କଲେ ଷ୍ଟିଚ୍ ଏବଂ ଡ୍ରେସିଂ ଏପରି ପରିସ୍ଥିତିରେ ଦୀର୍ଘ ସମୟ ଅପେକ୍ଷା କରି ଅନ୍ୟ ରୋଗୀମାନେ ଅସନ୍ତୁଷ୍ଟ ହୋଇ ଫେରି ଯାଇଥିବାର ଦେଖିବାକୁ ମିଳିଛି। ଅବସ୍ଥା ଏମିତି ଯେ ଡ୍ରେସରଙ୍କ ମୋବାଇଲ୍ ବନ୍ଦ୍‌କୁ ମେଡ଼ିକାଲ ଅଫିସରଙ୍କ ମୋବାଇଲ୍ ବନ୍ଦ। ଡେପୁଟେଶନ୍‌ରେ ଥିବା ଡ଼ାକ୍ତର ଆଜି ନିସହାୟ ହୋଇପଡ଼ିଛନ୍ତି।


## ଆନନ୍ଦ ଉଲ୍ଲାସ ମଧ୍ୟରେ ଈଦ-ଉଲ-ଜୁହା ପାଳିତ

ଭଦ୍ରକ, (ସବ୍ୟୁ):ଉତ୍ସାହ ସହ ଭଦ୍ରକ ସହରରେ ଶନିବାର ଦିନ ପବିତ୍ର ଈଦ-ଉଲ-ଜୁହା ପର୍ବ ପାଳିତ ହୋଇଯାଇଛି। ଭଦ୍ରକ ପୁରୁଣାବଜାର ସ୍ଥିତ ଜାମା ମସଜିଦରେ ସକାଳ ୮ଟା୧୫ ମିନିଟ ଓ କୁଆଁସ କଦମଭେଢ଼ା ସ୍ଥିତ ଇଦଘାରେ ସକାଳ ସାଢ଼େ ୫ଟାରେ ସମେତ ବାଙ୍କା ମହଲ୍ଲା,କାଜି ମହଲ୍ଲା, ଦୁର୍ଗାପୁର, ହଳଦୀଡ଼ିହି, ବଡ/ସାନ ଶଙ୍କରପୁର, ଛଡ଼ାକ ମହଲ୍ଲା, ମିର୍ଜାପୁର, ଅଲାଲପୁର,ଶେଖସାହି,ନଂଘା ମହଲ୍ଲା, ହଜାରିନଗର, ସାହାପୁର, ଏଲଖା, ବାଇପାସ,ଚରମ୍ପା ସହିତ ଗ୍ରାମାଂଚଳର ମସଜିଦ ଏବଂ ଭଦ୍ରକ ଜିଲ୍ଲାରେ ପ୍ରାୟ ୧୪୦ଟି ମସଜିଦରେ ମଧ ହଜାର ହଜାର ସଂଖ୍ୟାରେ ଇସଲାମ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରି ନିର୍ଦ୍ଧାରିତ ସମୟରେ ସମୂହ ନମାଜ ପାଠ କରାଯାଇଥିଲା। ଜାମା ମସଜିଦରେ ହାଫିଜ ମହମ୍ମଦ ସାଦିକ ହୋସେନ ଓ ଈଦଘାରେ ହାଫିଜ ଅବଦୁଲ ଦୟାନ ମୁସଲମାନ ଧର୍ମାବଲମ୍ବିଙ୍କୁ ନମାଜ ପାଠ କରାଇବା ସହ ନୀତିନିଷ୍ଠ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜ ପାଠ ପରେ ଉଭୟ ହିନ୍ଦୁ ଭାଇ,ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ ମୋବାରକ ଜଣାଇଥିଲେ। ଏହି ପର୍ବକୁ ବେଶ ଧୂମଧାମରେ ପାଳନ କରିଛନ୍ତି ଭଦ୍ରକବାସୀ ଓ ଈଦଘା ଠାରେ ଉପ-ସଭାପତି ମହମ୍ମଦ ଜକାଉଲ୍ଲା,ବରିଷ୍ଠ ସଭ୍ୟ ଅସରଫ ଅଲି ଖାନ,ଜମିଲ ଅଖତର ଖାନ,କୋଷାଧକ୍ଷ ମିର୍ଜା ଏକ୍ରାମ ବେଗ,ଅଖତର ଅଲି,ଆଇନଯିବି ତାହେର ମହମ୍ମଦ,ଶେଖ ନଇମ ଏବଂ ଭଦ୍ରକ ଜାମା ମସଜିଦରେ ମସଜିଦର ସଭାପତି ହାଜି କାସିମ ଖାନ,ସମ୍ପାଦକ ଶେଖ ହାଫିଜୁଲ୍ଲା,ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଆଜିର ଏହି ପବିତ୍ର ପର୍ବ ଅବସରରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ରୋଟାରିୟନ ଅତୀଶ ବେହେରା, ଜଗନ୍ନାଥ ସ୍ୱାଇଁ,ଶୁଭଙ୍କର ମହାପାତ୍ର,ରାଜୁ ଜେନା ପ୍ରମୁଖ ଯୋଗଦାନ କରିଥିଲେ। ଭଦ୍ରକ ଜିଲ୍ଲାର ନୂତନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ଯୋଗଦାନ କରି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଡିଭାଇନ ଏଜୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ବିଶ୍ୱ ପରିବେଶ ଦିବସ ପାଳନ

ନୀଳଗିରି,(ସବ୍ୟୁ) :ନୀଳଗିରି ସ୍ଥିତ ଡିଭାଇନ ଏଜୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆଜି ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କୁଲଡ଼ିହା ଅଭୟାରଣ୍ୟ ଅନ୍ତର୍ଭୁକ୍ତ ସିଆଡ଼ିମାଳ ଗ୍ରାମ ଗରଡ଼ିହି ପଞ୍ଚାୟତରେ ପରିବେଶ ସୁରକ୍ଷା ସଚେତନ ତଥା ଆମ ପରିବାର ନିଶାମୁକ୍ତ ପରିବାର ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଅଛି।ଏହି କାର୍ଯ୍ୟକ୍ରମରେ ସଭାପତି ଥିଲେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପରେଶ ପୁହାଣ। ଉକ୍ତ କାର୍ଯ୍ୟକ୍ରମରେ କୁଲଡିହା ବନବିଭାଗ ଅନ୍ତର୍ଗତ ବନବିଭାଗ ଦୁଷ୍ମନ୍ତ କୁମାର ଜେନା ( ବାଲିଛୁଆ ବନବିଭାଗ), ସୌମ୍ୟରଞ୍ଜନ ମାଝୀ ( କୁଲଡିଆ ବନବିଭାଗ), ସରସ୍ୱତୀ ମୁର୍ମୁ ( ଚେକମରା ବନବିଭାଗ) ଅଧିକାରୀ। ଏବଂ ଗ୍ରାମ କମିଟି ସମ୍ପାଦକ କହ୍ନେଇ ସିଂ , ସଭାପତି ସୁବାସ ଚନ୍ଦ୍ର ସିଂ , ଯୁବ ପ୍ରତିଭା ନିରଞ୍ଜନ ସିଂ ,ଡିଭାଇନ ଟ୍ରଷ୍ଟ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର,ଟ୍ରଷ୍ଟର ସଦସ୍ୟ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ। ଯାହା ମୁଖ୍ୟ ବିଷୟ ବସ୍ତୁ ଥିଲା - କିପରି ଆମେ ପଶୁ ଶିକାର କରିବା ନାହିଁ , ପକ୍ଷୀ ହତ୍ୟା କରିବା ନାହିଁ , ଜଙ୍ଗଲରେ ନିଆଁ ଲଗାଇବା ନାହିଁ , ଗଛ କାଟିବା ନାହିଁ ,ଜଙ୍ଗଲ କୁ ନିଜର ମା ପରି ବଞ୍ଚେଇବା,ନିଶାରୁ ମୁକ୍ତି ଓ ପଲିଥିନ ର ସମସ୍ୟା ତାହା ଉପରେ ଆଲୋକପାତ କରାଯାଇ ଥିଲା। ସେହି ଅଞ୍ଚଳର ଅଧିବାସୀ ପ୍ରାୟତଃ ୭୦ ଜଣ ମା ଭଉଣୀ ଭାଇ ଉପସ୍ଥିତିରେ ଏହା ଆୟୋଜିତ ହୋଇଥିଲା। ଯେଉଁ ଥିରେ କି ସମସ୍ତେ ଅନୁଭବ କରିଥିଲେ କି ଯେ ପରିବେଶ ସୁରକ୍ଷା ଜୀବନ ରକ୍ଷା ଆଉ ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା।ପରିଶେଷରେ କିପରି ଜୀବବର ବଢ଼ିଛି ନିଶା, ତୁଟାଉଛି ବଞ୍ଚିବାର ଭରସା ଆଉ ଉଜାଡ଼ି ଦେଉଛି ବେଉସା, ରହୁନାହିଁ ପାଖରେ ଖର୍ଚ୍ଚ ନିମନ୍ତେ ପଇସା।ଅର୍ଥାର୍ଥ ମୋ ପରିବାର ନିଶାମୁକ୍ତ ପରିବାର ନ ର ଆହ୍ୱାନ ରେ ଜଡିତ ହୋଇଥିଲେ ଏହା ସହିତ କିପରି ନିଜର ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରାଇବା ଏହା ଆଲୋଚିତ ହୋଇଥିଲା ସ୍ଥାନୀୟ ଆଦିବାସୀ ଅଧିବାସୀ ମାନଙ୍କୁ ନେଇ ।ଏଥିରେ ଟ୍ରଷ୍ଟ ର କର୍ମୀ ଅଜୟ ସିଂ କ୍ରିଷ୍ଣା ପଲେଇ, ଶ୍ରବଣ ମଢେଇ, ପରେଶ୍ ପୁହାଣ, ସୁବ୍ରତ ଜେନା , କୌଶିକ ଦାସ୍, ବିକାଶ ଦେଶ୍ୱରି , ଇତ୍ୟାଦି ସାମିଲ୍ ହୋଇ ଓ ଅନ୍ତର୍ଭୁକ୍ତ ରହି କାର୍ଯ୍ୟକ୍ରମ କୁ ସଫଳତାର ରୂପ ଦେଇଥିଲେ।ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଟ୍ରଷ୍ଟର ସହକର୍ମୀ କ୍ରିଷ୍ଣା ପଲେଇ। ପରିଶେଷରେ ଡିଭାଇନ ଚାରିଟେବୁଲ ଟ୍ରଷ୍ଟ ଓ ଗ୍ରାମ୍ୟ ଅଞ୍ଚଳର କମିଟି ତରଫରୁ ଭବିଷ୍ୟତରେ ଏଠାରେ ଅନେକ ଗଛ ଲଗା ଯିବାର ଶପଥ ଗ୍ରହଣ କରାଯାଇଛି । ଗ୍ରାମର ପ୍ରତିଟି ଶିଶୁ କିପରି ପାଠ ପଢିବ ଶିକ୍ଷିତ ହେବ ଏହା ଏକ ସଂକଳ୍ପ ବୋଲି ବକ୍ତାମାନେ କହିଥିଲେ।

# ଟାଟା ଷ୍ଟିଲରଗୁଆଲି ଠାରେ ପୋଖରୀ ରୂପାନ୍ତରଣ କାର୍ଯ୍ୟକ୍ରମ




କେନ୍ଦୁଝର/ଯୋଡ଼ା,(ସ୍ୱପ୍ର/ସବ୍ୟୁ) : ସ୍ଥାୟୀ ଜଳ ପରିଚାଳନା ଓ ପରିବେଶ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟାଟା ଷ୍ଟିଲ୍ ପକ୍ଷରୁ ପରିବେଶ ଅନୁକୂଳ ଅଞ୍ଚଳ ଓ ଇକୋ-ଟୁରିଜିମ ସ୍ଥଳଗୁଡ଼ିକ ପାରିପାର୍ଶ୍ୱିକ ଅଞ୍ଚଳ ଓ ସ୍ଥାନୀୟ ପୋଖରୀଗୁଡ଼ିକର ରୂପାନ୍ତରଣ କରାଯାଉଛି। ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ କମ୍ପାନୀ ପକ୍ଷରୁ ଯୋଡା ବ୍ଲକ ଅନ୍ତର୍ଗତ ଗୁଆଲି ନିକଟସ୍ଥ ନୂଆଗାଁ ମନ୍ଦିର ପୋଖରୀର ରୂପାନ୍ତରଣ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘଦିନର ଅନୁରୋଧ ପୂରଣ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପରେ ମୁଖ୍ୟ ପୋଖରୀର ପୁନରୁଦ୍ଧାର ସମେତ ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଗାଧୁଆ ସ୍ଥଳ ର୍ନିମାଣ କରାଯାଇଛି। ଏହି ପ୍ରକଳ୍ପ ପୋଖରୀର ସୌନ୍ଦର୍ଯ୍ୟ ବାଇବା ସହିତ ସାଂସ୍କୃତିକ ମୂଲ୍ୟବୋଧରେ ମଧ ଉନ୍ନତି ଆଣିଛି।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ବିଦ୍ୟାଧର ନାୟକ,ସରପଞ୍ଚ, ଗୁଆଲି ଗ୍ରାମ ପଞ୍ଚାୟତ, କୁଷ ଆପଟ, ସାମାଜିକ କର୍ମୀ, ଟାଟା ଷ୍ଟିଲ ଲିମିଟେଡର ମହାପ୍ରବନ୍ଧକ (ଓଏମକ୍ୟୁ) ଅତୁଲ କୁମାର ଭଟ୍ଟନାଗର, ଦୀପକ ବେହେରା, ଟାଟା ଷ୍ଟିଲ କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ, ଦାବରା ମୁଣ୍ଡା, ପୂର୍ବତନ ସରପଞ୍ଚ, ଗୁଆଲି ଗ୍ରାମ ପଞ୍ଚାୟତ, ଶ୍ରୀ ଝୁରିଆ ମୁଣ୍ଡା, ସାମାଜିକ କର୍ମୀ, ଶ୍ରୀମତୀ ବିଳାସିନୀ ଓରାମ, ସରପଞ୍ଚ, ଲୋଇଡାପଡା ଗ୍ରାମ ପଞ୍ଚାୟତ ଓ ଅନ୍ୟ ସମ୍ମାନନୀୟ ଅତିଥି ଯୋଗ ଦେଇଥିଲେ।ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଗୁଆଲି ଓ କଳମଙ୍ଗ ଅଞ୍ଚଳର ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗୋଷ୍ଠୀ ବିକାଶ, ପାନୀୟ ଜଳ, ସେର ଶକ୍ତି, ଭିତ୍ତିଭୂମି ଓ ଦକ୍ଷତା ବିକାଶ ଆଦି କ୍ଷେତ୍ର ପ୍ରତି ଯୋଗଦାନ ଦିଆଯାଉଛି।ପୋଖରୀ ରୂପାନ୍ତରଣ ପ୍ରକଳ୍ପରେ ୫୦୦ରୁ ଅଧିକ ଚାରା ଓ ଫୁଲ ଗଛ ଲଗାଯାଇଛି ।ଏହା ବ୍ୟତୀତ ପରିବେଶ ଅନୁକୂଳ ଗାଧୁଆଟୁଠ ଓ ସ୍ୱଚ୍ଛତା ତଥା ପରିମଳ ସୁବିଧାର ବ୍ୟବସ୍ଥା କରାଯାଇଛି।ଏହି ପ୍ରକଳ୍ପ ଭୂତଳ ଜଳ ରିଚାର୍ଜ କରିବ ଓ ଜଳ ସାରଣୀ ସ୍ତର ବାଇବାରେ ସହାୟକ ହେବ ଏବଂ ଏକ ସ୍ୱଚ୍ଛ ଓ ସବୁଜ ପରିବେଶକୁ ପ୍ରୋତ୍ସାହିତ କରିବଛ ପକ୍ଷୀ, କୀଟ ଓ ଗଛଲତା ଆଦିକୁ ଆକୃଷ୍ଟ କରିବା ସହ ଜେବ ବିବିଧତାରେ ଉନ୍ନତି ଓ ଚାଷବାସରେ ମଧ ଏହା ସହାୟକ ହେବ।

# ଯାତ୍ରା କୋଣାର୍କର ସୁଦକ୍ଷ ବିନ୍ଧାଣୀ : ବୈଷ୍ଣବ ପାଣି

ଅନନ୍ତ ଗୋପାଳ ପଣ୍ଡା

ସାରସ୍ୱତ ପରିମଣ୍ଡଳରେ ଯେଉଁ କେତେ ଜଣ ସାହିତ୍ୟ ସାଧକ ନିଜର କୃତି, କୀର୍ତ୍ତି ତଥା ସ୍ୱକୀୟ ପ୍ରତିଭା ବଳରେ ନିଜକୁ ଗଣ ହୃଦୟରେ ସ୍ଥାନିତ କରିବାରେ ସକ୍ଷମ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଗଣକବି ବୈଷ୍ଣବ ପାଣି ହେଉଛନ୍ତି ଅନ୍ୟତମ । ସାହିତ୍ୟର ଏକାଧିକ ବିଭାଗ ସାଧାରଣତଃ ପାଠକର ଦର୍ଶନେନ୍ଦ୍ରିୟ ଓ ମନଙ୍କୁ ଆକର୍ଷିତ କରୁଥିବାବେଳେ ଏକମାତ୍ର ଯାତ୍ରା ବା ନାଟକ ବିଭାଗ ଦର୍ଶକର ଦର୍ଶନେନ୍ଦ୍ରିୟ, ଶ୍ରବଣେନ୍ଦ୍ରିୟ ସହିତ ଚିନ୍ତାଚେତନାକୁ ବାନ୍ଧି ରଖିଥାଏ, ନାଟକର ଶେଷ ଯବନିକା ପତନ ପର୍ଯ୍ୟନ୍ତ । ପୂର୍ବରୁ ନାଟକ କେବଳ ସଂଳାପ ସର୍ବସ୍ୱ ଥିବାବେଳେ ପରପର୍ଯ୍ୟାୟରେ ବିଭିନ୍ନ ସ୍ୱର ଆଧାରିତ ସଂଗୀତର ସଂଯୋଗ ଦର୍ଶକଙ୍କ ପ୍ରାଣତନ୍ତ୍ରୀକୁ ଉଲ୍ଲସିତ କରିଥାଏ ଓ ତନୁମନକୁ ପୁଲକିତ କରେ । କେବଳ ସେତିକି ନୁହେଁ ବୀର ରସ, କରୁଣ ରସ, ଶାନ୍ତ ରସ ଆଦି ନବରସ ଆଧାରିତ ସଂଗୀତାବଳୀ ଦର୍ଶକମାନଙ୍କ ମନକୁ ରସସିକ୍ତ କରେ । ନାଟକରେ ସଂଗୀତର ସଂଯୋଗ ସହିତ ବିଭିନ୍ନ ରସର ଅବତାରଣା କରିବାରେ ଧୂରୀଣ ଥିଲେ ଗଣକବି ବୈଷ୍ଣବ ପାଣି । ତାଙ୍କର ମୂଲ୍ୟବୋଧ ଭିତ୍ତିକ ବିଷୟବସ୍ତୁ ଚୟନ, ଉଚ୍ଚକୋଟୀର ସଂଳାପ ଓ ବିଭିନ୍ନ ସ୍ୱର ଆଧାରିତ ସଂଗୀତର ଅବତାରଣା ତାଙ୍କୁ ତାଙ୍କ ସମସାମୟିକ ନାଟ୍ୟକାରଙ୍କଠାରୁ ଊର୍ଦ୍ଧ୍ୱକୁ ନେଇ ଯାତ୍ରାକୋଣାର୍କର ସୁଦକ୍ଷ ବିନ୍ଧାଣୀ ଆସନରେ ଆସୀନ କରାଇଛି ।

ସେହି ଯଶସ୍ୱୀ ପ୍ରତିଭାଧର କଳାର ପୂଜାରୀ ବୈଷ୍ଣବ ପାଣି କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ କୋଠପଦା ଗ୍ରାମର ପିତା ସୁଦର୍ଶନ ପାଣି ଓ ମାତା ଚାନ୍ଦ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ୧୮୮୨ ମସିହା ଅକ୍ଟୋବର ମାସ ୨୬ ତାରିଖ କୁମାର ପୂର୍ଣ୍ଣିମା ତିଥିରେ । ପିତା ଜନ୍ମିତ ଶିଶୁଟିର ନାମ ରଖିଥିଲେ ଶତ୍ରୁଘ୍ନ । ପିଲାଦିନରୁ ରୋଗାକ୍ରାନ୍ତ ଶତ୍ରୁଘ୍ନର ଆରୋଗ୍ୟ କାମନା କରି ପିତାମାତା ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହେବାପୂର୍ବକ ବଡ଼ଦାଣ୍ଡସ୍ଥିତ ବଡ଼ଛତା ମଠତଳେ ପୁତ୍ର ଶତ୍ରୁଘ୍ନକୁ ବୈଷ୍ଣବ କରିଦେଇଥିଲେ । ସେହିଦିନଠାରୁ ସେ ଶତ୍ରୁଘ୍ନ ପରିବର୍ତ୍ତେ ବୈଷ୍ଣବ ନାମରେ ପରିଚିତ ହେଲେ । ସୁଦର୍ଶନ ପାଣିଙ୍କ ପରିବାରର ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବୈଷ୍ଣବଙ୍କ ପିଲାଦିନ ବହୁଦୁଃଖ କଷ୍ଟରେ ଅତିବାହିତ ହୋଇଥିଲା । ବିଦ୍ୟାଧ୍ୟୟନ ସମୟରେ ଉକ୍ତ ଅଭାବର ସମ୍ମୁଖୀନ ହୋଇ ବୈଷ୍ଣବ କୋଠପଦା ମଠ ମହନ୍ତ ରଘୁନାଥ ପୁରୀ ଗୋସ୍ୱାମୀଙ୍କ ମଠରେ ଫୁଲତୋଳା ଓ ଫୁଲଗୁନ୍ଥା କାର୍ଯ୍ୟରେ ହେଲେ ନିୟୋଜିତ । ଏହି କାର୍ଯ୍ୟରୁ ମିଳୁଥିବା ଅର୍ଥ ପରିବାର ପ୍ରତିପୋଷଣ ପାଇଁ ପର୍ଯ୍ୟାପ୍ତ ନଥିବାରୁ ସେ ପରେ ଗୋମାତାମାନଙ୍କ ସେବାରେ ଲିପ୍ତ ହେଲେ । ଉକ୍ତ ଦାରିଦ୍ର୍ୟର କଷାଘାତରେ ନିପୀଡ଼ିତ ବୈଷ୍ଣବ ପରବର୍ତ୍ତୀ ସମୟରେ କୋଠପଦା ମାଇନର ସ୍କୁଲରେ ପାଚକ ଭାବରେ ନିଯୁକ୍ତ ହେଲେ । ବୈଷ୍ଣବଙ୍କ ପାଠପଢ଼ା ପ୍ରତି ଥିବା ଆଗ୍ରହକୁ ଅନୁଭବ କରି ସ୍କୁଲର ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ଭୋଳାନାଥ ମିଶ୍ର ତାଙ୍କୁ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇ ଦେଲେ । ବହୁ କଷ୍ଟରେ ସେ ତିନି ବର୍ଷ ସ୍କୁଲରେ ବିଦ୍ୟାଧ୍ୟୟନ କରି ସପ୍ତମ ଶ୍ରେଣୀ ପୂର୍ବରୁ ପାଠ ପଢ଼ାରେ ଡ଼ୋରୀ ବାନ୍ଧିଦେଲେ । ଦିନକୁ ଦୁଇଓଳି ଖାଦ୍ୟ ପାଇଁ ସେ ମାସିକ ୪ ଟଙ୍କା ବେତନରେ ଘରୋଇ ଶିକ୍ଷକ ହେଲେ ।

ଏହିପରି ଅଭାବରେ ଜୀବନ ଅତିବାହିତ କରୁଥିବା ସମୟରେ ମାତ୍ର ୧୯ ବର୍ଷ ବୟସରେ ସେ ଜଳୌକା ନିକଟବର୍ତ୍ତୀ ଦେବିଲ ଗ୍ରାମର ନୀଳା ନାମ୍ନୀ କନ୍ୟାର ପାଣିଗ୍ରହଣ କରିଥିଲେ । ଏହାପରେ ଶ୍ରେଷ୍ଠ ଲୋକକଳା ଭାବେ ଅଭିହିତ ପାଲାକୁ ନିଜର ବୃତ୍ତି ରୂପେ ଗ୍ରହଣ କରି ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରିବାକୁ ଲାଗିଲେ । କୌଣସି କାରଣବଶତଃ ତାଙ୍କୁ ପାଲା ପାଇଁ କେହି ଆଉ ନିମନ୍ତ୍ରଣ କଲେ ନାହିଁ । ବୃତ୍ତି ହୀନ ଭାବେ ସମୟ ଅତିବାହିତ କରୁଥିବାବେଳେ ମାଳିହତା ଗ୍ରାମର ନାଟ ଓସ୍ତାଦ୍ ହେବାପାଇଁ ନିମନ୍ତ୍ରଣ ଆସିଲା । ପୂର୍ବରୁ ଗୋଟିପୁଅ ନୃତ୍ୟ କରି ପ୍ରଶଂସା ଲାଭ କରିଥିବା ବୈଷ୍ଣବ ନିମନ୍ତ୍ରଣକୁ ସ୍ୱୀକାର କରି ଯୋଗଦାନ କଲେ ଯାତ୍ରାଦଳରେ । ସେହି ସମୟରେ ସେ ମାହାଙ୍ଗା ବିନୋଦବିହାରୀଙ୍କର ଶରଣାପନ୍ନ ହେଲେ । ପ୍ରଭୁ ଶ୍ୟାମସୁନ୍ଦରଙ୍କ କରୁଣା ବର୍ଷଣ ତାଙ୍କ ସୃଜନୀର ଧାରାକୁ ପରିବ୍ୟାପ୍ତ କଲା ।

ଏତକିବେଳେ ଧର୍ମପତ୍ନୀ ନୀଳାଙ୍କ ଗର୍ଭରୁ ଜାତ ସନ୍ତାନର ବିୟୋଗ ବୈଷ୍ଣବଙ୍କୁ ଦୁଃଖାନଳରେ କଲା ଅଭିଭୂତ । ଅଭିମାନ ବ୍ୟଥିତ ଅଭିବ୍ୟକ୍ତି ପ୍ରଭୁ ନୀଳାଦ୍ରିବିହାରୀଙ୍କ ଉଦ୍ଦେଶ୍ୟରେ ବାଢ଼ିଦେଇ ସେ ଗାଇ ଉଠିଥିଲେ–

*'ଛାଡ଼ ମାଡ ଖିଆ ବୁଦ୍ଧିହେ ବଡ଼ ଦେଉଳେ*
*ବଡ଼ ଗୋସାଇଁ । ଯେ ମାଇଲା ମାଡ଼ ସେ*
*ହୋଇଲା ବଡ଼ ବାଡ଼ ହେଲୁ ତାକୁ ତୁହି ।'*

ସେହିଦିନଠାରୁ ତାଙ୍କ ଲେଖନୀ ହେଲା ଚଳଚଞ୍ଚଳ । ଆଶୁକବି ଭାବେ ବିବେଚିତ ବୈଷ୍ଣବଙ୍କ ଲେଖିନୀରୁ ଝରି ଆସିଲା ଗୋଟିଏ ପରେ ଗୋଟିଏ କରି ଶତାଧିକ ଗୀତାଭିନୟ, ସୁଆଙ୍ଗ, ଫାର୍ସ, ଭଜନ, ଜଣାଣ ଓ ଚଉତିଶା । ଏଥି ସହିତ ସେ 'ଶକୁନ୍ତଳା' ଓ 'ଛାନ୍ଦ କିଶୋରୀ ବିଳାପ' ନାମକ ଦୁଇଟି ମର୍ମସ୍ପର୍ଶୀ କାବ୍ୟ ଏବଂ ଦୁଇଟି ଉପନ୍ୟାସ ଯଥା 'ଗୃହଲକ୍ଷ୍ମୀ' ଓ 'ଦୁଃଖିନୀ ଗୋବର ଗୋଟେଇ' ରଚନା କରି ସାହିତ୍ୟର ସବୁ ବିଭାଗରେ ନିଜର ପାରଦର୍ଶୀତା ପ୍ରଦର୍ଶନ କରିଥିଲେ । ମାତ୍ର ୨୧ବର୍ଷ ବୟସରେ ୧୯୦୩ ମସିହାରେ ସେ ପ୍ରଥମ କରି ରଚନା କଲେ ଗୀତିନାଟ୍ୟ 'ମେଘନାଦ ବଧ' । ତାଙ୍କ ରଚିତ ବହୁ ଗୀତିନାଟ୍ୟକୁ ସେ ଓଡ଼ିଶାର ପୁରପଲ୍ଲୀ ସହିତ କଲିକତା ଓ ଟାଟାରେ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିବା ସହିତ ସାଉଁଟିଥିଲେ ଅଜସ୍ର ପ୍ରଶଂସା । ତାଙ୍କର ଅବର୍ତ୍ତମାନରେ ସେହି ଲୋକପ୍ରିୟ ଗୀତିନାଟ୍ୟମାନ ଯଥା–ରଙ୍ଗସଭା, କର୍ଣ୍ଣବଧ, ଜୟଦ୍ରଥ ବଧ, ଦୁର୍ଯୋଧନ ବଧ, ପ୍ରହ୍ଲାଦ ଚରିତ, ହରିଶ୍ଚନ୍ଦ୍ର, ନଳ ଦମୟନ୍ତୀ, ରାବଣ ବଧ, ଦଣ୍ଡୀ ପର୍ବ, ମହିଷାସୁର ବଧ, କୀଚକ ବଧ, ଆଦି ଏବେ ମଧ୍ୟ ଗ୍ରାମାଞ୍ଚଳରେ ହେଉଛି ଅଭିନୀତ ଏବଂ ବେତାର ଓ ଦୂରଦର୍ଶନ ମାଧ୍ୟମରେ ହେଉଛି ପ୍ରଚାରିତ ଓ ପ୍ରସାରିତ ।

ଗଣକବିଙ୍କ ରଚନାସମ୍ଭାର ଗଣ ଚେତନାକୁ କରିଥିଲା ପ୍ରଭାବିତ । ତାଙ୍କ ରଚନାରେ ବିଷୟବସ୍ତୁ ସହିତ ସାମାଜିକ କୁସଂସ୍କାର, ଇଂରେଜମାନଙ୍କ ଅତ୍ୟାଚାର, ମାଦକ ଦ୍ରବ୍ୟ ପରିହାର ସମ୍ବଳିତ ବାର୍ତ୍ତାମାନ ଦ୍ୱାରୀ, ଡ଼ଗର ଏବଂ ଦୂତମାନଙ୍କ ଦ୍ୱାରା ହେଉଥିଲା ପରିବେଷିତ । ମନୋରଞ୍ଜନ ମାଧ୍ୟମରେ ଗ୍ରାମାଞ୍ଚଳର ଆହାର ଯଥା– ମୁଢ଼ି, କାଞ୍ଜି ଆଦିକୁ ପ୍ରଖ୍ୟାପିତ କରିବା ସହିତ ସେ ଗ୍ରାମାଞ୍ଚଳରେ ପ୍ରଚଳିତ ଶବ୍ଦମାନଙ୍କୁ ବ୍ୟବହାର କରି ତତ୍କାଳୀନ ସମାଜର ବାସ୍ତବ ଚିତ୍ରକୁ ଅତିନିଖୁଣ ଭାବରେ ଦର୍ଶକଙ୍କ ସମ୍ମୁଖରେ ପରିବେଷଣ କରୁଥିଲେ । ସେ ଥିଲେ ଜାତି ପ୍ରଥାର ବିରୋଧି । ତାଙ୍କ ରଚନାରେ ଗଣଜୀବନର ଭାଷା, ସୁଖ, ଦୁଃଖ, ପଲ୍ଲୀପ୍ରାଣତା ଏବଂ ଜୀବନର ବାସ୍ତବ ଚିତ୍ର ହେଉଥିଲା ପ୍ରତିଫଳିତ । ତାଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତିଥିବା ସମର୍ପିତ ଭକ୍ତିଭାବ ଏବଂ ଅଭିମାନ ବ୍ୟଥିତ ଅଭିବ୍ୟକ୍ତି ତାଙ୍କ ରଚିତ ଭଜନ, ଜଣାଣ ଓ ନୀଳାଚଳ ଚଉତିଶାମାନଙ୍କରେ ହୋଇଛି ପରିସ୍ଫୁଟିତ । ଯଥା–

*'ପାଣିର ଗୁହାରୀ ପାଣିରେ ଭାସୁଛି ବାଣୀ*
*ସେବା କରିକରି, ପାଶୋରୀ ନଦିଅ କିଶୋରୀ*
*ବଲ୍ଲଭ ଜୟ ନୀଳାଦ୍ରିକେଶରୀ ।'*

ନିତ୍ୟବାଣୀ ଆରାଧନାରେ ନିମଜ୍ଜିତ ଗଣକବିଙ୍କ ଜୀବନ ପ୍ରଦୀପ ନିର୍ବାପିତ ହୋଇଥିଲା ୧୯୫୬ ମସିହା ବୈଶାଖ ଅମାବାସ୍ୟାରେ । ସାରାଜୀବନ ଉକ୍ତ ଦାରିଦ୍ର୍ୟ ରୂପକ ଗରଳକୁ ଆକଣ୍ଠ ପାନକରି ଅଜସ୍ର ଗୀତିନାଟ୍ୟ, ସୁଆଙ୍ଗ, ଫାର୍ସ, ଭଜନ, ଚଉତିଶା, କାବ୍ୟ ଓ ଉପନ୍ୟାସ ଆଦି କାଳଜୟୀ ସୃଷ୍ଟିକୁ ଯିଏ ଏ ଜାତିକୁ ଦେଇଛନ୍ତି ଭେଟି, ତାର ପ୍ରତିଦାନ ସ୍ୱରୂପ ପ୍ରତ୍ୟେକ ଓଡ଼ିଆ ତାଙ୍କୁ ଚିରକାଳ ନିଜର ହୃଦୟ ସିଂହାସନରେ ମୁକୁଟ ବିହୀନ ସମ୍ରାଟ ରୂପେ ଆସୀନ କରାଇବା ସହିତ ତାଙ୍କ ଗୁଣଗାନ କରୁଥିବ ଚିରକାଳପାଇଁ,ଏଥିରେ ସନ୍ଦେହର ଅବକାଶ ନାହିଁ ।

**ଶ୍ରୀକ୍ଷେତ୍ରବିହାର,ଆଇଗିଣିଆ, ଭୁବନେଶ୍ୱର**
**ମୋ–୯୮୬୧୪୭୦୧୯୮**

# ଭାଗବତ ପାଠର ଗୁରୁତ୍ୱ

ଡ. ସୀତାକାନ୍ତ ତ୍ରିପାଠୀ

ଭକ୍ତି ଆନ୍ଦୋଳନର ପୁରୋଧା ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ମାଧ୍ୟମରେ ଓଡ଼ିଶାରେ ତତ୍କାଳୀନ ଜାତି ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ପ୍ରୟାସ କରିଥିଲେ । କାରଣ ନିରକ୍ଷର ଏବଂ ଅଶିକ୍ଷିତ ବହୁଳ ସମାଜରେ ସଂସ୍କୃତ ଭାଗବତ ସମସ୍ତଙ୍କ ପାଇଁ ବୋଧଗମ୍ୟ ନଥିଲା କି' ସମସ୍ତେ ଏହାକୁ ପଢ଼ିବାର ସୁଯୋଗ ପାଇ ନଥିଲେ । ତେଣୁ ଓଡ଼ିଆ ଭାଗବତ ମାଧ୍ୟମରେ ତୃଣମୂଳ ସ୍ତରରେ ଭାଗବତର ଭକ୍ତି ଭାବନା ପହଞ୍ଚାଇବା ପାଇଁ ସିଏ ପ୍ରୟାସ କରିଥିଲେ ।

ଆମ ଦୈନନ୍ଦିନ ଜୀବନରେ ଭାଗବତ ପାଠ ଏବଂ ଏହାର ତର୍ଜମାର ଗୁରୁତ୍ୱକୁ ଉପଲବ୍ଧି କରି କୁହାଯାଇଛି 'ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବା ନିତ୍ୟ' । ଭାଗବତ ଗ୍ରନ୍ଥରେ ଭକ୍ତି ରସ ମାଧ୍ୟମରେ ଜ୍ଞାନ, ବିଜ୍ଞାନ, ପାପ-ପୁଣ୍ୟ, ବଂଶାନୁଚରିତ, ଅର୍ଥନୀତି, ରାଜନୀତି, ଧ୍ୟାନ, ଧାରଣା ଆଦି ସାଂସାରିକ ଜୀବନର ବିଭିନ୍ନ ପ୍ରସଙ୍ଗକୁ ଅନେକ ଚରିତ୍ର ତଥା ଉପାଖ୍ୟାନ ମାଧ୍ୟମରେ ବୁଝାଇ ଦିଆଯାଇଛି । ମଣିଷର ସବୁଠୁ ବଡ଼ ଭୟ ହେଲା ମୃତ୍ୟୁ ଭୟ । ଆଉ ଏହି ଭୟରୁ ବର୍ତ୍ତିବା ପାଇଁ ମଣିଷ ବିଭିନ୍ନ ବିକଳ୍ପ ପନ୍ଥା ବାଛିଥାଏ । ପୁରାଣ ଯୁଗରୁ ଏପର୍ଯ୍ୟନ୍ତ ସମସ୍ତଙ୍କର ମୃତ୍ୟୁଞ୍ଜୟ ହେବାର ଅଦମ୍ୟ ଲାଳସା । ତେବେ ଜନ୍ମ ହେଲେ ମୃତ୍ୟୁ ହେବାର ଧ୍ରୁବ ସତ୍ୟକୁ ମର୍ମେ ମର୍ମେ ଅନୁଭବ କରି ଜୀବନକୁ ସରଳ ତଥା ସଚେତନ ଭାବେ ବିତାଇବା ପାଇଁ କିଛି ହାତଗଣତି ଲୋକ ପ୍ରୟାସ କରିଥାଆନ୍ତି ।

ରାଜା ପରୀକ୍ଷିତ ରାଜ୍ୟ ଭ୍ରମଣରେ ଥିବାବେଳେ ଶୋଷ ଲାଗିବାରୁ ସିଏ ଅନୋନ୍ୟପାୟ ହୋଇ ସମିକ ଋଷିଙ୍କ ଆଶ୍ରମକୁ ଯାଇଥିଲେ କିନ୍ତୁ ଋଷି ନିଜ ତପସ୍ୟାରେ ମଗ୍ନ ଥିବାରୁ ରାଜାଙ୍କର ତୃଷାର୍ତ୍ତ ଅବସ୍ଥାକୁ ବୁଝିବାରେ ଅସମର୍ଥ ଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ରାଜା, ନିକଟରେ ଥିବା ମୃତ ସର୍ପକୁ ଆଣି ଋଷିଙ୍କ ବେକରେ ଲମ୍ବାଇ ଦେଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ । କିଛି ସମୟ ପରେ ସମିକଙ୍କର ପୁତ୍ର ଶୃଙ୍ଗି ବାପାଙ୍କ ଉପରେ ମୃତ ସାପ ପଡ଼ିଥିବାର ଦେଖି ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ ଏବଂ ଧ୍ୟାନସ୍ଥ ହେଲେ । ଯେତେବେଳେ ସିଏ ଜାଣିଲେ ଯେ ରାଜା ପରୀକ୍ଷିତ ଏ ପ୍ରକାର ଅପକର୍ମ କରିଛନ୍ତି, ସିଏ କ୍ରୋଧରେ ଜର୍ଜରିତ ହୋଇ ପରୀକ୍ଷିତଙ୍କୁ ଅଭିଶାପ ଦେଲେ 'ଯେଉଁ ମୃତ ସାପକୁ ଆଣି ତୁମେ ମୋ ବାପାଙ୍କ ଉପରେ ପକାଇଛ ସେଇ ସାପର ପ୍ରତୀକ ତକ୍ଷକଙ୍କ ଦଂଶନରେ ତୁମର ପ୍ରାଣ ଯିବ' ।

ରାଜା ପରୀକ୍ଷିତ ମଧ୍ୟ ନିଜ ଅହଙ୍କାର ତଥା ଅପକର୍ମର ଫଳକୁ ସ୍ୱୀକାର କରି ଅନୁତାପ ଅନଳରେ ନିଜର ଅବଶିଷ୍ଟ ଜୀବନକୁ ବିଷ୍ଣୁ ପଦାରବିନ୍ଦରେ ସମର୍ପଣ କରି କୃଷ୍ଣ ଚରିତ ଶୁଣି ଜୀବନ ବିତାଇବାକୁ ନିଷ୍ପତ୍ତି ନେଇଥିଲେ । ଯଦିଓ କିଛି ତପସ୍ୱୀ ତାଙ୍କୁ ତକ୍ଷକଙ୍କ କବଳରୁ ରକ୍ଷା କରିବା ପାଇଁ ଯଜ୍ଞର ଆୟୋଜନ କରିଥିଲେ । କିନ୍ତୁ ଆସ୍ତିକଙ୍କର ସମୟୋପଚିର ପଦକ୍ଷେପ ଯୋଗୁଁ ତାହା ସଫଳ ହୋଇ ନଥିଲା ଏବଂ ଶେଷରେ ପରୀକ୍ଷିତଙ୍କର ଦେହାବସାନ ହୋଇଥିଲା । ପରୀକ୍ଷିତଙ୍କର ଏହି ସାତ ଦିନର ଦିବ୍ୟ କଥା ଶ୍ରବଣକୁ ଭାଗବତରେ ବର୍ଣ୍ଣନା କରାଯାଇଛି, ଯାହାକୁ ଶ୍ରବଣ କଲେ ଲୋକମାନେ ସାଂସାରିକ ମାୟା ମୋହରୁ ମୁକ୍ତ ହୋଇ ଜଣେ ଦିବ୍ୟ ଚେତନା ବା ଅମୃତ ଭାବନାର ବଶବର୍ତ୍ତୀ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ପୂର୍ବରୁ ପ୍ରାୟ ପ୍ରତ୍ୟେକ ଗାଁରେ ଭାଗବତ ଟୁଙ୍ଗୀ ଥିଲା ଯାହା ମାଧ୍ୟମରେ ଲୋକମାନେ ଏକତ୍ର ବସିବା ସହିତ ଆଧ୍ୟାତ୍ମିକ ଆଲୋଚନା କରିବା ପାଇଁ ସୁଯୋଗ ପାଉଥିଲେ । ସେତେବେଳେ ଆଜିକାଲି ଭଳି ଆମୋଦ ପ୍ରମୋଦ କରିବାର ବିଭିନ୍ନ ମାଧ୍ୟମ ନଥିବାରୁ ଭାଗବତର ବର୍ଣ୍ଣିତ ବିଭିନ୍ନ ଚରିତ୍ର ତଥା ଉପାଖ୍ୟାନକୁ ଆଧାର କରି ବିଭିନ୍ନ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା ତଥା ବିଭିନ୍ନ ପୂଜା ଅନୁଷ୍ଠାନରେ ସମ୍ପୂର୍ଣ୍ଣ ଭାଗବତକୁ ପଢ଼ି ତାକୁ ସାରିବାର ପରମ୍ପରା ଥିଲା । ସମୟ ବଦଳିଛି, ଭାଗବତ ଟୁଙ୍ଗୀମାନଙ୍କରେ ନିୟମିତ ଭାଗବତ ପଢ଼ାଯିବାର ପ୍ରଥା ଧୀରେ ଧୀରେ କମିଲାଣି ଯାହା ଫଳରେ ବକ୍ତାମାନେ ଥିଲେ ମଧ୍ୟ ଶ୍ରୋତା ମାନଙ୍କର ଘୋର ଅଭାବ ପରିଲକ୍ଷିତ ହେଉଛି । ତେବେ ବର୍ତ୍ତମାନର ବିଜ୍ଞାନ ଯୁଗରେ ଭାଗବତ ପ୍ରସଙ୍ଗିକତାକୁ ବୁଝିବାର ସମୟ ଉପଗତ । ସାଂସାରିକ ଜଞ୍ଜାଳରୁ ମୁକ୍ତ ହୋଇ ସମସ୍ତଙ୍କ ସହିତ ଆଧ୍ୟାତ୍ମିକ ଆଳାପ ଆଲୋଚନା ମଣିଷର ପବିତ୍ର ମନକୁ ଶାନ୍ତ କରିବାର ଏକ ପ୍ରମୁଖ ଭୂମିକା ଥିବାରେ ସହାୟକ ହୋଇଥାଏ ।

**ମୋ– ୯୭୭୮୭୬୪୩୯୪**

# କାଶତଣ୍ଡୀ ଡାକେ ହାତଠାରି

ସୁନନ୍ଦା ମହାନ୍ତି

ଗଳ୍ପ

ରାସ୍ତାରେ ଚାଲୁ ଚାଲୁ କେତେ ବାଟୋଇ ସତ, ହେଲେ ଜୀବନସାଥୀଙ୍କ କଥା ଅଲଗା । ଦିନେ ପାଖରେ କେହି ନଥିବେ, ଥିବେ କିନ୍ତୁ ଦୁଇ ପ୍ରେମ ପକ୍ଷୀ ସ୍ୱାମୀ ଓ ସ୍ତ୍ରୀ । ସେତେବେଳେ କଥାଟିଏ ଥିଲା 'ପୁଅ ଯୋଗ୍ୟର ହେଲେ ଧନ କାହିଁ ପାଇଁ ସଞ୍ଚିବି... ପୁଅ ଅଯୋଗ୍ୟ ହେଲେ ଧନ କାହିଁ ପାଇଁ ସଞ୍ଚିବି' । ଏବେ କିନ୍ତୁ ପ୍ରତି ହୃଦୟରୁ ଶୁଭୁଛି ପୁଅ ପାଠୁଆ ହେଲେ ଘର କାହିଁକି କରିବି... ପୁଅ ଅପାଠୁଆ ହେଲେ ଘର କାହିଁକି ତୋଳିବି । ତଥାପି ପୁଅ ଝିଅ ବା ସନ୍ତାନ ସନ୍ତତି ପାଖରେ ରହନ୍ତୁ ନରହନ୍ତୁ ଶୁକଶାରୀ ପରି ଥାଆନ୍ତି ଦୁଇପ୍ରାଣୀ, ଯାହାକୁ ଆମେ କହୁ ଦମ୍ପତି । ସେମିତି ଅରୁଣା ଓ ଅଶୋକ ଦୁହେଁ ସ୍ୱାମୀ ସ୍ତ୍ରୀ ।

ଦିନ ଆସେ ପିତା ମାତା, ବନ୍ଧୁ ବାନ୍ଧବ, ସଖା ସହୋଦର, ପୁତ୍ର କନ୍ୟା ଦୂରେଇ ଯାଆନ୍ତି ସମସ୍ତେ କିନ୍ତୁ ପରସ୍ପରର ବନ୍ଧୁ ହୋଇ ପତି ପତ୍ନୀ ଥାଆନ୍ତି ଜଣେ ଜଣଙ୍କ ପାଇଁ । ଅରୁଣାଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ । ଘରେ ଘରେ ସେ ଦେଖନ୍ତି ବୁଢାଟିମାନ ବୁଢୀଟିକୁ ଛାଡି ଆଗ ବାଟ କାଟନ୍ତି ସ୍ୱର୍ଗକୁ । କାହିଁକି ପ୍ରଶ୍ନରେ ଅଶୋକ ଦେଇଥିଲେ ଚମତ୍କାର ଉତ୍ତର । ମହିଳାମାନେ ମହିୟସୀ । ସେମାନେ ସବୁ ସହି ଓ ବୁଝି ପ୍ରତିଟି ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଓ ପୌତ୍ର ପୌତ୍ରାଦିଙ୍କ ସହିତ ଖାପଖୁଆଇ ଚାଲିପାରନ୍ତି, ଯାହା ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ. ସହଜେ ସ୍ୱାମୀମାନେ ବଡ଼ ଥାଆନ୍ତି ନା ବୟସରେ ।

ଏକଥାରେ କିନ୍ତୁ ସହମତି ନଥାଏ ଅରୁଣାଙ୍କର କାରଣ ଅନୁଭବ ଓ ଅନୁଭୂତିରୁ ସେ ଦେଖିଛନ୍ତି ବର୍ଷେ, ଦି' ବର୍ଷ ବା ବେଶୀ ବଡ଼ ହେଲେ ଦଶବର୍ଷ ବଡ଼ ଥିବା ସ୍ୱାମୀ ଆଗ ସ୍ୱର୍ଗାରୋହଣ କଲାପରେ ତାଙ୍କ ସ୍ତ୍ରୀ ତ କୋଡିଏ କି ପଚିଶ ବା ତଦୁର୍ଦ୍ଧ କାଳ ବଞ୍ଚିରହୁଛନ୍ତି । ଏହି ସବୁ ଦୁର୍ଭାବନା ଏଡ଼େଇବାକୁ ସେ ଛାତ ଉପରକୁ ଯାଇ ନୀରବରେ ବସିଯାଆନ୍ତି । ଅନାଗତ ଭବିଷ୍ୟତରେ ଏକୁଟିଆ ନୀରବ ରାସ୍ତାକୁ କିପରି ନୀରବରେ କାଟିବେ ଭାବି ବ୍ୟସ୍ତ ହୋଇପଡନ୍ତି । ପୁଣି ମନକୁ ଆସେ ସ୍ତ୍ରୀ ମାନେ ପତିବ୍ରତା ଧର୍ମ ନିଭେଇବାକୁ ଯାଇ ଆଗ ସ୍ୱାମୀଙ୍କୁ ଖାଇବାକୁ ବାଢ଼ନ୍ତି, ସେଇଟା ଅଶୁଭତ୍ୱ ପ୍ରଦାନ କରେକି ? ଅବଶ୍ୟ ଆଗ କାଉ କୁକୁରଙ୍କୁ ଦେଇ ତା' ପରେ ସ୍ୱାମୀଙ୍କୁ ପରଷା ଯାଏ ତଥାପି ଏଭଳି ମାନସିକତାର ଫଳ ନକାରାତ୍ମକ ହୁଏକି ? ଏମିତି ସବୁ ପ୍ରଶ୍ନ ମନକୁ ଉଦ୍‌ବେଳିତ କରୁଥିବା ବେଳେ କାଉଟି ଉଡିଆସି ରଖିଥିବା ଜଳରେ ଥଣ୍ଟ ବୁଡେଇ ପାଣି ପିଉଥାଏ । ଅନ୍ୟ ଚଢେଇ ମାନେ କେହି ଅରୁଣାଙ୍କ ଉପସ୍ଥିତିକୁ ଅଣଦେଖା କରି ପାଣି ପିଉନଥିବା ବେଳେ କାଉଟି ନିର୍ଭୟରେ ପାଣି ପିଇ ଉଡିଯାଏ, ଚାଉଳ ମଧ୍ୟ ଖାଏ କିନ୍ତୁ ଅନ୍ୟ ଚଢେଇମାନେ ତାଙ୍କ ଅବସ୍ଥିତି ସୂଚନାରେ ଆସନ୍ତି ନାହିଁ ଭରଷି କରି ଆଉ । ହଳଦୀବସନ୍ତ ବା ଶୁଆ ପକ୍ଷୀଙ୍କୁ ଦେଖିବାକୁ ଭଲ ପାଉଥିବା ଅରୁଣା ଭାବନ୍ତି ସେମାନଙ୍କୁ ସିନା ମଣିଷ ଭଲପାଏ ଦେଖିବାକୁ ବା ତାଙ୍କୁ ଦେଖିଲେ ଶୁଭହୁଏ ବୋଲି ଭାବିବାକୁ କିନ୍ତୁ ସେମାନେ କାଉ ପରି ନୁହଁ ।

କାଉକୁ ଆଗ ଭାତ ବାଢିଦେଉଥିବା ଅରୁଣା ସେଦିନ ଦେଖିଲେ ପ୍ରତିଦିନ ଆସି ପାଣି ପିଇ ଚାଉଳ ଖାଇ ଆକାଶକୁ ଉଡି ଯାଉଥିବା ପକ୍ଷୀଟା ସେଦିନ ତାଙ୍କ ଆଖି ସାମ୍ନାରେ ଦୁଇ ବିଜୁଳି ତାର ଯାଇଥିବା ଗଛ ଉପରେ ବସିପଡ଼ି ଛିଟିକି ପଡିଥିଲା ଅଦୂରକୁ । ଛାତିଟା କରତି ହୋଇଗଲା ଅରୁଣାଙ୍କର । କେତେ କାଉ ଆସି କା କା କହି ଉଡ଼ିଲେ ଘେରେ ପୁଣି ଫେରିଗଲେ କିନ୍ତୁ କାଉଟି ଆଉ ନଥିଲା, ଛାତ ଉପରକୁ ଆସି ପାଣି ପିଇ ଖୁଦ କି ଚାଉଳ ଖାଇ ଆକାଶକୁ ଉଡିଯିବାକୁ ।


ତା' ପରଠୁ ଅନୁରାଧାଙ୍କୁ ଜ୍ୱର ହେଲା । କାଉ କଥା ଶୁଣି ସ୍ୱାମୀ କହୁଥିଲେ ଏଇଟା ଗୋଟେ କୋଉ ବିରାଟ ଦୁଃଖ କଥା ଯେ ! ପ୍ରତିଦିନ ରାସ୍ତା ଘାଟରେ କୁକୁର ମରିବା ପରି ବିଜୁଳି ତାର ଉପରେ ବସି ପକ୍ଷୀ ମରୁଛନ୍ତି । ଏଥିରେ ଏତେ ବ୍ୟସ୍ତ ହେବାର କଣ ଅଛି? ଅରୁଣା କହୁଥିଲେ ଅଛି. କଣ ଅଛି ଟିକେ ଶୁଣେ ! ଅରୁଣା ଚୁପି ଚୁପି କହୁଥିଲେ ମଣିଷ ସବୁ ଭାରି ସ୍ୱାର୍ଥପର ତ ଏଇ ମୋ ପରି ସ୍ତ୍ରୀ ଲୋକମାନେ ଗ୍ରହରିଷ୍ଟ କାଟି ଆଗ ରନ୍ଧାଖାଦ୍ୟ ଓ ବାସିରୁଟି କାଉ କୁକୁରଙ୍କୁ ଦେବା ଫଳରେ ତାଙ୍କର ଅକାଳ ମୃତ୍ୟୁ ହେଉଛି ।

ସ୍ୱାମୀ ଯେତେ ବୁଝାଇବାକୁ ଚେଷ୍ଟା କରୁଥିଲେ ଯେ ଆରେ ନାହିଁ ଭଗବାନ ତାଙ୍କୁ ଯେତେ ଅଧିକ ବର୍ଷ ଆୟୁଷ ଯାଚିଲେ ମଧ୍ୟ କୁକୁର ତା' ଆୟୁଷ କୋଡିଏ ବଦଳରେ ଦଶ ରଖି ଦଶ ଫେରାଇ ଦେଇଥିଲା ଓ ପକ୍ଷୀ ପନ୍ଦର ବଦଳରେ ପାଞ୍ଚ ରଖି ଦଶ ଫେରାଇ ଦେଇଥିଲା । ଅରୁଣା କହୁଥିଲେ ଆଉ ସେମାନେ ଫେରେଇ ଦେଇଥିବା ସେଇ କୋଡିଏ ବର୍ଷକୁ ଅଧିକା ଆୟୁଷ ମାଗିନେଇ ମଣିଷ ଦେଖୁଛି ତାଙ୍କ ମୃତ୍ୟୁ ଆଉ ହେଉଛି ଛଟପଟ । ଅରୁଣା ଶୋଇ ପଡିଲେ ଯେ ଆଉ ଉଠିଲେନି । ଚାଲିଗଲେ ଅଶୋକଙ୍କୁ ଏକା କରି । ନୀରବରେ ବାଟ ଚାଲୁ ଚାଲୁ କାଶତଣ୍ଡୀ ସମ୍ଭାର ଦେଖି ଅଶୋକ ଭାବୁଥିଲେ ସ୍ତ୍ରୀ ଟା ପ୍ରକୃତରେ ତାଙ୍କର ଦେବୀ ଥିଲା । ଶରତ ସକାଳର ଅସରାଏ ବର୍ଷା ଛାଡି ଯିବା ପରେ ନୀରବରେ ପାଦ ଆଗକୁ ବଢ଼ାଉଥିଲେ ଅଶୋକ ଗାଁର ଦେବୀମଣ୍ଡପ ଆଡ଼େ ।

**ସାକ୍ଷିଗୋପାଳ,ପୁରୀ ,**
**ମୋ–୯୦୪୦୯୭୭୩୨୭**

## କବିତା

### କବିତା ହିଁ ପୃଥିବୀ



ଶୈଳବାଳା ମହାପାତ୍ର

ଆରମ୍ଭ ଯୋଉଠି
ଶେଷ ବି ସେଇଠି ହୁଏ ଗୋଟେ
ଛାତି ଛୁଆଁ କବିତା ।
କବିତା ଯେ ପୃଥିବୀ
ଯା'ର ଗୋଟେ ପ୍ରାନ୍ତ
ମିଶୁଥାଏ ଆଉ ଗୋଟେ ପ୍ରାନ୍ତରେ
ସବୁବେଳେ ।
ଯେତେ ବି ଭାଗ କରିବାକୁ ଚାହଁ ପୃଥ୍ୱୀକୁ
ଯେତେ ବି ସୀମାରେଖା ଟାଣୁଥାଅ
ଯେତେ ବି ଫାଟ ତିଆରି କର
ଅଲଗା କରି ପାରିବନି ପୃଥିବୀର
ଗୋଟେ ପ୍ରାନ୍ତକୁ
ଆଉ ଗୋଟେପ୍ରାନ୍ତରୁ ।
ଲହୁଲୁହାଣ ହୋଇ ବି
କବିତା ଯେମିତି
କବିତା ହେଇ ରହେ
ଆତ୍ମା ଭଳି ।
ଦୁନିଆଯାକର ବାରୁଦ
ବନ୍ଧୁକ
ତୋପ
ତଲୱାର
ତୀର
ବା ଛୁରୀ
ତାକୁ ଭାଗ କରିପାରେ ବା କୋଉଠି !
ଭାଗ କରୁଥିବା ମଣିଷମାନେ ଇ
ନିଜେ ରହିଯା'ନ୍ତି ଭାଗ ଭାଗ ହେଇ !
ଇଏ ତ ବସୁଧା
ଟୁକୁଡ଼ା ଟୁକୁଡ଼ା ହେଇ ବି
ବସୁଧା ହେଇ ରହେ
ଠିକ୍ ଯେମିତି କବିତା
କବିତା ହେଇ ଥାଏ ସବୁ ପରିସ୍ଥିତିରେ
କବିତାର ଆରମ୍ଭ ଯୋଉଠି
ଶେଷ ବି ସେଇଠି
ଯୋଉଠିଥାଏ ମଣିଷର ହୃଦୟର ସ୍ୱର ।
ଠିକ୍ ସେମିତି
ଯେମିତି ପୃଥିବୀ
ସୁନ୍ଦର ଘରଟିଏ ପ୍ରତି ମଣିଷର !!

**ମୂଳ ହିନ୍ଦି: ଦିବିକ ରମେଶ**
**ଅନୁବାଦ: ଶୈଳବାଳା ମହାପାତ୍ର**
**ଶୀଳାଚିହ୍ନୟ,ମଧୁବନ ଷଷ୍ଠ ଗଳି**
**ଇନ୍ଦ୍ରଦ୍ୟୁମ୍ନ ଛକ, ପୁରୀ – ୨**
**ମୋ–୭୦୦୮୫୮୬୫୦୧**

### ଯୁଦ୍ଧ ଥମିଗଲା ପରେ



ସ୍ୱୟଂପ୍ରଭା ରଥ

କେଉଁଠୁ ମଣିଷ ଆଣେ ଏତେ
ଯୁଦ୍ଧଖୋର ନିଶା
କିଏ ସେ' ଶିରାରେ,ଶିରାରେ ବୁଣେ
ରକ୍ତର ପିପାସା!
ମଣିଷ,ସର୍ପ ଠାରୁ କ୍ରୁର ଯେବେ ହୁଏ
ସ୍ୱାର୍ଥର ଗରଳରେ ଉଛୁଳେ
ଚେତନାର ନଈ !
କିଏ କହେ ଯୁଦ୍ଧ ଦିଏ ଶାନ୍ତି?
ଯୁଦ୍ଧ ନିଜେହିଁ ଏକ ବିବାଦୀୟ ବିଷୟବସ୍ତୁ
ଦିଏ ନରସଂହାର ଭୟାବହ ବିଭୀଷିକା !
ଘଟେ ବାଟେ ଚତୁର୍ଦ୍ଦିଗେ ଜଳୁଥାଏ
ଲେଲିହାନ ଜୁଇ !
ଯୁଦ୍ଧ ଚାଲେ !
ରକ୍ତ ବୁହେ,ଫଳନ୍ତି କ୍ଷେତ ଜଳେ
ଘର ଭାଙ୍ଗେ,ମନ ଜଳେ
ମାଟି, ମୃତକ ପାଇଁ ଲୁହ ଝରାଏ
ଅଦମ୍ୟ ଏ ଆରଣ୍ୟକ ନିଶା
ଯୁଦ୍ଧ ଅସମାପିକା !
ପୂର୍ଣ୍ଣଗର୍ଭା ଫୁଲ ବଗିଚା ଏବେ ଅଙ୍ଗାର
ଭୀତ ତ୍ରସ୍ତ ଭୂଇଁ !
ଆକାଶରେ କଳା ମେଘ,ଆତଙ୍କର ଛାଇ !
ଅରୁଣଉଦୟ ବେଳେ ଆର୍ତ୍ତନାଦ ଶୁଭେ
ଉଜୁଡ଼ା ଉଜୁଡ଼ା କୁଆଁରୀ ସ୍ୱପ୍ନର କିଆରୀ
କିଏ ନୀରୀମାଖି ବିଳାପ କରେ
ବୁକୁ ତା'ର ଚିରି !
ସମୁଦ୍ର ଗର୍ଭରେ ବିଲୀନ ହୁଏ
ନିରୀହ ମାନବିକତାର ନଈ !
ମାଟି ମା' କୋଳ ଦିଏ ତା' ସୁସୁପ୍ତ ଶିଶୁକୁ
କୋଳେଇ କେତେ ଲୁହ ଝରାଏ
ନିଜେ ଭାଗ ଭାଗ ହୋଇ !
ଯୁଦ୍ଧ ଥମିଗଲା ପରେ ଆଙ୍କିବାକୁ ବସେ ମୁଁ
ଯେବେ,ଆଙ୍କି ହୁଏ ନାହିଁ ଯୁଦ୍ଧର ପରିଧି !
ବାହ୍ୟ ଯୁଦ୍ଧ ଥମିଯାଏ ଯେବେ ଦେଖେ
ଅନ୍ତଃକରଣରେ ଅହରହ ଘମାଘୋଟ
ଯୁଦ୍ଧ !
ନିଜ ସହ ନିଜର,ସତ୍ୟ ସହ ମିଥ୍ୟାର !
ସୈତାନ ସହ ଭଗବାନଙ୍କର ଯୁଦ୍ଧ
ଅଦ୍ୟାବଧି !
ଛଳନା, ପ୍ରତାରଣା ସହ ସାଧୁତାର
ନିଜ ସହ ପରର,ପାପ ସହ ପୁଣ୍ୟର !
ଯୁଦ୍ଧ ଚାଲେ !
ସବୁ ଯୁଦ୍ଧ ଶେଷେ ଦେଖେ,
ହୃଦ ଫଟା ଦୁଃଖ ଆପଣାର !
ରକ୍ତାକ୍ତ,ଲହୁ ଲୁହାଣ ହୃଦୟ କାକୁସ୍ଥ
ହୋଇ ଚାହେଁ ଯୁଦ୍ଧରୁ ବିରତି !
ଯୁଦ୍ଧ ଥମିଗଲା ପରେ ଲାଗେ
ବିଶ୍ୱର କଲ୍ୟାଣ ପାଇଁ ମଣିଷ ମଣିଷକୁ
ଆଉଜେଇ ନେଇ ପାରନ୍ତାକି
ଛାତିରେ ଛାତିରେ !
ବିବଶ ଲୁହମାନଙ୍କୁ ପୋଛି
ଦେଇପାରନ୍ତାକି ଆହା, ସ୍ନେହସ୍ନିଗ୍ଧ
ପଣତରେ !
ଉଜୁଡ଼ା ହୃଦୟଟିକୁ ଗୁଛି ଦିଅନ୍ତା କି
କିଏ ସେ' ସଂପର୍କର ଅଠା ମିଠା
ରଜ୍ଜୁରେ !
ରକ୍ତର ଛିଟିକା ପୋଛି ଦେଇ
ସିନ୍ଦୂରୀତ କରି ଦେଇପାରନ୍ତା କି
ଆକାଶକୁ
ପ୍ରୀତିର ରଙ୍ଗରେ ।
ବିଶ୍ୱାସର ରତ୍ନଟିଏ ଉଇଁ ଆସନ୍ତାକି
କସ୍ତୁରୀର ଭୁରୁ ଭୁରୁ ବାସ୍ନାରେ !
ଦୀପଟିଏ ଜଳୁଥାନ୍ତା ତୁମର, ମୋର
ଅଗଣାରେ ।
ଯୁଦ୍ଧ ଥମିଗଲା ପରେ ଲାଗେ
ସମ୍ବେଦନଶୀଳତାର ବାସ୍ନାରେ
ବିମୁଗ୍ଧ ବିଭୋର ହୁଅନ୍ତାକି ପ୍ରତିଟି
ମନଭୂଇଁ ରେଣୁରେ ରେଣୁରେ !

**ଫ୍ଲାଟ ନଂ–୫୧୩**
**୭୮ ଡିମ୍ବ୍ ଆପାର୍ଟମେଣ୍ଟ,**
**ଘାଟିକିଆ, ଭୁବନେଶ୍ୱର–୭୫୧୦୦୩**



*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୨୨-୨୩...

ଗ୍ରାମାଞ୍ଚଳରେ ୧୮.୪%ରେ ୨.୮%, ସହରାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ୧୦.୭% ରୁ ୧.୧%କୁ ହ୍ରାସ ପାଇଛି। ବହୁମୁଖୀ ଦାରିଦ୍ର୍ୟ ହ୍ରାସ କରିବା କ୍ଷେତ୍ରରେ ଭାରତକୁ ବଡ ସଫଳତା ମିଳିଛି। ୨୦୦୫-୦୬ରେ ଏହା ୫୩.୮% ଥିବାବେଳେ ୨୦୨୨-୨୩କୁ ୧୫.୫%କୁ ଖସିଛି। ସେହିଭଳି ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ମଧ୍ୟ ଗ୍ରାମାଞ୍ଚଳରେ ୪୧୨୨ ହୋଇଥିବାବେଳେ ସହରାଞ୍ଚଳରେ ୬୯୯୬ ହୋଇଛି। ୧୮ ପ୍ରମୁଖ ରାଜ୍ୟରେ ମାସିକ ମୁଣ୍ଡପିଛା ହାରାହାରି ଖର୍ଚ୍ଚ ବୃଦ୍ଧି ପାଇଛି। ଓଡ଼ିଶାରେ ଏହା ଗ୍ରାମାଞ୍ଚଳରେ ସର୍ବାଧିକ ୧୪% ବୃଦ୍ଧି ହୋଇଥିବା ଉଲ୍ଲେଖ କରାଯାଇଛି।

## ଆକ୍ରାନ୍ତ...

ଉତ୍ତରପ୍ରଦେଶରେ ୨୦୮, ତାମିଲନାଡୁରେ ୧୯୪, ପୁଡୁଚେରୀରେ ୧୩୩, ହରିୟାଣାରେ ୮୭ ଆନ୍ଧ୍ରରେ ୭୨, ମଧ୍ୟପ୍ରଦେଶରେ ୩୨ ଓ ଗୋଆରେ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋଭିଡ ଯୋଗୁ ଛିଳି ସପ୍ତାହ ମଧ୍ୟରେ ୫୯ ଲୋକଙ୍କର ଜୀବନ ଯାଇଛି। ଗତ ୨୪ ଘଣ୍ଟାରେ ୪ ଜଣ ମୃତ୍ୟୁ ବରଣ କରିଛନ୍ତି। ସରକାରୀ ଭାବେ କୁହାଯାଇଛି ଯେ ଯେଉଁ ଭାଇରସଟି ଆସିଛି ତାହା ଏତେ କ୍ଷତିକାରକ ନୁହେଁ। ତେଣୁ ଏଥିପାଇଁ ବିବ୍ରତ ହେବାର ଆବଶ୍ୟକ ନାହିଁ। ଆଇସିଏମଆର ପକ୍ଷରୁ କୁହାଯାଇଛି ଯେ ପଶ୍ଚିମ ଓ ଦକ୍ଷିଣରେ ଜେନମ୍ ସିକ୍ୱେନ୍ସିଂ ନମୁନା ପରୀକ୍ଷା କରାଯାଇଛି। ଏଥିରେ ଓମିକ୍ରନ୍ ଉପପ୍ରଜାତି ଥିବା ଜଣାପଡିଛି। ୨୦୨୨ରେ ଏହି ଭୂତାଣୁଟି ଭାରତରେ କୋଭିଡ ଲହର ଆଣିଥିଲା। ଯଦି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼େ ତେବେ ଆମକୁ ୩ଟି ଜିନିଷ ଉପରେ ଗୁରୁତ୍ୱ ଦେବାକୁ ପଡିବ। ପ୍ରଥମରେ ଏହା କେତେ ଶୀଘ୍ର ବ୍ୟାପୁଛି। ତାହା ଉପରେ ନଜର ରଖିବାକୁ ପଡିବ। ମାତ୍ର ଏଥର ସଂକ୍ରମିତଙ୍କ ସଂଖ୍ୟା କ୍ଷିପ୍ର ଗତିରେ ବଢୁନାହିଁ।

## ସରକାର...

ରାଜନୈତିକ କାରଣରୁ ଆପଣମାନଙ୍କୁ ଦୂରେଇ ରଖାଯାଇଥିଲା, କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡିଶାର ସାଢେ ତିନି କୋଟି ଲୋକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଦେଶର ୨୯ ହଜାର ବେସରକାରୀ ମେଡିକାଲରେ ପାଇ ପାରିବେ। 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଏକକ ସ୍ୱାସ୍ଥ୍ୟ ସେବା ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ସମ୍ମିଳିତ ଭାବେ ଉନ୍ନତ ସ୍ୱାସ୍ଥ୍ୟ ସେବାର ସୁବିଧା ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରୁଛି। ଏହି ତିନୋଟି ସ୍ୱାସ୍ଥ୍ୟ ସେବା ଯୋଜନା ଦ୍ୱାରା ରାଜ୍ୟର ୮୦ ପ୍ରତିଶତରୁ ଅଧିକ ସାଧାରଣ ଜନତା ସୁବିଧା ପାଇବେ।

ସେ କହିଥିଲେ ଯେ, ଗତ ୨୪ ବର୍ଷରେ ବିଶ୍ୱସ୍ତରୀୟ ସେବା ନାଁରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଂପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା। ଏହାକୁ ସଜାଡିବା ସହିତ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ କାର୍ଯ୍ୟ ଜାରି ରହିଛି। ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇଁ ଆସନ୍ତା ଏକ ବର୍ଷ ମଧ୍ୟରେ ଓଡିଶାରେ ଡାକ୍ତରଙ୍କ ଅଭାବ ରହିବ ନାହିଁ, ପ୍ରତ୍ୟେକ ହସ୍ପିଟାଲରେ ଆବଶ୍ୟକ ଡାକ୍ତରଙ୍କୁ ପୋଷ୍ଟିଂ କରାଯିବ। ଏହି ସେବା ପାଇଁ ଆବଶ୍ୟକ ପାଣ୍ଠି। ମୁଁ ସେଥିପାଇଁ କୌଣସି କାର୍ପଣ୍ୟ କରିନାହିଁ। ଚଳିତ ବଜେଟରେ କେବଳ ସ୍ୱାସ୍ଥ୍ୟ ସେବା ପାଇଁ ୨୩ ହଜାର ୬୭୩୫ କୋଟି ଟଙ୍କାର ପ୍ରାବଧାନ କରିଛି ଯାହା ମୋଟ ବଜେଟର ୮.୨ ପ୍ରତିଶତ। ଏହା ରାଜ୍ୟ ଇତିହାସରେ ସବୁଠାରୁ ଅଧିକ। ଏଥିରୁ ଆପଣମାନେ ଜାଣିପାରୁଥିବେ ସରକାର ସ୍ୱାସ୍ଥ୍ୟସେବାକୁ କେତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି।

ଏହି ମହାବିଦ୍ୟାଳୟ, କନ୍ଧମାଳ ଓ ଆଖପାଖ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଶିକ୍ଷାର ଏକ ନୂଆ ଦ୍ୱାର ଖୋଲିଛି। ଏହି ୧୦୦ ସିଟ୍ ବିଶିଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ପାଇବା ପରେ ଭେଷଜ ବିଶେଷଜ୍ଞମାନେ ଭବିଷ୍ୟତରେ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ। "ମାନବ ସେବା ହିଁ ମାଧବ ସେବା", ଏହାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ଡାକ୍ତର ମାନେ ଏହି ମହାବିଦ୍ୟାଳୟକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଡାକ୍ତରୀ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ହସ୍ପିଟାଲ ଦ୍ୱାରା, କେବଳ କନ୍ଧମାଳ ଜିଲ୍ଲା ନୁହେଁ ପାର୍ଶ୍ୱବର୍ତ୍ତୀ ନୟାଗଡ଼, ବୌଦ୍ଧ ଏବଂ କଳାହାଣ୍ଡି ଜିଲ୍ଲାର ଅଧିବାସୀମାନେ ମଧ୍ୟ ଉପକୃତ ହେବେ। ଏହା ସ୍ଥାନୀୟ ରୋଜଗାର, ଗବେଷଣା ଓ ଅର୍ଥନୈତିକ ବିକାଶ ପାଇଁ ମଧ୍ୟ ଏକ ଶକ୍ତିଶାଳୀ ଇଞ୍ଜିନ ଭାବରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ଏହା ପରେ ମୁଖ୍ୟମନ୍ତ୍ରୀ ଫୁଲବାଣୀ ଠାରେ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ମାନଙ୍କ ମଧ୍ୟରୁ ୬୫୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୫ ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ ହେବା ସହିତ ପ୍ରାୟ ୯୪ କୋଟିରୁ ଊର୍ଦ୍ଧ୍ୱ ୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

ସୂଚନା ଯୋଗ୍ୟଯେ, ଏହି ସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ,ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ପର୍ଯ୍ୟଟନ କେନ୍ଦ୍ର , ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ମିଶନ ଶକ୍ତି ବଜାର , ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ପରେ, ଏହି ଏକ ବର୍ଷ ମଧ୍ୟରେ ଓଡିଶାରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି। ଏହି କ୍ରମରେ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ଜିଲ୍ଲାବାସୀଙ୍କୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଭିତ୍ତିଭୂମି, ଗମନାଗମନ ଇତ୍ୟାଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆମ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। କନ୍ଧମାଳ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ। ଏହା ଜିଲ୍ଲାର ଶିଳ୍ପାୟନ ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶାର ଭୂସ୍ୱର୍ଗ ଦାରିଙ୍ଗବାଡି ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଦାରିଙ୍ଗବାଡିର ପର୍ଯ୍ୟଟନ ବିକାଶ ପାଇଁ ୧୮ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଅନୁମୋଦନ କରି ଟେଣ୍ଡର ଆହ୍ୱାନ କରାଯାଇଛି ଓ ପୁତୁଡି ଜଳପ୍ରପାତର ବିକାଶ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଅର୍ଥ ଅନୁମୋଦନ କରାଯାଇଛି। ଏହା ଛଡ଼ା କନ୍ଧମାଳରେ ଥିବା ଅନ୍ୟ ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ମଧ୍ୟ ଉନ୍ନତିକରଣ କରାଯାଇ ପର୍ଯ୍ୟଟନ ଶିଳ୍ପର ବିକାଶ କରାଯିବ। ପର୍ଯ୍ୟଟନ ସ୍ଥଳୀ ଗୁଡିକର ଉନ୍ନତୀକରଣ ହେବା ଫଳରେ ଏଠିକାର ସ୍ଥାନୀୟ ଲୋକମାନେ ପର୍ଯ୍ୟଟନ କ୍ଷେତ୍ରରେ ନିୟୋଜିତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତପୋଷଣ କରିଥିଲେ।

ସେ କହିଥିଲେ ଯେ କନ୍ଧମାଳ ଜିଲ୍ଲାର ପ୍ରାୟ ୫୪ ପ୍ରତିଶତ ଅଧିବାସୀ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରଠାରୁ ଜନଜାତି ସମ୍ପ୍ରଦାୟଙ୍କ ଉନ୍ନତି ଓ କଲ୍ୟାଣ ସାଧନ ପାଇଁ ଅନେକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଆଦିବାସୀମାନଙ୍କର ଜଙ୍ଗଲ ଜମି ଅଧୀକାର ପ୍ରଦାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ପରତାର ସହିତ କାର୍ଯ୍ୟ କରୁଛି। ଜଙ୍ଗଲ ଜମି ଅଧିକାର ଆଇନ ଦ୍ୱାରା ଗତ ଛଅ ମାସ ମଧ୍ୟରେ ୨୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଗତ ପଟ୍ଟା ପ୍ରଦାନ କରଯାଇଛି। ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି ଯେ ଏଣିକି ରାଜ୍ୟରେ ଜଣେ ବି ଭୂମିହିନ ରହିବେ ନାହିଁ, ତେଣୁ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯିବ। ତିନି ଡେସିମିଲରୁ କମ ଜମି ଥିବା ଲୋକେ ବି ଏଥିରେ ଅନ୍ତର୍ଭୁକ୍ତ। ପିଭିଟିଜି ବର୍ଗଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ କରି ଓଡ଼ିଶା ସର୍ବଭାରତୀୟ ସ୍ତରରେ ପ୍ରଶଂସା ହାସଲ କରିଛି।

ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ ଯେ, ଆଜି ଆମେ ୨୦୩୬ରେ ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ଦିଗରେ ଅଗ୍ରସର ହେଉଛୁ। ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡିଶା ଗଠନ କରିବା ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ସ୍ୱାସ୍ଥ୍ୟ ସେବା, ଗୁଣାତ୍ମକ ବିଜୁଳି, ଗମନାଗମନ ସୁବିଧା ଏ ସବୁ ଉପଲବ୍ଧ ହେବ। ତାହା ସହିତ ସମାଜର ଶେଷଧାଡିରେ ରହୁଥିବା ଭାଇଭଉଣୀମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ।

## ସମ୍ବଲପୁର...

ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡିଥିଲା। ଦୀର୍ଘ ବର୍ଷ ହେବ ମାଓବାଦୀଙ୍କୁ ଦେଖିବାକୁ ମିଳୁନଥିଲା। ତେବେ ବହୁ ଦିନର ନୀରବତା ପରେ ସମ୍ବଲପୁର ଜିଲ୍ଲାରେ ପୁଣି ଥରେ ମାଓବାଦୀ ସକ୍ରିୟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ମାଓ ଅଞ୍ଚଳ ଥିବା ଥାନା ଗୁଡିକରେ ଏସ୍ଓଜି ଯବାନ ମୁତୟନ କରାଯାଇଛି। ଏଥିସହ ଗୁଇନ୍ଦାକୁ ସକ୍ରିୟ କରାଯିବା ସହ ଜନପ୍ରତିନିଧିଙ୍କ ସହଯୋଗ ଲୋଡା ଯାଇଛି। ସେହିପରି ଜିଲ୍ଲାରେ ଥିବା ପୋଲିସ ଅସ୍ତ୍ରାଗାର ଗୁଡିକର ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି। ମାଓ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ ସହ ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବିଗତ ଦିନରେ ମାଓ ଗଡ ଗୁଡିକ ଧିରେଧିରେ ଭୁଷୁଡିବାରେ ଲାଗିଥିବା ବେଳେ ଅନେକ ମାଓବାଦୀ ନିହତ ଓ ଆତ୍ମ ସମର୍ପଣ କରି ମୁଖ୍ୟସ୍ରୋତକୁ ଫେରୁଥିବା ଜଣାପଡିଛି।

ରେଢ଼ାଖୋଲ ବ୍ଲକ୍ ଚାରମାଳ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରଖିଛି। ଛତିଶଗଡରୁ ଛତ୍ରଭଙ୍ଗ ଦେଇଥିବା ପ୍ରାୟ ୧୦୦ ଜଣ ମାଓବାଦୀ ଜଙ୍ଗଲ ଭିତରେ ଥିବା ସୂଚନା ପାଇ ସିଆରପିଏଫ ଡିଭିଏସ ,ଏସଓଜି, ଓଡ଼ିଶା ପୋଲିସ ମିଳିତ ଭାବେ ଅପରେସନ ଚଳାଇଥିବା ସୂଚନା ମିଳିଛି। ମାଓବାଦୀ କେମିତି ଆସିଲେ ଓ କେଉଁ ଜଙ୍ଗଲ ଦେଇ ଆସିଲେ ସେ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ। ଏନେଇ ପୋଲିସର ଛାନଭିନ୍ ଜାରି ରହିଛି।

ଛତିଶଗଡ଼କୁ ଲାଗିଥିବା ବରଗଡ଼ ଜଙ୍ଗଲ ଦେଇ ଓଡ଼ିଶା ଭିତରକୁ ଚାଲି ଆସିଛନ୍ତି ମାଓବାଦୀ। ସୂଚନା ଅନୁସାରେ ସୋନପୁର, ବୌଦ୍ଧ, ରେଢ଼ାଖୋଲ ଅଞ୍ଚଳର ଡ୍ୟାମକୁ ଲାଗି ରହିଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଲୁଚି ରହିଛନ୍ତି ମାଓବାଦୀ। ଏନେଇ ଗୁଇନ୍ଦା ସୂଚନା ମିଳିବା ପରେ ଚାରମାଳ ଜଙ୍ଗଲ ଅଞ୍ଚଳରେ କୁମ୍ବିଂ ଅପରେସନକୁ ଜୋରଦାର କରିଛି ସୁରକ୍ଷାବାହିନୀ। ଚାରମାଲ ଥାନା ବଡମାଲ ଫାଣ୍ଡି ଅଞ୍ଚଳରେ ପୁଲିସ ଗତିବିଧି ବଢ଼ାଇଛି। ଅଧିକ ସଂଖ୍ୟାରେ ସୁରକ୍ଷାବାହିନୀ ମୁତୟନ ହୋଇଛନ୍ତି। ପୂର୍ବରୁ ସମ୍ବଲପୁରର ନାକଟିଦେଉଳ, ଜୁଜୁମୁରା ଅଞ୍ଚଳରେ ମାଓବାଦୀ ବେଶ୍ ସକ୍ରିୟ ଥିଲେ। ଉଭୟ ଝାଡ଼ଖଣ୍ଡ ଓ ଛତିଶଗଡ଼ ପଟୁ ଏହି ଅଞ୍ଚଳ ଦେଇ ବାଟ ଥିବାରୁ ମାଓବାଦୀଙ୍କ ପାଇଁ ଯିବା ଆସିବାର ରାସ୍ତା ପାଲଟିଥିଲା। ବୌଦ୍ଧ ସମେତ ବିଭିନ୍ନ ଜଙ୍ଗଲରେ ଜାରି ରହିଛି କୁମ୍ବିଂ ଅପରେସନ।

## ଶୈଳବାଳା...

ବାନ୍ଧୁଥିବା ବେଳେ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିନଥିଲେ। ଲାଇଫ୍ ଜ୍ୟାକେଟ୍ କି କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇନଥିଲା। ପୂର୍ବାହ@ରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିଲା। ହଠାତ୍ ସୁଜୟଙ୍କ ମୁଣ୍ଡ ବୁଲାଇବାରୁ ସେ ନିୟନ୍ତ୍ରଣ ହରାଇ ଛାତ ତଳକୁ ପଡ଼ିଯାଇଥିବା ପୁଲିସ ଅନୁମାନ କରୁଛି। ଅନ୍ୟପଟେ ସମ୍ପୃକ୍ତ ଠିକା ସଂସ୍ଥାର କୌଣସି କର୍ମଚାରୀ ଓ ସୁପରଭାଇଜର୍ ଘଟଣାସ୍ଥଳକୁ ଆସିନଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀ କହିଛନ୍ତି।

## ମହାରାଷ୍ଟ୍ର...

କେବଳ ନିୟମର ଅପମାନ ନୁହେଁ, ବରଂ ଲକ୍ଷାଧିକ ନିର୍ବାଚନ କର୍ମଚାରୀ ଓ ରାଜନୈତିକ ପ୍ରତିନିଧିଙ୍କ ମନୋବଳକୁ ଦୁର୍ବଳ କରିଥାଏ। ରାହୁଲ ତାଙ୍କ ଆଲେଖରେ ନିର୍ବାଚନ କମିଶନ ଚୟନ ପ୍ରକ୍ରିୟାକୁ ନେଇ ଭୋଟ୍ ହାର ସନ୍ଧ୍ୟା ୫ଟା ପରେ ବୃଦ୍ଧି ହେବା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ହଠାତ୍ ଭୋଟରଙ୍କ ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ ୭୦ ଲକ୍ଷ ବଢ଼ିବା ନେଇ ପ୍ରଶ୍ନ କରିଛନ୍ତି। ଏଥିରେ ସେ ସ୍ୱଚ୍ଛତା ଉପରେ ମଧ୍ୟ ଆଙ୍ଗୁଳି ଉଠାଇଛନ୍ତି। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ରାହୁଲଙ୍କ ପ୍ରତ୍ୟେକଟି ବିନ୍ଦୁ ଉପରେ ସ୍ପଷ୍ଟୀକରଣ ଦିଆଯାଇଛି। ଶେଷ ଦୁଇ ଘଣ୍ଟାର ମତଦାନ ସମ୍ପର୍କରେ ନିର୍ବାଚନ କମିଶନ କହିଛନ୍ତି ଯେ ପ୍ରତି ଘଣ୍ଟାରେ ପାଖାପାଖି ୫୮ ଲକ୍ଷ ଭୋଟ ପଡିବା ସାଧାରଣ ଧାରା। ଦୁଇ ଘଣ୍ଟାରେ ୧.୧୬ କୋଟି ଭୋଟର କରିଥାନ୍ତି। ତଥାପି ଏହି ସମୟ ଅବଧିରେ ୬୫ ଲକ୍ଷ ଭୋଟ୍ ପଡିଥିଲା। ପ୍ରତ୍ୟେକ ବୁଥ୍‌ରେ ଏଜେଣ୍ଟମାନେ ଉପସ୍ଥିତ ଥିଲେ। କଂଗ୍ରେସ ଏଜେଣ୍ଟମାନେ ଅନିୟମିତତା ନେଇ ଆପତ୍ତି ଦର୍ଶାଇନଥିଲେ। ନିର୍ବାଚନ ତାଲିକା ନିୟମିତ ଭାବେ ବାର୍ଷିକ ସମୀକ୍ଷା ପରେ ପ୍ରସ୍ତୁତ ହୋଇଥାଏ। ତେବେ ରାଜନୈତିକ ଦଳଙ୍କର କୌଣସି ଅସନ୍ତୋଷ ନଥିଲା। ମହାରାଷ୍ଟ୍ରରେ ୧.୦୩ ଲକ୍ଷ ବୁଥ୍ସ୍ତରୀୟ ଏଜେଣ୍ଟ ନିଯୁକ୍ତି ହୋଇଥିଲେ। ସେଥିରୁ କଂଗ୍ରେସର ୨୭୦୯ ଥିଲେ। କେହି ମଧ୍ୟ ଅଭିଯୋଗ କରିନାହାନ୍ତି। କଂଗ୍ରେସକୁ କମିଶନ କହିଛନ୍ତି ଯେ ୨୦୨୪ ଡିସେମ୍ବର ୨୪ରେ କମିଶନ ଏହା ଉପରେ ବ୍ୟାପକ ଭାବେ ଉତ୍ତର ରଖିଥିଲେ। ଏହା ଇସିଆଇ ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ। ତେବେ ରାହୁଲ ଉଲ୍ଲେଖ କରିଥିଲେ ଯେ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ମହାରାଷ୍ଟ୍ରରେ ଆଶ୍ଚର୍ଯ୍ୟଜନକ ଭାବେ ୭୦ ଲକ୍ଷ ଭୋଟର ବଢ଼ିଥିଲେ। ୫ ମାସରେ ଏଭଳି ଭୋଟରଙ୍କ ସଂଖ୍ୟା ବଢ଼ିବା ସମୀଚିନ ନୁହେଁ। ସେହିଭଳି ମୁଖ୍ୟ ନିର୍ବାଚନ କମିଶନ ଓ ନିର୍ବାଚନ କମିଶନ ଚୟନ କମିଟିରେ ସିଜେଆଇ ଥିବା ବ୍ୟବସ୍ଥାକୁ କରି ଦିଆଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଓ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ରହିବେ। ବିରୋଧୀ ଦଳ ନେତାଙ୍କର ସ୍ୱର କି ଆପତ୍ତି ଗ୍ରହଣୀୟ ହୁଏନାହିଁ। ତେବେ ଇସିଆଇଙ୍କ ସ୍ପଷ୍ଟୀକରଣ ପରେ ରାହୁଲ ଗାନ୍ଧି ନିଜ ଦାବିରେ ଅଟଳ ଅଛନ୍ତି। ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ତେଣୁ ମୁଁ ଯେଉଁ ଗୁରୁତର ପ୍ରଶ୍ନ ଉଠାଇଛି, କୌଣସି ତଥ୍ୟ ନ ଲୁଚାଇ ତାହା ପ୍ରକାଶ କରନ୍ତୁ। ଡିଜିଟାଲ ଭୋଟର ରୋଲ୍ ଏବଂ ସନ୍ଧ୍ୟା ୫ଟା ପରେ ହୋଇଥିବା ଭୋଟିଂର ସିସିଟିଭି ଫୁଟେଜ ପ୍ରଦାନ କରାଯାଉ। ଯଦି କୌଣସି ଜିନିଷ ଲୁଚାଇବାକୁ ଚାହୁଁନାହାନ୍ତି ତେବେ ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ।

## ଆବାସ...

ନେଇ ନୂଆ ଏସଓପି ଆସିବାକୁ ଯାଉଛି। ଏଥିସହ କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ମାଡ଼ ମାରିବା ଘଟଣାରେ ପ୍ରତିକ୍ରିୟା ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି , ଯିଏ ବି ଏହି କାଣ୍ଡ କରିଛି ତାକୁ ଖୋଜିଖୋଜି ଦଣ୍ଡ ଦିଆଯିବ।

ଗୋଟେପଟେ ବାଲି ତସ୍କରୀକୁ ରୋକିବାକୁ ପ୍ରଶାସନ ଉଦ୍ୟମ କରୁଛି। କିନ୍ତୁ ଅନ୍ୟପଟେ ବିହାର, ବେଙ୍ଗଲ ଭଳି ଓଡ଼ିଶାର ମାଫିଆମାନେ ଆଇନକୁ ହାତକୁ ନେଉଛନ୍ତି। ବଡ଼ ବଡ଼ ସରକାରୀ ଅଧିକାରୀମାନଙ୍କ ଉପରେ ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣ କରିବାର ଯେଉଁ ଦୁଃସାହସ ସେମାନେ କରଛନ୍ତି। ଏହା ତାଙ୍କର ଶେଷ ଦୁଃସାହସ ହେଉ। ଏ ଘଟଣାରେ ମୁଁ ଅଧିକାରୀମାନଙ୍କ ସହ କଥା ହୋଇଛି। ଯେଉଁମାନେ ଏହି କାଣ୍ଡ କରିଛନ୍ତି ଓ ପ୍ରଚ୍ଛଦପଟରେ ରହିଛନ୍ତି, ସମସ୍ତଙ୍କୁ ଧରାଯିବ। ତଦନ୍ତ ସେ ପର୍ଯ୍ୟନ୍ତ ହେବ ଯେଉଁ ପର୍ଯ୍ୟନ୍ତ ସେମାନେ ଧରା ନପଡ଼ିଛନ୍ତି। କେହି ବର୍ତ୍ତିବା କଥା ନୁହେଁ, ପାତାଳରେ ଥିଲେ ବି ବାନ୍ଧିକି ଆଣି ଦଣ୍ଡ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## କର୍ତ୍ତବ୍ୟରେ ଅବହେଳା : ୫ ପୋଲିସ କର୍ମଚାରୀ ନିଲମ୍ବିତ

ବାଲେଶ୍ୱର ,(ସବ୍ୟୁ) :ଗତ ପାଞ୍ଚ ଦିନ ତଳେ ୫ ଜଣ ପୁଲିସ କର୍ମଚାରୀ ବାଲେଶ୍ୱର ଜିଲ୍ଲାପାଳଙ୍କ ସରକାରୀ ଆବାସିକ କାର୍ଯ୍ୟାଳୟରେ ରାତି ଡ୍ୟୁଟି କରୁଥିବା ବେଳେ କିଛି ଅନିୟମିତତା କରିଥିବା ପ୍ରମାଣ ଓ ଭିଡିଓ ଏସପି ତଥା ରିଜର୍ଭ ପୋଲିସର କମାଣ୍ଡାଣ୍ଟ ପାଖରେ ପହଞ୍ଚି ଥିଲା। ପ୍ରମାଣକୁ ଆଧାର କରି ଏସପି ସମ୍ପୃକ୍ତ ୫ ଜଣ କନେଷ୍ଟେବଲଙ୍କୁ କାର୍ଯ୍ୟ ରୁ ନିଲମ୍ବନ କରିଛନ୍ତି। ତେବେ ଭିଡ଼ିଓରେ କଣ ଥିଲା ତାହା ସ୍ପଷ୍ଟ ହୋଇପାରି ନଥିଲେବି ଏକ ସମର୍ଥିତ ସୂତ୍ରରୁ ଜଣାଯାଇଛି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡ୍ୟୁଟିରେ ଥିବାବେଳେ ସେମାନେ ସେଠାରେ ଫିଷ୍ଟ କରି ଖାଇଥିଲେ। ଯାହାର ଭିଡିଓ ସହ ପ୍ରମାଣନେଇ କେହି ବ୍ୟକ୍ତି ଏସପି ତଥା କମାଣ୍ଡାଣ୍ଟଙ୍କ ଠାରେ ଅଭିଯୋଗ କରିଥଲେ ବୋଲି ଜଣାଯାଇଛି। ମାତ୍ର ଏସପି ରାଜ ପ୍ରାସାଦ କହିଛନ୍ତି କି, ସେମାନେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାର ପ୍ରମାଣ ମିଳିବା ପରେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନିଲମ୍ବିତ ହୋଇଥିବା ପୁଲିସ କର୍ମଚାରୀମାନେ ହେଲେ ହାବିଲଦାର ହେମନ୍ତ ବାରିକ,କନେଷ୍ଟବଳ ସିଦ୍ଧେଶ୍ୱର ଗୋଛାୟତ, ଦେବ ମାଝୀ, ସୁଧାଂଶୁ ଜେନା, ରାମଚନ୍ଦ୍ର ତପସ୍ୱୀ ବୋଲି ଜଣାପଡ଼ିଛି।


**AFFIDAVIT**

By an affidavit No.135 before Executive Magistrate, Bhubaneswar dtd. 20.05.2025 I, Valarmathi Thirumoorthy W/O G Thirumoorthy, resident of Flat No-201, Tower-5, Z-One Apartment, Kalarahanga, Nandankanan Road, Bhubaneswar, Khorda, Odisha- 751024 have corrected my name to T Valarmathi and shall hereafter be known as **T VALARMATHI** for all purposes.

**AFFIDAVIT**

By an affidavit No.127 before Executive Magistrate, Bhubaneswar dtd. 29.05.2025 I, G Thirumoorthy, resident of Flat No-201, Z-One Apartment, Kalarahanga, Nandankanan Road, Bhubaneswar, Khorda, Odisha- 751024 declare that my minor son name has been changed from Deepesh Thirumoorthy Valarmathi to Deepesh V T and now onwards he will be known as **DEEPESH V T** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Cuttack, Dated. 04.06.25. I, Sampita Palai, Aged (20), D/o- Tapan Kumar Palai, At- Gopinath Bihar, Sartol, Po- Nayabazar, Ps- Madhupatna, Dist- Cuttack, Odisha,753004. Declare that I have changed my name from **Sanpita Palai** to **Sampita Palai**. Henceforth, She shall be known as **Sampita Palai** for all purposes.

**AFFIDAVIT**

By an affidavit No.134 before Executive Magistrate, Bhubaneswar dtd. 20.05.2025 I, Vivitha Thirumoorthy D/O G Thirumoorthy, resident of Flat No-201, Tower-5, Z-One Apartment, Kalarahanga, Nandankanan Road, Bhubaneswar, Khorda, Odisha- 751024 have corrected my name to Vivitha Th and shall hereafter be known as **VIVITHA TH** for all purposes.

**AFFIDAVIT**

By an affidavit No. 132 before Executive Magistrate, Bhubaneswar dtd. 20.05.2025 I, Thirumoorthy Gangadharan S/O M Gangadharan, resident of Flat No-201, Tower-5, Z-One Apartment, Kalarahanga, Nandankanan Road, Bhubaneswar, Khorda, Odisha- 751024 have corrected my name to G Thirumoorthy and shall hereafter be known as **G THIRUMOORTHY** for all purposes.

**AFFIDAVIT**

By virtue of an affidavit sworn before Executive Magistrate, PURI, dated. 06th June 2025 I, SUBASH CHANDRA PARIDA, Address : At- UTTARAHANA, PO- BASUDEVPUR, PS- CHANDANPUR, DIST-PURI, PIN- 752013, Odisha declare that I have changed my son's name from "SACHIDANANDA PARIDA" to "SUSHAJIT PARIDA". Henceforth, he shall be known as "SUSHAJIT PARIDA" for all purposes.

Sd/- (SUBASH CHANDRA PARIDA)

**AFFIDAVIT**

By virtue of an affidavit sworn before Executive Magistrate Sadar, Cuttack, Dated. 21.05.25. I, Shri Sanu Swain, Address - At/Po-Serapur, Via- Kaipada, Block- Bariramachandrapur, Dist- Jajpur, Odisha, 755010 declare that I have changed my name from Kumarsanu Swain to Shri Sanu Swain. Henceforth I shall be known as Shri Sanu Swain for all purposes.

**Shri Sanu Swain**

**OFFICE OF THE SUPERINTENDENT**
**PANDIT RAGHUNATH MURMU MEDICAL COLLEGE & HOSPITAL BARIPADA, MAYURBHANJ, 757001**

**Request for proposal (RFP) for "Supply & Installation Electric Surgical Operating Table and Stand-Alone Microwave Mobile Medical Waste Disinfection System to PRM Medical College & Hospital, Baripada.**

**Adv.No. 2695 Date : 05.06.2025**

**E-155 :** Sealed Proposals as per the RFP documents are invited from interested eligible bidders having adequate experience in taking up the work of **"Supply & Installation Electric Surgical Operating Table and Stand-Alone Microwave Mobile Medical Waste Disinfection System to PRM Medical College & Hospital, Baripada."**. The eligibility criteria and the detail requirement of the said service along with the formats for submission for proposal can be downloaded from the district website i.e.https://mayurbhanj.odisha.gov.in The tender should reach the office of the undersigned within 5.30 PM of **Dt. 18.06.2025 through Speed post/ Registered post/ Courier only**. Tender will be opened on **Dt. 19.06.2025 at 11 AM** in the Committee Hall of PRM MCH, Baripada, Mayurbhanj. The undersigned will not be held responsible for any postal delay and reserves the right to reject any or all the tenders without assigning reason thereof.

**Sd/- Superintendent**
**PRM MCH,**
**Baripada, Mayurbhanj**

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
**ଜିଲ୍ଲା - ସୁବର୍ଣ୍ଣପୁର**
**NOTIFIED AREA COUNCIL, TARBHA**
**Dist. - Subarnapur, Odisha 767016, nactarbha@gmail.com**
**No. 916 / Date : 06.06.2025**

**QUOTATION CALL NOTICE**

**C-467 :** Sealed Quotations in Double Cover are invited from intending Firms/ Service Providers/ NGOs/ Contractors having "C" and above License for Providing Manpower to NAC Tarbha for Daily Road Sweeping, Drain Cleaning, Garbage Lifting to MCC-MRF etc. with Transportation of all kind of Gabages/ Wastes on Monthly basis as detailed given in the Tender Schedule. The bidders/ quotationers can have the Tender Paper from NAC Tarbha during Office Hour on or before 19.06.2025 within 05.00 P.M. or download it from the Subarnapur District Web Portal i.e. www.subarnapur.nic.in. The quotations should be accompanied with Registration Certificate, GSTIN Certificate, PAN Card, Trade License, Labour License etc. as per the Check List along with the Tender Paper Cost of Rs. 10000/- in shape of Demand Draft drawn in favour of Executive Officer, NAC Tarbha payable at Tarbha and EMD of Rs. 50000/- in shape of TDR Form duly pledged in favour of Executive Officer, NAC Tarbha. All Quotation should reach to the undersigned by Dt. 20.06.2025 within 05.00 P.M. by Regd. Post/ Speed Post/ Courior/ By Hand (Box Drop) which will be opened on Dt. 21.06.2025 at 11.00 A.M. in presence of the quotationers or their authorized representatives. The Quotation received beyond the stipulated period shall not be entertained. The Authority reserves the right to accept/ cancel any or all the Quotation without assigning any reason thereof.

**Sd/- Executive Officer**
**N.A.C., Tarbha**

**BINAYAKPUR CO-OPERATIVE SOCIETY**
**At/PO-Binayakpur, Via-Basudevpur, Dist-Bhadrak-756125**
**Regd. No. - 5 BHC / Dae-15/08/1970**

**ବିନାୟକପୁର ସେବା ସମବାୟ ସମିତି ଲିଃ**

ମୋ : ୭୨୦୪୫୪୬୦୦୪, Email ID - scsbinayakpur@gmail.com

**(ଜରୁରୀ ନିଯୁକ୍ତି କାର୍ଯ୍ୟାଳୟ ସହଯୋଗୀ)**

ଖରିଦା ବିନାୟକପୁର ଗ୍ରାମ ପଞ୍ଚାୟତସ୍ଥ ସମସ୍ତ ଯୋଗ୍ୟ ଯୁବକ/ଯୁବତୀ ମାନଙ୍କଠାରୁ ବିନାୟକପୁର ସେବା ସମବାୟ ସମିତିରେ ଅସ୍ଥାୟୀ କାର୍ଯ୍ୟାଳୟ ସହଯୋଗୀ ନିମନ୍ତେ ଆବେଦନ ଗ୍ରହଣ କରାଯାଉଅଛି।

୧. ପଦବୀ ସଂଖ୍ୟା - ୧
୨. ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା : ସ୍ନାତକ ସହିତ Computer (PGDCA
୩. ବୟସ : ସର୍ବନିମ୍ନ ୨୨ ରୁ ୪୨ ବର୍ଷ।
୪. ପାରିଶ୍ରମିକ : ବୋର୍ଡ ପରିଷଦ ଦ୍ୱାରା ନିର୍ଦ୍ଧାରିତ।
୫. ଆବେଦନର ଶେଷ ତାରିଖ : ଜୁନ ୩୦, ୨୦୨୫
୬. ଆବେଦନ କାହାକୁ କରିବେ : ସଂପାଦକ ସେବା ସମବାୟ ସମିତି, ବିନାୟକପୁର (Bio-data) ସହିତ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟର ନକଲ ଏବଂ ଦୁଇ କପି ଫଟୋ।

**ODISHA COOPERATIVE TASAR & SILK FEDERATION (SERIFED) LTD.**
**Sahid Nagar, Janpath, Bhubaneswar-751 007,**
**Tel: 2545586/2545852, email- serifedodishafSlgmail.com,**
**website- www.serifedodisha.in**

**INVITATION FOR BIDS (e-Procurement)**

**Bid identification no:- VI-08(07)/SERIFED/ 2025-26/ 685/ DT. 30.05.2025**

**CAD-650 :** The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 2 (Two) nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 06.06.2025 to 17.00 hours up to dt. 12.06.2025. Online bids shall be received till 17.00 hours dt. 12.06.2025 & shall be opened at 11.30 AM on Dt. 13.06.2025. Any addendum / corrigendum / cancellation of tender can also be seen in the said website.

**Yours faithfully**
**Sd/- MANAGING DIRECTOR**

**ଓଡ଼ିଶା ସରକାର** T-(open)

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. ୦୯.୦୬.୨୦୨୫ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା. ୦୬.୦୬.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR : 09014/11/0138/2526

**GOVERNMENT OF ODISHA**
**Panchayat Samiti, Junagarh**
**E-Procurement Notice**
i-145
**Bid Identification No. PS-JNG-T-1/2025-26**

| | | | |
|---|---|---|---|
| 1. | No. of the work | : | Building works 1 nos. |
| 2. | Estimated Cost | : | Rs. 36.66 lakh |
| 3. | Class of Contractor | : | "C & B" |
| 4. | Period of Completion | : | 6 Months. |
| 5. | Date and time of availability of bid document in the portal | : | 11.00 hrs of 06.06.25 to 17.00 hrs of 23.06.25 |
| 6. | Last date / Time for receipt of bid in the portal | : | 17.00 hour of 23.06.25 |
| 7. | Name and address of the Officer Inviting Bid | : | Block Development Officer, Junagarh |
| 8. | Date & Venue of Opening of the Single Cover Bid and Technical Bid (Cover-1). | : | On 24.06.2025 at 11.00 AM in the Office of the Panchayat samiti, Junagarh |

Further details can be seen from the e-procurement portal **https://tendersodisha.gov.in**

OIPR : 19180/11/0004/2526

**Sd/- Block Development Officer**
**Junagarh**

ID: ee.randbjyp@gmail.com

**GOVERNMENT OF ODISHA : OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
**e-Procurement Notice**
**Bid Identification No. S.E (R&B)-04/2025-26/JYP(K)**
**No. 2996 Date. 03.06.2025**

B-178 : Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.Gov.in.

| | | | |
|---|---|---|---|
| 1. | Name of the Work | : | Electrical Works as mentioned in DTCN. |
| 2. | No. of Works | : | 4 Nos. |
| 3. | Estimated Cost | : | Rs.6.72 lakhs to Rs.47.53 lakhs |
| 4. | Period of completion | : | 1 (One) Month to 2 (Two) months |
| 5. | Date & Time of Bidding | : | From 11.00 hours of 10.06.2025 Up-to 17.00 hours of 19.06.2025 |
| 6. | Last date & time for receipt of bids in portal | : | 17.00 hours of 19.06.2025 |
| 7. | Bids received online shall be opened on | : | 11.00 hours of 20.06.2025. |
| 8. | Name and address of the officer inviting Bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.nov.in

**Superintending Engineer,**
**Jeypore (R&B) Division, Jeypore**

**ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର**
**Office of the Jaleswar Municipality, Jaleswar**
**Dist. : Balasore, Odisha-756032**
**Ph. : (06781) 222407 * Email-jaleswarmunicipality@gmail.com**
C-447
No. 1759 Date : 04.06.25

**Short Tender Call Notice**

Sealed Tender are invited by the Undersigned in percentage rate basis from the eligible Odisha State Govt. Licensed Contractors with Municipality enlisted Contractor in the Jaleswar Municipality for execution work of the followings work of Jaleswar Municipality in the District of Balasore. The State Govt. Contractor ( C & D ) who have not enlisted in Jaleswar Municipality will deposit Rs 10,000/- (ten thousand ) only for apply to this short Tender Call Notice. The Tender paper will be sold on 06.06,2025 to 13.06.25 during the office hours ( Except Govt. Holidays ) on production of valid Licence & payment cost of Tender Paper which is Non-refundable. The Tender papers will be received on till dt 17.06.2025 till 01.00 PM by Register / Speed Post only and the same will be opened on 17.06,25 at 3.00 in presence of the Contractors or their authorized agents. The Tender must be accompanied with Money receipt ( Tender Paper cost) EMD valid GST, PAN, Cont. Licence, Affidavit, Contractor information Sheet. Pending work list (if any) the authority reserves the right to reject any or all tenders without assigning any reason thereof.

**Works Details :**

| Sl. No. | Name of the work | Estimate (with GST in Rs.) | Tender Amount (without GST) | Tender Paper Cost | EMD | Time of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Improvement of road from Digbijay Jena house to Jaga Parida house, W.N-14 | 1,98,000/- | 1,67,879/- | 600/- | 1680/- | 15 days | D & C of Govt. with Jaleswar Municipality enlisted Contractor |

**Sd/- Executive Officer**
**Municipality, Jaleswar**



ପବିତ୍ର ଇଦ୍ ଅବସରରେ ଭୁବନେଶ୍ୱର ୟୁନିଟ୍-୪ ମସ୍‌ଜିଦ୍‌ରେ ନମାଜ ପାଠ

### ଚିଟ୍‌ଫଣ୍ଡ ଅର୍ଥ ଫେରି ପାଇବେ କ୍ଷୁଦ୍ର ଜମାକାରୀ

# ପ୍ରକ୍ରିୟା ଆରମ୍ଭ, କର୍ପସ୍‌ଫଣ୍ଡ ରୁ ଦିଆଗଲା ୪୫ କୋଟି

କଟକ,(ସବ୍ୟୁ): ଚିଟଫଣ୍ଡ ରେ ଅର୍ଥ ଲଗେଇ ସର୍ବସ୍ୱାନ୍ତ ହୋଇଥିବା ଜମାକାରୀ ଫେରି ପାଇବେ ତାଙ୍କର ଅର୍ଥ । ବିଶେଷ ଜଣେ ବି କ୍ଷୁଦ୍ର ଜମାକାରୀ ସେମାନଙ୍କ ଜମା ଅର୍ଥ ଫେରି ପାଇବାରୁ ହେବେନି ବଞ୍ଚିତ । ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ କ୍ଷୁଦ୍ର ଜମାକାରୀ ସେମାନଙ୍କ ଜମା ଅର୍ଥ ପାଇଯିବେ । କେବଳ ଶେଷ ମାସକ ମଧ୍ୟରେ ୧ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରାଯିବା ଲାଗି ପଦକ୍ଷେପ ନିଆଯାଇ ପାରିଛି । ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ ହୋଇଥିବା କର୍ପସ ଫଣ୍ଡରୁ ୪୫କୋଟି ଟଙ୍କା ଦିଆଯାଇଛି । ଏହି ପ୍ରକ୍ରିୟା ଫଳରେ କ୍ଷୁଦ୍ର ଜମାକାରୀଙ୍କ ସମେତ ବୃହତ୍ତ ଜମାକାରୀଙ୍କ ମଧ୍ୟରେ ସେମାନଙ୍କ ଜମା ଫେରସ୍ତ ପାଇବା ଲାଗି ଆଶା ଉଜ୍ଜ୍ୱଳ ହୋଇଛି । ରାଜ୍ୟରେ ଚିଟ୍‌ଫଣ୍ଡ ଇସ୍ୟୁ ଆରମ୍ଭ ହେବାପରେ ପ୍ରଥମେ ଚିଟ୍‌ଫଣ୍ଡ ଜମାକାରୀଙ୍କୁ କିପରି ଚିହ୍ନଟ କରାଯିବ ତାହା ରାଜ୍ୟ ସରକାରଙ୍କ ଲାଗି ଏକ ବଡ଼ ଚାଲେଞ୍ଜ୍ ହୋଇଥିଲା । ରାଜ୍ୟ ସରକାର ଏଥିପାଇଁ ବିଚାର ବିଭାଗୀୟ ତଦନ୍ତ କମିସନ ବସାଇଥିଲେ । ଏହି ତଦନ୍ତ କମିସନ ପ୍ରଥମେ ଚିଟଫଣ୍ଡ ଜମାକାରୀଙ୍କ ନିକଟରୁ ଦରଖାସ୍ତ ଆହ୍ୱାନ କରିଥିଲେ । କମିସନଙ୍କ ପାଖକୁ ଆସିଥିବା ଦରଖାସ୍ତ ଆଧାରରେ ଯଦିଓ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଯାଇଥିଲେ କିନ୍ତୁ ସେମାନଙ୍କୁ କିପରି ଅର୍ଥ ଫେରସ୍ତ କରାଯିବ ତାହା ସରକାରଙ୍କ ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା । କମିସନଙ୍କ ରିପୋର୍ଟ ଆଧାରରେ ପ୍ରତ୍ୟେକ ବ୍ଲକରେ ଚିଟଫଣ୍ଡ ଜମାକାରୀଙ୍କୁ ଚିହ୍ନଟ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟିରେ ସ୍ଥାନୀୟ ଥାନା ଅଧିକାରୀ, ରାଜସ୍ୱ ନିରୀକ୍ଷକ ରହିଥିଲେ । ସେମାନେ ଚିଟଫଣ୍ଡ ଜମାକାରୀଙ୍କ ଘର ତଥା ଜମାକାରୀଙ୍କୁ ଚିହ୍ନଟ କରିବା ପରେ ତାହାର ଏକ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରୁଥିଲେ । ତହସିଲଦାର ଉକ୍ତ ରିପୋର୍ଟକୁ ଚିଟ୍‌ଫଣ୍ଡ ପ୍ରାଧିକୃତ ଅଧିକାରୀଙ୍କ ନିକଟକୁ ପଠାଉଥିଲେ । ଚିଟଫଣ୍ଡ ପ୍ରାଧିକୃତ ଅଧିକାରୀ ଉକ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗକୁ ପଠାଇଥିଲେ । ସେଠାରୁ ଅର୍ଥ ମଞ୍ଜୁର କରାଯିବା ପରେ ଯାଇ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ତେବେ ସମସ୍ତ ଅର୍ଥ ଚିଟଫଣ୍ଡ ପ୍ରାଧିକୃତ ଅଧିକାରୀଙ୍କ ଜରିଆରେ ବଣ୍ଟାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହାଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଥିଲା । ଯଦିଓ ଚିଟଫଣ୍ଡ ଜମାକାରୀମାନେ ଚିହ୍ନଟ ହୋଇଥିଲେ କିନ୍ତୁ ଏହି ଜଟିଳ ପ୍ରକ୍ରିୟା ଯୋଗୁ ଟଙ୍କା ଫେରସ୍ତ ହୋଇପାରୁ ନଥିଲା । ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଟ୍‌ଫଣ୍ଡ ଜମାକାରୀଙ୍କ ପାଇଁ ଟଙ୍କା ଫେରସ୍ତ ପ୍ରକ୍ରିୟା ସରଳ କରାଯିବ ବୋଲି ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳ କରଯାଇଛି । ଆଉ ସବୁ ଅର୍ଥ ଚିଟ୍‌ଫଣ୍ଡ ପ୍ରାଧିକୃତ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାନଯିବା ଲାଗି ନିଷ୍ପତ୍ତି ହୋଇଥିଲା । ଯେଉଁ ପ୍ରକ୍ରିୟା ଯୋଗୁ ଟଙ୍କା ଫେରସ୍ତ ହୋଇପାରୁ ନଥିଲା । ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଟଫଣ୍ଡ ଜମାକାରୀଙ୍କ ପାଇଁ ଟଙ୍କା ଫେରସ୍ତ ପ୍ରକ୍ରିୟା ସରଳ କରାଯିବ ବୋଲି ଘୋଷଣା କରିଥିଲେ । ଯେଉଁ ଜିଲ୍ଲାରେ ଯେତିକି କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି ସେହି ଜିଲ୍ଲାର ଜିଲ୍ଲାପାଳ ସେମାନଙ୍କୁ ଅର୍ଥ ଫେରସ୍ତ କରିବେ ଛ ଏଥିପାଇଁ କେଉଁ ଜିଲ୍ଲାରେ କେତେ କ୍ଷୁଦ୍ର ଜମାକାରୀ ଅଛନ୍ତି ତାହାର ରିପୋର୍ଟ ପ୍ରତ୍ୟେକ ଜିଲ୍ଲାପାଳଙ୍କ ନିକଟରୁ ମଗାଯାଇଥିଲା । ରିପୋର୍ଟ ଆସିବା ପରେ ପ୍ରାଧିକୃତ ଅଧିକାରୀ କେବଳ ଯେଉଁ ଜିଲ୍ଲାର ଯେତିକି ଅର୍ଥ ଦାବି କରାଯାଇଥିଲା ସେତିକି ଅର୍ଥ ପ୍ରଦାନ କରିଥିଲେ । ଶେଷ ମାସକ ମଧ୍ୟରେ କେବଳ ବିଭିନ୍ନ ଜିଲ୍ଲାକୁ ୧ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ପ୍ରାୟ ୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି । କେବଳ ଜମାକାରୀମାନେ ସେମାନଙ୍କ ଟଙ୍କା ରିସିଦ୍କୁ ଆଧାର ସହ ଦେଖାଇଲେ ସେମାନଙ୍କ ଅର୍ଥ ଫେରସ୍ତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

### ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟ ପକ୍ଷରୁ

# ଗାଡ଼ି ଚାଳକ ଓ ସହାୟକଙ୍କ ନିମନ୍ତେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




ଭୁବନେଶ୍ୱର,(ସବ୍ୟୁ): ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟ, ଓଡ଼ିଶା ଆନୁକୂଲ୍ୟରେ ଏବଂ ଟାଟା ମୋଟର୍ସ ସହାୟତାରେ ସ୍କୁଲ ଗାଡି ଚାଳକ ଓ ସହାୟକଙ୍କ ନିମନ୍ତେ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଡିଏଭି ପବ୍ଲିକ୍ ସ୍କୁଲ ଚନ୍ଦ୍ରଶେଖରପୁର ପରିସରରେ ସମ୍ପନ୍ନ ହୋଇଯାଇଛି । ଏଥିରେ ସମଗ୍ର ଓଡ଼ିଶାର ଡିଏଭି ଶିକ୍ଷା ଅନୁଷ୍ଠାନ ସମୂହରୁ ପ୍ରାୟ ୩୦୦ ଡ୍ରାଇଭର, ହେଲପର ଏବଂ ପରିବହନ ପରିଚାଳକମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ । ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି ଶତପଥୀଙ୍କ ଦିଗ୍‌ଦର୍ଶନରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ପ୍ରାୟୋଜିତ ହୋଇଆସୁଛି । ଡିଏଭି ଆଞ୍ଚଳିକ ଅଧିକାରୀ ତଥା ଆୟୋଜକ ବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଭୁବନେଶ୍ୱର- ୨ ସନତ କୁମାର ଜେନା, ଅନ୍ୟ ଡିଏଭି ବିଦ୍ୟାଳୟର ଅଧକ୍ଷ ଓ ଅଧକ୍ଷା ପ୍ରମୁଖ ଏହାକୁ ଉଦ୍‌ଘାଟନ କରି ବିଦ୍ୟାଳୟ ପରିବହନ କର୍ମଚାରୀଙ୍କ ପାଇଁ ଏହାର ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଥିଲେ । ସ୍କୁଲ ବସ୍‌ରେ ଯାତାୟତ କରୁଥିବା ବିଦ୍ୟାର୍ଥୀଙ୍କ ନିରାପତ୍ତା, ଉତ୍ତମ ବ୍ୟବହାର, ସଡ଼କ ସୁରକ୍ଷା ନିୟମ ପରିପାଳନ, ପ୍ରାଥମିକ ଚିକିତ୍ସା ପରିଚାଳନା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଆଦି ପ୍ରସଙ୍ଗରେ ଆର୍‌ଟିଓ ଶ୍ରୀ ଜେନା, ପ୍ରଶିକ୍ଷକ ଫକୀର ଚରଣ ସାମଲ, ଡ. ସଞ୍ଜୀବ କୁମାର କର, ପୁଷ୍ପାଞ୍ଜଳୀ ପଣ୍ଡିତ, ଟାଟା ମଟୋର୍ସର ଆଶୁତୋଷ ଦାସ, ସୁରୋଜ ମିଶ୍ର ପ୍ରମୁଖ ମାର୍ଗଦର୍ଶନ ଦେଇଥିଲେ । ପରିଶେଷରେ ଚାଳକ ଓ ସହାୟକମାନେ ଏକ ପ୍ରଶ୍ନତ୍ତୋରୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଡିଏଭି ଚନ୍ଦ୍ରଶେଖରପୁର ପରିବହନ ପରିଚାଳକ ମନୋଜ କୁମାର ଗଡ଼ନାୟକ ଆୟୋଜନରେ ପ୍ରମୁଖ ଭୂମିକା ତୁଲାଇଥିଲେ ।



ଇଏନ୍‌ଟି ବିଶେଷଜ୍ଞ ସଙ୍ଘ ପକ୍ଷରୁ ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଏନ୍‌ଟି ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡାଙ୍କୁ ଜୀବନ ବ୍ୟାପି ଚିକିତ୍ସା ଲାଗି ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

## ନେପାଳରେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର

ଭୁବନେଶ୍ୱର,(ସବ୍ୟୁ): ଶ୍ରୀ ଜଗନ୍ନାଥ ଭକ୍ତ ସମାଜ କଟକ ଆନୁକୂଲ୍ୟରେ ନେପାଳ କାଠମାଣ୍ଡୁ ସ୍ଥିତ ଶୈବ ପୀଠ ଶ୍ରୀ ପଶୁପତି ନାଥଙ୍କ ପୂର୍ବ ଦ୍ୱାର ପଶୁପତି ଭିୟୁ ହୋଟେଲ ସଭାଗୃହରେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପାରାୟଣ ସହିତ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପଶୁପତିନାଥ ମନ୍ଦିରର ପୂର୍ବତନ ମୁଖ୍ୟ ପ୍ରସାଶକ ସର୍ବଶ୍ରୀ ଉପେତ୍ରୀ ଏବଂ ମୁଖ୍ୟ ପୂଜକ ଗଣେଷ ଭଟ୍ଟ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଥିଲେ। ଶ୍ରୀ ମନ୍ଦିର ରତ୍ନ ସିଂହାସନରେ ଲକ୍ଷେ ଶାଳଗ୍ରାମ ରହିବା କିମ୍ବଦନ୍ତି ସହ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗରେ ଲାଗି ହେଉଥିବା କସ୍ତୁରୀ ନେପାଳ ରାଜାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରି ଥିଲେ। ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟ ଆଧାର କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହିମାର ପ୍ରବଚନ ଦେଇଥିଲେ, ଏହି କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ହିଞ୍ଜିଳି କଟୁ ନିବାସୀ ସୁଜିତ କୁମାର ସାହୁ ସୌରୀ ଟୁର ଆଣ୍ଡ ଟ୍ରାଭେଲ ପରିଚାଳନା କରିଥିଲେ ।

### ମୋବାଇଲ ହେଲା କାଳ :

## ଟ୍ରେନ ଧକ୍କାରେ ଯୁବକ ମୃତ

ବାଲେଶ୍ୱର,(ସବ୍ୟୁ) : ଶନିବାର ବାଲେଶ୍ୱର ରେଳ ଷ୍ଟେସନରେ ଏକ ଅଭାନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ମୁଣ୍ଡରେ ହେଡ଼ଫୋନ କଥା ହୋଇ ଦେଇ ରେଳ ଧାରଣାରେ ଚାଲିଚାଲି ଯାଉଥିବା ବେଳେ ଏକ ଦ୍ରୁତଗାମୀ ଟ୍ରେନ ମାଡ଼ିଯିବାରୁ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଛି।ତେବେ ଖବର ଲେଖାଯାଏ ଉକ୍ତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଷ୍ଟେସନରେ ଉପସ୍ଥିତ ଲୋକଙ୍କ କହିବା କଥା ଟ୍ରେନ ଆସୁଥିବା ଦେଖି ଯୁବକ ଜଣଙ୍କୁ ଯେତେ ଡ଼ାକିଲେ ବି ସେ କାହା କଥା ଶୁଣି ନ ଥିଲା।

### ପ୍ରଫେସର ରାଧାନାଥ ତ୍ରିପାଠୀ

## ବିନୋଦ ବିହାରୀ ମହତୋ କୋହଲାଞ୍ଚଳ ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର



ଭୁବନେଶ୍ୱର,(ସବ୍ୟୁ): ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ପ୍ରଫେସର ରାଧାନାଥ ତ୍ରିପାଠୀ ଧାନବାଦ ସ୍ଥିତ ବିନୋଦ ବିହାରୀ ମହତୋ କୋହଲାଞ୍ଚଳ ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର ଭାବେ ନିଯୁକ୍ତି ହୋଇଛନ୍ତି। ଏହି ବିଶ୍ୱବିଦ୍ୟାଳୟରେ ରେଜିଷ୍ଟ୍ରାର ଭାବେ ସେ ପ୍ରଥମ ଓଡିଆ, ସଂପ୍ରତି ଶ୍ରୀ ତ୍ରିପାଠୀ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳରେ ପଢାଉଛନ୍ତି। ଜଗତସିଂହପୁର ଜିଲ୍ଲାର କାଦୁଅପଡା ଗାଁ ନିବାସୀ ସୋମନାଥ ତ୍ରିପାଠୀ ଏବଂ ସାବିତ୍ରୀ ତ୍ରିପାଠୀଙ୍କ ପୁତ୍ର ରାଧାନାଥ ଅନେକ ଜାତୀୟ ଏବଂ ଆନ୍ତର୍ଜାତୀୟ ସେମିନାରରେ ଅଂଶଗ୍ରହଣ କରିବା ସହ ଅନେକ ଗବେଷଣାତ୍ମକ ପ୍ରବନ୍ଧ ମଧ୍ୟ ପ୍ରକାଶ କରିଛନ୍ତି।

### ବିଶ୍ୱ ପରିବେଶ ଦିବସ

# ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପରିବର୍ତ୍ତନକାରୀ ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର,(ସବ୍ୟୁ): ବେଦାନ୍ତ ଆଲୁମିନିୟମ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଏବଂ ପ୍ରକୃତି ମିତ୍ର ପୁରସ୍କାରରେ ଏହାର ବିବିଧ ପରିବେଶଗତ, ସାମାଜିକ ଏବଂ ଶାସନ (ଇଏସଜି) ପଦକ୍ଷେପର ଏକ ଚମତ୍କାର ପ୍ରଦର୍ଶନୀ ଉପସ୍ଥାପନ କରିଥିଲା। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଜୁନ୍ ୫ ତାରିଖରେ କୃଷି ଶିକ୍ଷା ସଦନ, ଭୁବନେଶ୍ୱରରେ ଆୟୋଜିତ ସମାରୋହ । ଏହି କାର୍ଯ୍ୟକ୍ରମ ପରିବେଶଗତ ସଂରକ୍ଷଣ ଏବଂ ଜଳବାୟୁ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଶିଳ୍ପ ପ୍ରୟାସକୁ ସ୍ୱୀକୃତି ଦେବା ପାଇଁ ବିଭିନ୍ନ ପ୍ରକାରର ସରକାର ଏବଂ ଶିଳ୍ପ ନେତା, ନୀତି ନିର୍ଦ୍ଧାରକ ଏବଂ ପରିବେଶ ବିଜେତାମାନଙ୍କୁ ଏକତ୍ରିତ କରିଥିଲା । ଉତ୍ସବର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ଏହାର ବ୍ୟାପକ ପରିବେଶଗତ ଏବଂ ଜଳବାୟୁ ପରିଚାଳନା ପଦକ୍ଷେପଗୁଡ଼ିକୁ ଉଜ୍ଜ୍ୱଳ କରି ଏକ ଆକର୍ଷଣୀୟ ଷ୍ଟଲ୍ ସ୍ଥାପନ କରିଥିଲା, ଯାହା ପ୍ରଦର୍ଶନ କରିଥିଲା ଯେ କିପରି ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଅଭ୍ୟାସଗୁଡ଼ିକୁ ଗ୍ରହକୁ ସୁରକ୍ଷା ଦେବାର ଜରୁରୀ ଆବଶ୍ୟକତା ସହିତ ଜଡିତ କରାଯାଇପାରିବ । ଏହି ବିଷୟବସ୍ତୁ ଉପରେ, ଏହା ଜଳ ପରିଚାଳନା, ବୃତାକାର ଅର୍ଥନୀତି, ଗ୍ରାମୀଣ ଭିତିଭୂମି ଏବଂ ସମ୍ବଳ ଦକ୍ଷତା ଭଳି କ୍ଷେତ୍ରରେ କମ୍ପାନୀ ଦ୍ୱାରା ହାସଲ କରାଯାଇଥିବା ମାଇଲଖୁଣ୍ଟ ଗୁଡ଼ିକୁ ଉପସ୍ଥାପନ କରିଥିଲା । ଏହି ଷ୍ଟଲରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ ।



ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଦିଗରେ ସ୍ଥାୟୀ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିବିଧ ପଦକ୍ଷେପଗୁଡ଼ିକୁ ପର୍ଯ୍ୟବେକ୍ଷଣ ଏବଂ ପ୍ରଶଂସା କରିଥିଲେ ।

ଏହା କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆ, ମୁଖ୍ୟ ସଚିବ ମନୋଜ ଆହୁଜା, ଉମା ନାନ୍ଦୁରୀ, ସଦସ୍ୟ ସଚିବ, ଏସପିସିବି, ଓଡ଼ିଶା ଏବଂ ଡକ୍ଟର କେ. ମୁରୁଗେସନ, ଅତିରିକ୍ତ ପ୍ରମୁଖ, ମୁଖ୍ୟ ବନ ସଂରକ୍ଷକ (ନୋଡାଲ୍) ସାମିଲ ଥିଲେ । କେନ୍ଦ୍ରବିନ୍ଦୁ ଏହି କାର୍ଯ୍ୟକାରୀ ମଡେଲ ଥିଲା ଯାହା ଝାରସୁଗୁଡ଼ାରେ କମ୍ପାନୀର ମେଗା ଆଲୁମିନିୟମ୍ ଉତ୍ପାଦନ ପ୍ଲାଂଟରେ ଥିବା ଅତ୍ୟାଧୁନିକ ପରିବେଶ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ପ୍ରଦର୍ଶନ କରିଥିଲା । ଏଥିରେ ବ୍ୟାଗ୍ ଫିଲ୍ଟର ସହିତ ହାଇବ୍ରିଡ୍ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରିସିପିଟେଟର୍ (ଇଏସପି) ଅନ୍ତର୍ଭୁକ୍ତ – ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ନିର୍ଗମନକୁ କମ କରିବାରେ ସାହାଯ୍ୟ କରେ ଏବଂ ଏହା ଓଡ଼ିଶାରେ ଏକମାତ୍ର ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ। ଏହି ମଡେଲ୍ ପ୍ଲାଂଟର ଆଶ୍ ରେଲୱେ ସାଇଡିଂ ସହିତ ୱିଣ୍ଡ ବ୍ୟାରିଅର୍ସକୁ ମଧ୍ୟ ଚିତ୍ରଣ କରିଥିଲା, ଯାହା ଫ୍ଲାଏ ଆଶ୍ ର ସ୍ଥାୟୀ ବ୍ୟବହାରରେ ସାହାଯ୍ୟ କରେ, ଅପଚୟ ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରେ ।

ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମର କାର୍ଯ୍ୟକ୍ଷମ ପଦ୍ଧତିର ମୂଳ ହେଉଛି ସ୍ଥାୟୀତ୍ୱ। ଆମେ ଏକ ସବୁଜ, ସ୍ୱାଭାବଲମ୍ବୀ ଭବିଷ୍ୟତ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ, ଏବଂ ଦାୟିତ୍ୱପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ମାଧ୍ୟମରେ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ପ୍ରତିବଦ୍ଧ ।

## ଜେଲ୍ ଗଲେ ବାରୁଦ ବ୍ୟବସାୟୀ ଶ୍ରବଣ ଅଗ୍ରୱାଲ

ରାଉରକେଲା,(ସବ୍ୟୁ): ସୁନ୍ଦରଗଡ଼ର ବାରୁଦ ବ୍ୟବସାୟୀ ଶ୍ରବଣ ଅଗ୍ରୱାଲ ଜେଲ୍ ଗଲେ । ୨ ଦିନିଆ ରିମାଣ୍ଡରେ ଜେରା ପାଇଁ ଆଣିଥିଲା ଏସଆଇଟି । ଶ୍ରବଣଙ୍କୁ ପ୍ରଶ୍ନ ବାଣରେ ଘାଇଲା କରିବା ପରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଶ୍ରବଣଙ୍କ ସ୍ତ୍ରୀ ନିକିତାଙ୍କୁ ଡ଼ାକି ମୁହାଁମୁହିଁ ଜେରା କରିଥିଲା । ଜେରାବେଳେ ଏସଆଇଟି ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଲାଗିଥିବା ସୂଚନା ମିଳିଛି । ବିନା କାଗଜପତ୍ରରେ ବାରୁଦ କାରବାର କରୁଥିବା ଜେରା ବେଳେ ମାନିଛନ୍ତି ଶ୍ରବଣ ଅଗ୍ରୱାଲ ।

ନିକିତା ଅଗ୍ରୱାଲଙ୍କୁ ମୁହାଁମୁହିଁ ବସାଇ ଜେରା କରିଥିଲା ଏସଆଇଟି । ସ୍ୱାମୀ- ସ୍ତ୍ରୀ ଙ୍କୁ ମୁହାଁମୁହିଁ ଜେରା ପରେ ଦମ୍ପତି ସତ ଓଗାଳିଥିବା କୁହାଯାଉଛି । ବିସ୍ଫୋରକ ଲୁଟ୍ ଓ ମାଓ ଲିଙ୍କ ନେଇ ଏବେବି ଖୋଳ୍ ତାଡ ଜାରି ରଖିଛି ଏସଆଇଟି । ଆଗକୁ ଶ୍ରବଣଙ୍କୁ ଏନେଇ ଅଧିକ ତଦନ୍ତ ପାଇଁ ପୁଣି ଥରେ ରିମାଣ୍ଡ କରିବ ବୋଲି କୁହାଯାଇଛି ।

# ଇଙ୍ଗା ରେ ବିଶ୍ୱ ପରିବେଶ ଦିବସ ପାଳିତ

କଟକ,(ସବ୍ୟୁ):ଚୌଦ୍ୱାର ସ୍ଥିତ ଇଙ୍ଗା ଶିଳ୍ପ ଗୋଷ୍ଠୀ ଦ୍ୱାରା ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସକୁ ମାସ ତମାମ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ଶିଳ୍ପ କର୍ମଚାରୀ ଏବଂ ଶ୍ରମିକମାନଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରଶିକ୍ଷଣ ଚକ୍ର ଆୟୋଜିତ ହୋଇଥିଲା । ଏହି ଉତ୍ସବର ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ବାୟୁ ପ୍ରଦୂଷଣ ବିଷୟରେ ଏକ ଆଲୋଚନା ଚକ୍ର, ଶ୍ରମିକମାନଙ୍କ ପାଇଁ ମୋ କାର୍ଯ୍ୟକ୍ଷେତ୍ର ଏବଂ ମୁଁ ବକ୍ତବ୍ୟ ପ୍ରତିଯୋଗିତା, ପାନୀୟ ଜଳ ପ୍ରଶିକ୍ଷଣ, ପ୍ରଶ୍ନ ଓ ଉତ୍ତର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା



ଏବଂ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଏବଂ ଉତ୍ସବର ନେତୃତ୍ୱ ଦାୟିତ୍ୱ ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ନିର୍ବାହ କରିବା ସହ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ତାଙ୍କ ନେତୃତ୍ୱରେ, ପ୍ଲାଷ୍ଟିକ୍ ଉପରେ ଅଭିଭାଷଣ ଦିଆଯାଇଥିଲା ଏବଂ ଶ୍ରମିକମାନଙ୍କୁ ପ୍ରତିବଦ୍ଧତା ନେବାକୁ ଉତ୍ସାହିତ କରାଯିବା ସହିତ ଇଙ୍ଗାର କର୍ମଚାରୀମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପରିବେଶ ବିଭାଗର ମୁଖ୍ୟ ଶୁକଦେବ ସାହୁ ସମସ୍ତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ପରିବେଶ ସୁରକ୍ଷା ଉପରେ ଶପଥ ପାଠ କରଯାଇଥିଲା ।

# ହାଇଟେକ୍‌ଗ୍ରୁପ୍‌ର ୱେଭ୍‌ଲେଙ୍ଗ୍‌ଥ୍ ଷ୍ଟୁଡିଓ ଲୋକାର୍ପିତ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ସ୍ଥିତ ସିନେପଲିସ୍ ଠାରେ ହାଇଟେକ୍ ଗ୍ରୁପ୍ ଦ୍ୱାରା ୱେଭ୍‌ଲେଙ୍ଗ୍‌ଥ୍ ଷ୍ଟୁଡିଓର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଚଳଚ୍ଚିତ୍ର ତାରକା ଅଶ୍ୱିନୀ ରଏ ମହାପାତ୍ର, ପ୍ରିୟା ଚୌଧୁରୀ, ପ୍ରତିଭା ପଣ୍ଡା, ଅନୁରାଧା ପାଣିଗ୍ରାହୀ, ଶିତଲ୍ ପାତ୍ର, ଅଭିଷେକ ଗିରି, ମମତା ପଣ୍ଡା, ସୋମ୍ ହୋତା, ଆୟୁଷ୍ମାନ ଦାସ, ନିର୍ଦ୍ଦେଶକ ଅମୀୟ ପାତ୍ର ଉପସ୍ଥିତ ଥିଲାବେଳେ ମ୍ୟାନେଜିଂ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଷ୍ଟୁଡିଓର ଲୋଗୋ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଅଙ୍ଗ ଦାନ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ହାଇଟେକ୍ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ଏକ ବିଜ୍ଞାପନ ଚଳଚ୍ଚିତ୍ରର ସ୍କ୍ରିନିଂ ମଧ୍ୟ କରାଯାଇଥିଲା । ଏହି ଡକ୍ୟୁମେଣ୍ଟାରୀ ଫିଲ୍ମ ପାଇଁ ସହଯୋଗ କରିଥିବା ସମସ୍ତ ତାରକା ମାନେ ଉପସ୍ଥିତ ରହିବା ସହିତ ଆଗାମୀ ଦିନରେ ୱେଭ୍‌ଲେଙ୍ଗ୍‌ଥ୍ ଷ୍ଟୁଡିଓ ଦ୍ୱାରା ପ୍ରଯୋଜନା, ନିର୍ଦ୍ଦେଶନାର ଭାର ନେଇ ବିଜ୍ଞାପନ, କର୍ପୋରେଟ୍, କ୍ଷୁଦ୍ର ଚଳଚ୍ଚିତ୍ର, ଫିଚର୍ ଓ ଡକ୍ୟୁମେଣାରୀ ଚଳଚ୍ଚିତ୍ର ପ୍ରସ୍ତୁତ କରି ଓଡିଶାରେ ଏକ ଉଦାହରଣ ସୃଷ୍ଟି କରିବବୋଲି ମ୍ୟାନେଜିଂ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ କହିଛନ୍ତି । ଏହି ଉଦ୍‌ଘାଟନ ସମାରୋହରେ ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ରାକେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ପାଣିଗ୍ରାହୀ, ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ, ପ୍ରିନ୍ସିପାଲ୍ ପ୍ରଫେସର୍ ଡ. ପୂର୍ଣ୍ଣଚନ୍ଦ୍ର ଦାଶ ଯୋଗ ଦେଇ ଆଗାମୀ ଦିନରେ ହାଇଟେକ୍ ଗ୍ରୁପ୍‌ର ପ୍ରଡକ୍ସନ୍ ହାଉସ୍ ଓଡିଶାରେ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିବ ବୋଲି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଅନିଲ୍ କୁମାର ପାଣିଗ୍ରାହୀ, ଅଖିଲ୍ କୁମାର ପାଣିଗ୍ରାହୀ ଏବଂ କୌଶିକ୍ ପାଟ୍ଟଯୋଶୀ ସାହାଯ୍ୟ ସହଯୋଗ କରିଥିବାବେଳେ ହାଇଟେକ୍ ଗ୍ରୁପ୍ ୱେଭ୍‌ଲେଙ୍ଗ୍‌ଥ୍ ଷ୍ଟୁଡିଓ ମାଧ୍ୟମରେ ଓଡିଶାରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି ।



# ପାକିସ୍ତାନକୁ ୮୧ % ସାମରିକ କ୍ଷମତା ଚୀନରୁ ଆସେ: ଥରୁର



ନୂଆଦିଲ୍ଲୀ: କଂଗ୍ରେସ ସାଂସଦ ଶଶି ଥରୁର ୱାଶିଂଟନ ଡିସିରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଭାରତ-ପାକ୍ ବିବାଦରେ ଚୀନକୁ ଅଣଦେଖା କରିବା ଅସମ୍ଭବ, କାରଣ ପାକିସ୍ତାନର ୮୧% ସାମରିକ କ୍ଷମତା ଚୀନରୁ ଆସିଥାଏ । ଥରୁର ବର୍ତ୍ତମାନ 'ଅପରେସନ୍ ସିନ୍ଦୁର' ପରେ ଭାରତର ସଂସଦୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଉଛନ୍ତି ଏବଂ ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନ-ଆତଙ୍କବାଦୀ ସମ୍ପର୍କକୁ ପ୍ରକାଶ କରୁଛନ୍ତି ।

ଥରୁର କହିଛନ୍ତି ଯେ ଚୀନ-ପାକ୍ ସମ୍ପର୍କ କେବଳ ସାମରିକ ସହଯୋଗ ପର୍ଯ୍ୟନ୍ତ ସୀମିତ ନୁହେଁ । ସେ ଚୀନ-ପାକ୍ ଅର୍ଥନୈତିକ କରିଡରକୁ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍‌ର ସବୁଠାରୁ ବଡ଼ ପ୍ରକଳ୍ପ ଭାବରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଚୀନର ଏହି ନିବେଶ ପାକିସ୍ତାନର ଅର୍ଥନୀତିଠାରୁ ଆରମ୍ଭ କରି ସାମରିକ ନୀତି ପର୍ଯ୍ୟନ୍ତ ସବୁଠି ପ୍ରଭାବ ବିସ୍ତାର କରୁଛି ।

ଥରୁରଙ୍କ ଅନୁଯାୟୀ, ପାକିସ୍ତାନ ସଂଘର୍ଷ ସମୟରେ ଚୀନର 'କିଲ୍ ଚେନ୍' ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥିଲା, ଯେଉଁଥିରେ ରାଡାର, ଜିପିଏସ, କ୍ଷେପଣାସ୍ତ୍ର ଏବଂ ବିମାନ ପରସ୍ପର ସହିତ ସମ୍ପୂର୍ଣ୍ଣ ସମନ୍ୱିତ ହୋଇଥାନ୍ତି । ଭାରତ ଏହି ପ୍ରଯୁକ୍ତିବିଦ୍ୟାର ମୁକାବିଲା କରିଥିଲା ଏବଂ ୧୧ଟି ପାକିସ୍ତାନୀ ବିମାନକ୍ଷେତ୍ରକୁ ଟାର୍ଗେଟ କରିଥିଲା । ସେ କହିଥିଲେ ଯେ ଯଦି ଆମେ ତୁରନ୍ତ ଆମର ରଣନୀତି ପରିବର୍ତ୍ତନ କରିନଥାନ୍ତୁ, ତେବେ ଏତେ ବଡ଼ ଅଭିଯାନ ସମ୍ଭବ ହୋଇନଥାନ୍ତା ।

କଂଗ୍ରେସ ସାଂସଦ କହିଛନ୍ତି ଯେ ୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଦି ରେଜିଷ୍ଟାନ୍ସ ଫ୍ରଣ୍ଟର ନାମ ୟୁଏନଏସସି ପ୍ରେସ ରିଲିଜରେ ଥିଲା, କିନ୍ତୁ ପାକିସ୍ତାନ ଏବଂ ଚୀନର ଚାପରେ ଏହାକୁ ହଟାଇ ଦିଆଯାଇଥିଲା । ଥରୁର କହିଛନ୍ତି ଯେ ଏହା ଦର୍ଶାଉଛି ଯେ ଚୀନ ବିଶ୍ୱ ମଞ୍ଚରେ ମଧ୍ୟ ପାକିସ୍ତାନ ସହିତ ଠିଆ ହୋଇଛି ।

# ପାକିସ୍ତାନର ହାତ ଛାଡିଦେବ ବନ୍ଧୁ ଚୀନ !

ନୂଆଦିଲ୍ଲୀ: ପାକିସ୍ତାନର ହାତ ଛାଡିଦେବ ଚୀନ! ବିଶ୍ୱ ମଞ୍ଚରେ ଦେଲା ବଡ ଝଟକା । ଅନ୍ତର୍ଜାତୀୟ ସ୍ତରରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରାଯାଇଛି । ବ୍ରାସିଲିଆରେ ଅନୁଷ୍ଠିତ ୧୧ତମ ବ୍ରିକ୍ସ ସଂସଦୀୟ ଫୋରମ୍ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ଆତଙ୍କବାଦ ବିରୁଦ୍ଧରେ ଏକତ୍ରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂକଳ୍ପ ନେଇଛି । ଯାହା ପାକିସ୍ତାନ ପାଇଁ ଏବେ ବଡ ଝଟକା । କରଣ ଏଥିରେ ଚୀନ୍ ବ୍ୟତୀତ ଅନେକ ମୁସଲିମ୍ ଦେଶ ଅନ୍ତର୍ଭୁକ୍ତ ।



## କ'ଣ କହିଲେ ବ୍ରିକ୍ସ ରାଷ୍ଟ୍ର?

ଲୋକସଭା ସଚିବାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ବ୍ରିକ୍ସ ସଂସଦୀୟ ଫୋରମ୍ ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଦୃଢ଼ ନିନ୍ଦା କରିଛି ଏବଂ ଆତଙ୍କବାଦ ବିରୁଦ୍ଧରେ ସାମୂହିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂକଳ୍ପ ନେଇଛି । ତେବେ ଏହି ସମ୍ମିଳନୀରେ ଭାରତର ନେତୃତ୍ୱ ନେଇଥିବା ଲୋକସଭା ବାଚସ୍ପତି ତାଙ୍କ ଭାଷଣରେ କହିଥିଲେ, ଯେ ଆତଙ୍କବାଦ ଆଜି ଏକ ବିଶ୍ୱ ସଙ୍କଟ ପାଲଟିଛି, ଯାହାକୁ କେବଳ ଅନ୍ତର୍ଜାତୀୟ ସହଯୋଗ ଦ୍ୱାରା ସାମ୍ନା କରାଯାଇପାରିବ । ଏଥିସହିତ ସେ ଚାରୋଟି ପ୍ରମୁଖ ପଦକ୍ଷେପ ପାଇଁ ପରାମର୍ଶ ଦେଇଥିଲେ । ଯେଉଁଥିରେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ବନ୍ଦ କରିବା, ଗୁପ୍ତଚର ଆଦାନପ୍ରଦାନକୁ ତ୍ୱରାନ୍ୱିତ କରିବା, ପ୍ରଯୁକ୍ତିର ଅପବ୍ୟବହାର ରୋକିବା ଏବଂ ତଦନ୍ତ ଏବଂ ନ୍ୟାୟିକ ପ୍ରକ୍ରିୟାରେ ସହଯୋଗ ବୃଦ୍ଧି କରିବା ଭଳି ପ୍ରସଙ୍ଗକୁ ଉଠାଇଥିଲେ । ଆଉ ବୈଠକରେ ଉପସ୍ଥିତ ସମସ୍ତ ଦେଶ ଓମ୍ ବିର୍ଲାଙ୍କ ପଏଣ୍ଟଗୁଡ଼ିକୁ ସର୍ବସମ୍ମତିକ୍ରମେ ଗ୍ରହଣ କରିଥିଲେ ଏବଂ ଚୂଡ଼ାନ୍ତ ଘୋଷଣାପତ୍ରରେ ସାମିଲ ତାହାକୁ ସାମିଲ କରିଥିଲେ ।

## ପାକିସ୍ତାନ ପାଇଁ ଟେନସନ ବ୍ରିକ୍ସ ସଦସ୍ୟ

ବ୍ରାଜିଲର ବ୍ରାସିଲିଆରେ ୧୧ତମ ବ୍ରିକ୍ସ ସଂସଦୀୟ ଫୋରମରେ ଏବେ ପାକିସ୍ତାନ ବିରୋଧ ସ୍ୱର ଶୁଣିବାକୁ ମିଳିଛି । ପହଲଗାମ ଆକ୍ରମଣକୁ ସ୍ପଷ୍ଟ ଭାବେ ନିନ୍ଦା କରିଛନ୍ତି ବ୍ରିକ୍ସ ରାଷ୍ଟ୍ର । ଆଉ ପାକିସ୍ତାନ ନିଜେ ମାନିଛି ପହଲଗାମ ସତ । ଭାରତ ବିରୁଦ୍ଧରେ ଆତଙ୍କବାଦ ସହ ମିଶି ଲଢ଼ିଛି । ଯାହା ସାରା ବିଶ୍ୱ ଦେଖିଥିବା ବେଳେ ଏବେ ଏହି ଆତଙ୍କବାଦ ପାକିସ୍ତାନ ପାଇଁ କାଳ ହେବାକୁ ବସିଛି । କାରଣ ବ୍ରିକ୍ସ ସଂସଦୀୟ ପ୍ୟାନେଲରେ ଚୀନ୍ ବ୍ୟତୀତ, ଅନେକ ମୁସଲିମ୍ ଦେଶ ମଧ୍ୟ ଅନ୍ତର୍ଭୁକ୍ତ । ଭାରତ, ବ୍ରାଜିଲ୍, ରୁଷିଆ, ଚୀନ୍, ଦକ୍ଷିଣ ଆଫ୍ରିକା ଏବଂ ଇରାନ, ସଂଯୁକ୍ତ ଆରବ ଏମିରେଟ୍ସ, ଇଜିପ୍ଟ, ଇଥିଓପିଆ ଏବଂ ଇଣ୍ଡୋନେସିଆର ପ୍ରତିନିଧିମାନେ ଏହି ଫୋରମରେ ଅଂଶଗ୍ରହଣ କରିଥିଲେ । ଅନ୍ୟପଟେ ଅପରେସନ୍ ସିନ୍ଦୂର ପରେ, ଭାରତ ବିଶ୍ୱର ବିଭିନ୍ନ ଦେଶକୁ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ପାକିସ୍ତାନର ଆତଙ୍କବାଦର ପର୍ଦ୍ଦାଫାସ କରିବା ପରେ ଏବେ ଭାରତ ସମର୍ଥନରେ ଅନେକ ଦେଶ ନିଜର ମତ ଦେଉଛନ୍ତି । ଯାହା ଏବେ ପାକିସ୍ତାନ ପାଇଁ ବଡ ମୁଣ୍ଡ ବିନ୍ଧାର କାରଣ ।

ସୂଚନାଯୋଗ୍ୟ, ଜୁନ୍ ୫ ତାରିଖରେ ବ୍ରାଜିଲର ବ୍ରାସିଲିଆରେ ଅନୁଷ୍ଠିତ ଦୁଇ ଦିନିଆ ୧୧ତମ ବ୍ରିକ୍ସ ସଂସଦୀୟ ଫୋରମ୍ ଶେଷ ହୋଇଥିବା ବେଳେ ଘୋଷଣାପତ୍ର ଗ୍ରହଣ କରାଯାଇଥିଲା । ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ଲୋକସଭା ବାଚସ୍ପତି ଓମ୍ ବିର୍ଲା ନେଇଥିଲେ । ପ୍ରତିନିଧିମାନେ ଆତଙ୍କବାଦ ବ୍ୟତୀତ, ବୈଠକରେ ଏଆଇ, ବିଶ୍ୱ ବାଣିଜ୍ୟ, ଆନ୍ତଃସଂସଦୀୟ ସହଯୋଗ ଏବଂ ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

କାର୍ଯ୍ୟକ୍ରମର ଶେଷରେ, ଓମ୍ ବିର୍ଲାଙ୍କୁ ଫୋରମର ଅଧ୍ୟକ୍ଷତା ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା, ଆଉ ଭାରତ ଆସନ୍ତା ବର୍ଷ ୧୨ତମ ବ୍ରିକ୍ସ ସଂସଦୀୟ ଫୋରମ୍ ଆୟୋଜନ କରିବ । ଯାହାକ ନେଇ ଲୋକସଭା ବିବୃତ୍ତିରେ କୁହାଯାଇଛି, ଭାରତ ଏବେ ବ୍ରିକ୍ସ ସଂସଦ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ ଏକ ସହଭାଗୀ ଆଭିମୁଖ୍ୟକୁ ଆଗକୁ ବଢ଼ାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବ ।

# ସିମଲା ହସପିଟାଲରେ ଭର୍ତ୍ତି ହେଲେ ସୋନିଆ ଗାନ୍ଧି

ନୂଆଦିଲ୍ଲୀ: କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କିଛି ସାମାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ସିମଲାର ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଛି । ତେବେ ଏହା ଏକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବୋଲି ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଡାକ୍ତରମାନେ ତାଙ୍କୁ ପରୀକ୍ଷା କରୁଛନ୍ତି, ତାଙ୍କ ଅବସ୍ଥା ସ୍ଥିର ଅଛି । ଏ ନେଇ ସବିଶେଷ ସୂଚନାକୁ ଅପେକ୍ଷା କରାଯାଇଛି ।



ପୂର୍ବରୁ ୨୦୧୧ ମସିହାରେ ବିଦେଶରେ ସୋନିଆଙ୍କ ଏକ ଅସ୍ତ୍ରୋପଚାର ହୋଇଥିଲା । ସେହିପରି ୨୦୨୨ରେ ବି ସୋନିଆ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବିଦେଶ ଯାଇଥିଲେ ।

ଆପଣଙ୍କୁ କହି ରଖୁଛୁ ଯେ ଏହା ପ୍ରଥମ ଥର ନୁହେଁ ଯେ ସୋନିଆ ଗାନ୍ଧୀଙ୍କୁ ରୁଟିନ୍ ଚେକ୍‌ଅପ୍ ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପ୍ରାୟ ୩ ମାସ ପୂର୍ବରୁ ମଧ୍ୟ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେହି ସମୟରେ ମଧ୍ୟ ତାଙ୍କୁ ରୁଟିନ୍ ଚେକ୍‌ଅପ୍ ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବୋଲି ଦଳ ପକ୍ଷରୁ କୁହାଯାଇଥିଲା ।

# ନକ୍ସଲ ବିରୋଧୀ ଅଭିଯାନରେ ସାମିଲ ଅଧିକାରୀ ସମ୍ମାନିତ

ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ନକ୍ସଲବାଦୀଙ୍କ ବିରୁଦ୍ଧରେ ଅପରେସନ୍ ଚଳାଇଥିବା ଅଧିକାରୀମାନଙ୍କୁ ଭେଟିଥିଲେ । ଅମିତ ଶାହ ନକ୍ସଲବାଦ ବିରୁଦ୍ଧରେ ସାମ୍ପ୍ରତିକ ଅପରେସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅଧିକାରୀମାନଙ୍କୁ ଭେଟି ସଫଳତା ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।



କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ସେ ସାହସିକତା ସହିତ ଏହି ଅପରେସନଗୁଡ଼ିକୁ ସଫଳ କରିଥିବା ଯବାନମାନଙ୍କୁ ଭେଟିବାକୁ ଆଗ୍ରହୀ ଏବଂ ଖୁବ୍ ଶୀଘ୍ର ଛତିଶଗଡ଼ ଆସି ସେମାନଙ୍କୁ ଭେଟିବେ । ମୋଦୀ ସରକାର ଭାରତକୁ ନକ୍ସଲବାଦର କବଳରୁ ମୁକ୍ତ କରିବାକୁ ସଂକଳ୍ପବଦ୍ଧ । ଆପଣଙ୍କୁ ଜଣାଇ ଦେଉଛୁ ଯେ ସୁରକ୍ଷା ବାହିନୀ ଓଡିଶା, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ନକ୍ସଲବାଦୀଙ୍କ ବିରୁଦ୍ଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ।

ଛତିଶଗଡ଼ରେ ସର୍ବାଧିକ ନକ୍ସଲବାଦୀ ନିହତ ହେଉଛନ୍ତି । ଏଠାରେ କିଛି ନକ୍ସଲବାଦୀ ମଧ୍ୟ ଆତ୍ମସମର୍ପଣ କରୁଛନ୍ତି । ଏହା ପୂର୍ବରୁ ଶୁକ୍ରବାର ଛତିଶଗଡ଼ର ନକ୍ସଲ ପ୍ରଭାବିତ ଦାନ୍ତେୱାଡା ଜିଲ୍ଲାରେ ସୁରକ୍ଷା ବାହିନୀ ସମ୍ମୁଖରେ ସାତ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ । ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ସାତ ଜଣ ନକ୍ସଲଙ୍କ ମଧ୍ୟରୁ ଦୁଇଜଣ ନକ୍ସଲଙ୍କ ଉପରେ ପୁରସ୍କାର ଥିଲା । ଅଧିକାରୀମାନେ କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ଜୁଗଲ ଓରଫ ସୁଣ୍ଡୁମ କୱାସି (୨୩), ଦଶା ଓରଫ ବୁର୍କୁ ପୋଡିୟମ (୨୬), ଭୋଜା ରାମ ମାଡଭି (୪୮), ଲଖମା ଓରଫ ସୁଡି (୨୬), ରାତୁ ଓରଫ ଓଥେ କୋୱାସି (୨୫), ସୁଖରାମ ପୋଡିୟମ (୨୫) ଏବଂ ପାଣ୍ଡୁ ରାମ ପୋଡିୟମ (୪୫) ସୁରକ୍ଷା ବାହିନୀ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି ।

ସମ୍ପ୍ରତି, ଛତିଶଗଡ଼ ସରକାର ରାଜ୍ୟରେ ନକ୍ସଲ ବିରୋଧୀ ଏନକାଉଣ୍ଟରରେ ସାହସିକତା ଦେଖାଇଥିବା ୨୯୫ ଜଣ ପୋଲିସ କର୍ମଚାରୀଙ୍କୁ ସମୟ ପୂର୍ବରୁ ପଦୋନ୍ନତି ଦେଇଛନ୍ତି । ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ପଦୋନ୍ନତି ଆଦେଶର ଏକ ଫଟୋ ସେୟାର କରିଛନ୍ତି ଏବଂ ପୋଷ୍ଟରେ କହିଛନ୍ତି, ନକ୍ସଲ ପ୍ରଭାବିତ ଅଞ୍ଚଳରେ ବୀରତ୍ୱ, ସାହସ ଏବଂ ସମର୍ପଣ ସହିତ କାର୍ଯ୍ୟ କରୁଥିବା ଛତିଶଗଡ଼ ପୋଲିସ ବାହିନୀର ୨୯୫ ଜଣ କର୍ମଚାରୀଙ୍କୁ ସମୟ ପୂର୍ବରୁ ପଦୋନ୍ନତି ମିଳିବାରୁ ଅନେକ ଅଭିନନ୍ଦନ ।

# ଶେଷ ହେଲା ଲଢେଇ ! କେବଳ ଘୋଷଣାକୁ ବାକି

ନୂଆଦିଲ୍ଲୀ: ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ହଇଚଇ ସୃଷ୍ଟି ହୋଇଛି । ପରସ୍ପରକୁ ଭୁଲିଯାଇଥିବା ଦୁଇ ଠାକରେ ଏବେ ଏକାଠି ହେଉଥିବା ଦେଖାଯାଉଛି । ପ୍ରକୃତରେ, ଶିବସେନା ୟୁବିଟିର ମୁଖପତ୍ର ସାମ୍ନାର ପ୍ରଥମ ପୃଷ୍ଠାରେ ଉଦ୍ଧବ ଠାକରେଙ୍କ ସହିତ ରାଜ ଠାକରେଙ୍କ ଏକ ଫଟୋ ମୁଦ୍ରିତ ହୋଇଛି ।

ଉଭୟ ଠାକରେ ଭାଇଙ୍କ ଏହି ଫଟୋକୁ ଏମ୍‌ଏନ୍‌ଏସ୍ ଏବଂ ଶିବସେନା ୟୁବିଟି ଏକାଠି ହେବାର ସମ୍ଭାବନା ଭାବରେ ଦେଖାଯାଉଛି । ଫଟୋ ସହିତ ଦିଆଯାଇଥିବା ମରାଠୀ ଶୀର୍ଷକ ହିନ୍ଦୀରେ ଅନୁବାଦ କରାଯାଇଛି - 'ମହାରାଷ୍ଟ୍ରର ମନରେ ଯାହା ଅଛି, ତାହା ହେବ' । ସାମ୍ନାରେ ପ୍ରକାଶିତ ଏହି ଖବର ରାଜନୈତିକ ମହଲରେ ଆଲୋଚନାକୁ ତୀବ୍ର କରିଛି ଏବଂ ଲୋକଙ୍କ କୌତୁହଳକୁ ବୃଦ୍ଧି କରିଛି । କେବଳ ଏତିକି ନୁହେଁ, ମୁମ୍ବାଇର କିଛି ଅଞ୍ଚଳରେ ଉଭୟ ନେତାଙ୍କ ପୋଷ୍ଟର ମଧ୍ୟ ଲଗାଯାଇଛି । ମୁମ୍ବାଇ ସମେତ ମହାରାଷ୍ଟ୍ରର ଅନେକ ସ୍ଥାନରେ ଲଗାଯାଇଥିବା ଏହି ପୋଷ୍ଟରଗୁଡ଼ିକ ଉଦ୍ଧବ ଠାକରେ ଏବଂ ରାଜ ଠାକରେଙ୍କୁ ଏକାଠି ହେବାକୁ ଦାବି କରୁଛି । ପୋଷ୍ଟରରେ ଲେଖାଯାଇଛି ଯେ ମହାରାଷ୍ଟ୍ରର ୮ କୋଟି ମରାଠୀ ଲୋକ ଉଭୟ ଭାଇଙ୍କୁ ପୁଣି ଥରେ ଏକାଠି ଦେଖିବାକୁ ଚାହୁଁଛନ୍ତି ।

ଠାକରେ ଭାଇମାନଙ୍କ ଫଟୋ ସାମନାରେ ଏମିତି ସମୟରେ ମୁଦ୍ରିତ ହୋଇଛି ଯେତେବେଳେ ଉଦ୍ଧବ ଠାକରେ ଏମଏନଏସ ସହିତ ମେଣ୍ଟର ସକାରାତ୍ମକ ସଙ୍କେତ ଦେଇଛନ୍ତି । ଆଗାମୀ ସ୍ଥାନୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ଏହା ଉଭୟ ଦଳ ପାଇଁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ । ତଥାପି, ମେଣ୍ଟର ରୂପରେଖ ଏବଂ ସର୍ତ୍ତାବଳୀ ଉପରେ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ବୟାନ ଆସିନାହିଁ । ପୂର୍ବରୁ ଯେତେବେଳେ ଉଦ୍ଧବ ଠାକରେଙ୍କୁ ମୁମ୍ବାଇରେ ପଚରାଯାଇଥିଲା ଯେ ଭାଇ ରାଜ ଠାକରେଙ୍କ ସହିତ ଏକାଠି ଆସିବାର କଳ୍ପନାଜଳ୍ପନା ଉପରେ ସେ କ'ଣ କହିବେ, ଶିବସେନା ୟୁବିଟି ମୁଖ୍ୟ କହିଥିଲେ ଯେ ମହାରାଷ୍ଟ୍ରର ହୃଦୟରେ ଯାହା ଅଛି ତାହା ଘଟିବ । ସମାନ କଥା ଉଭୟଙ୍କ ଫଟୋ ସହିତ ସାମ୍ନାର ପ୍ରଥମ ପୃଷ୍ଠାରେ ମୁଦ୍ରିତ ହୋଇଛି ।

# ରାହୁଲ ବିହାର ପରାଜୟକୁ ସ୍ୱୀକାର କରିସାରିଛନ୍ତି : ଫଡନାଭିସ

ମୁମ୍ବାଇ : ମହାରାଷ୍ଟ୍ର ନିର୍ବାଚନରେ ମ୍ୟାଚ ଫିକ୍ସିଂ ହୋଇଥିଲା ବୋଲି କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବୟାନକୁ ନେଇ ବିଜେପି ପକ୍ଷରୁ ତାଙ୍କୁ କଡ଼ା ସମାଲୋଚନା କରାଯାଇଛି । ତାଙ୍କୁ ସମାଲୋଚନା କରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି, 'ଏହାର ଅର୍ଥ ହେଉଛି ଯେ ରାହୁଲ ଗାନ୍ଧୀ ବିହାରରେ ପରାଜୟକୁ ସ୍ୱୀକାର କରିଛନ୍ତି ।



ମୁଁ ସବୁବେଳେ କହୁଛି ଯେ ଯେପର୍ଯ୍ୟନ୍ତ ରାହୁଲ ଗାନ୍ଧୀ ତୃଣମୂଳସ୍ତରକୁ ଓହ୍ଲାଇ ନାହାନ୍ତି, ଯେପର୍ଯ୍ୟନ୍ତ ସେ ତଥ୍ୟକୁ ବୁଝି ନାହାନ୍ତି, ଯେପର୍ଯ୍ୟନ୍ତ ସେ ନିଜକୁ ମିଛ କହିଚାଲିଥିବେ ଓ ନିଜକୁ ମିଛ ପ୍ରତିଶ୍ରୁତି ଦେଇଚାଲିଥିବେ, ତାଙ୍କ ଦଳ କେବେ ବି ଜିତିପାରିବ ନାହିଁ ବୋଲି ଫଡନାଭିସ କହିଛନ୍ତି । ସେ ମହାରାଷ୍ଟ୍ରର ଜନତାଙ୍କ ପ୍ରତି ରାହୁଲ ଗାନ୍ଧୀ କରିଥିବା ଅପମାନକୁ ନିନ୍ଦା କରିଛନ୍ତି । ରାହୁଲଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି କହି ଫଡନାଭିସ୍ କହିଛନ୍ତି ଯେ ସେ ପରାଜୟର ହତାଶାରେ ଭୋଟରଙ୍କୁ ଅପମାନିତ କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରାହୁଲ ଗାନ୍ଧୀଙ୍କ ଅଭିଯୋଗର ଉପଯୁକ୍ତ ଜବାବ ଦେଇଛନ୍ତି । ରାହୁଲଙ୍କ ପୂର୍ବ ପୋଷ୍ଟକୁ ଟ୍ୟାଗ୍ କରି ସେ ଲେଖିଛନ୍ତି, 'ମହାରାଷ୍ଟ୍ର ନିର୍ବାଚନ ଉପରେ ରାହୁଲ ଗାନ୍ଧୀଙ୍କ ପୋଷ୍ଟ ଏକ ପୁରୁଣା ନାଟକ - ନିର୍ବାଚନ ହାରିବା, ଅନୁଷ୍ଠାନଗୁଡ଼ିକୁ ବଦନାମ କରିବା, ମିଥ୍ୟା ଷଡ଼ଯନ୍ତ୍ର ରଚନା କରିବା ଏବଂ ନିଜକୁ ଏକ କାଳ୍ପନିକ ବ୍ୟବସ୍ଥାର ଶିକାର ବୋଲି କହିବା ।

# ଭାରତ-ପାକ ବିବାଦ ଯୋଗୁଁ ମେ ମାସରେ କମିଲା ଗାଡି ବିକ୍ରି

ନୂଆଦିଲ୍ଲୀ: ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଏଫଏଡିଏ) ମେ ୨୦୨୫ ପାଇଁ ଯାନବାହାନ ବିକ୍ରୟ ସଂଖ୍ୟା ପ୍ରକାଶ କରିଛି । ରିପୋର୍ଟ ଅନୁଯାୟୀ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ସୀମା ଉତ୍ତେଜନା ଏବଂ ବିବାଦ ଯୋଗୁଁ, ଅନେକ ରାଜ୍ୟର ଗ୍ରାହକମାନେ ଯାନବାହାନ କିଣିବା ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ । ଯାହା ଫଳରେ ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରୟ ୩% ହ୍ରାସ ପାଇଥିଲା ।

ଏହି ରିପୋର୍ଟ ଅନୁଯାୟୀ, ମେ ୨୦୨୫ ରେ ଯାତ୍ରୀବାହୀ ଯାନର ମୋଟ ଖୁଚୁରା ବିକ୍ରୟ ୩,୦୨,୨୧୪ ୟୁନିଟ୍ ଥିଲା, ଯେତେବେଳେ ଏହି ସଂଖ୍ୟା ମେ ୨୦୨୪ ରେ ୩,୧୧,୯୦୮ ୟୁନିଟ୍ ଥିଲା । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯାତ୍ରୀବାହୀ ଯାନ ବିକ୍ରୟ କାହିଁକି ହ୍ରାସ ପାଇଲା? ଏହି ୩% ହ୍ରାସ ପାଇଁ ଅନେକ କାରଣ ଦାୟୀ ବୋଲି ବିଶ୍ୱାସ କରାଯାଏ । ସବୁଠାରୁ ବଡ଼ କାରଣ ହେଉଛି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ସୀମା ଉତ୍ତେଜନା ଏବଂ ସାମରିକ ସଂଘର୍ଷ, ଯାହା ଯୋଗୁଁ ପଞ୍ଜାବ, ଜମ୍ମୁ ଏବଂ କାଶ୍ମୀର, ରାଜସ୍ଥାନ ଏବଂ ଗୁଜରାଟ ଭଳି ରାଜ୍ୟର ଗ୍ରାହକମାନେ ଯାନବାହାନ କିଣିବାରେ ବିଳମ୍ବ କରିଥିଲେ ।

# ସିକ୍କିମରେ ଉଦ୍ଧାର ହେଲେ ୭୬ ସେନା କର୍ମଚାରୀ

ଛାତେନ: ଉତ୍ତର ସିକ୍କିମି ଛାତେନରୁ ସମସ୍ତ ସାମରିକ କର୍ମଚାରୀଙ୍କୁ ଶନିବାର ସକୁଶଳେ ଉଦ୍ଧାର କରାଯାଇଛି । ଏହା ସହିତ ସିକ୍କିମ ଭୂ-ସ୍ଖଳନ ପରେ ଆରମ୍ଭ ହୋଇଥିବା ଉଦ୍ଧାର ଅଭିଯାନ ଶେଷ ହୋଇଛି । ଭୀଷଣ ବର୍ଷା ଯୋଗୁ ଉତ୍ତର ସିକ୍କିମରେ ଭୂ-ସ୍ଖଳନ ହୋଇଥିଲା । ଫଳରେ ଅନେକ ରାସ୍ତା ଧସି ଯାଇଥିବା ବେଳେ ସଡ଼କ ମାର୍ଗରେ ସମ୍ପର୍କ ବିଚ୍ଛିନ୍ନ ହୋଇଛି । ଏଣୁ ଫଶି ରହିଥିବା ପର୍ଯ୍ୟଟକ ଓ ସେନା ଜବାନମାନଙ୍କ ଉଦ୍ଧାର ନିମନ୍ତେ ସମନ୍ୱିତ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା ।



ଜନୈକ ଅଧିକାରୀଙ୍କ ସୂଚନା ଅନୁସାରେ ୭୬ ଜଣ ସେନା କର୍ମଚାରୀଙ୍କୁ ଏମଆଇ-୧୭ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଛି । ସାମରିକ କର୍ମଚାରୀଙ୍କୁ ଛାତେନରୁ ପାକୟୋଙ୍ଗ ଗ୍ରୀନଫିଲ୍ଡ ଏୟାରପୋର୍ଟକୁ ଅଣାଯାଇଛି । ଏହା ସହିତ ଛାତେନରୁ ଉଦ୍ଧାର ଅଭିଯାନ ଶେଷ ହୋଇଛି । ନିକଟରେ ହୋଇଥିବା ବର୍ଷାରେ ଉତ୍ତର ସିକ୍କିମର ଅନେକ ସ୍ଥାନରେ ଭୂ-ସ୍ଖଳନ ହୋଇଥିଲା । ଏଣୁ ଉତ୍ତର ସିକ୍କିମକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ବାହ୍ୟ ଜଗତରୁ ପୃଥକ ହୋଇପଡିଥିଲା ।

ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଲାଚେନ, ଲାଚୁଙ୍ଗ ଓ ଚୁଙ୍ଗଥାଙ୍ଗରେ ୧୬୦୦ ପର୍ଯ୍ୟଟକ ଅଟକି ରହିଥିଲେ । ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷିତ କାଢ଼ିବା ନିମନ୍ତେ ହେଲିକପ୍ଟର ସହାୟତା ନିଆଯାଇଥିଲା । ଏହି ଉଦ୍ଧାର ଅଭିଯାନରେ ଭାରତୀୟ ସେନା, ଏନଡିଆରଏଫ, ଏସଡିଆରଏଫ, ବର୍ଡର ରୋଡ ଅର୍ଗାନାଇଜେସନ ଏବଂ ମଙ୍ଗନ ଜିଲ୍ଲା ପ୍ରଶାସନ ଦୀର୍ଘ ସମୟ ଧରି ଉଦ୍ଧାର ଓ ତଲାସୀ ଅଭିଯାନ ଚଳାଇଥିଲେ । ଏଥିରେ ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା ।

ଛାତେନରେ ପ୍ରବଳ ବର୍ଷା ଯୋଗୁ ଜୁନ ୧ ତାରିଖରେ ହୋଇଥିବା ଭୂ-ସ୍ଖଳନରେ ୩ ଜଣ ସେନା ଜବାନ ପ୍ରାଣ ହରାଇଥିଲେ । ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଜବାନ ଆହତ ହୋଇଥିବା ବେଳେ ୬ ଜଣ ଏବେବି ନିଖୋଜ ଅଛନ୍ତି । ନିଖୋଜ ଲୋକଙ୍କ ସନ୍ଧାନ ନିମନ୍ତେ ଅଭିଯାନ ଜାରି ରହିଛି ।

# ରାମଦେବଙ୍କୁ ସହାୟ୍ୟ କରି ଫସିଲେ ପୂର୍ବତନ ନେପାଳ ପ୍ରଧାନମନ୍ତ୍ରୀ

କାଠମାଣ୍ଡୁ: ବାବା ରାମଦେବଙ୍କ କମ୍ପାନୀ ପତଞ୍ଜଳି ଯୋଗପୀଠ ପାଇଁ ଜମି ଚୁକ୍ତିରେ ସହାୟତା କରି ଫସିଲେ ପୂର୍ବତନ ନେପାଳ ପ୍ରଧାନମନ୍ତ୍ରୀ ମାଧବ କୁମାର । ତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସିଛି ।



ସୂଚନା ଅନୁଯାୟୀ, ୨୦୦୯ରୁ ୨୦୧୧ ମସିହା ମଧ୍ୟରେ ପତଞ୍ଜଳି ଯୋଗପୀଠ ନେପାଳ କମ୍ପାନୀଠାରୁ ବେଆଇନ ଭାବରେ ଅନୁମତିରୁ ଅଧିକ ଜମି କିଣିଥିବା ଅଭିଯୋଗ ହୋଇଛି । ତେବେ ଉଭୟ ମାଧବ କୁମାର ନେପାଳ ଏବଂ ପତଞ୍ଜଳି ଯୋଗପୀଠ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

ନେପାଳର ୟୁନାଇଟେଡ୍ ସୋସିଆଲିଷ୍ଟ ପାର୍ଟିର ନେତା ମାଧବ କୁମାର ନେପାଳ ଏକ ସାକ୍ଷାତକାରରେ ଯୋଗ ଦେଇ ଏ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ପତଞ୍ଜଳି ଜମି ଚୁକ୍ତିକୁ ନେଇ ସେ କୌଣସି ପ୍ରକାରର ବେଆଇନ୍ କିମ୍ବା ଦୁର୍ନୀତିପୂର୍ଣ୍ଣ କାମ କରିନଥିବା ନେଇ ସ୍ପଷ୍ଟ କରିଛନ୍ତି ।

ନେପାଳର ଦୁର୍ନୀତି ବିରୋଧୀ ସଂସ୍ଥା କମିଶନ ଫର୍ ଦି ଇନଭେଷ୍ଟିଗେସନ୍ ଅଫ୍ ଅଥରିଟି ଅଭିଯୋଗ କରିଛି ଯେ କାଭରେ ଜିଲ୍ଲାର ଜମିକୁ ପରେ ଅନ୍ୟ ଜମି ସହିତ ଅଦଳବଦଳ କରାଯାଇ ଅଧିକ ମୂଲ୍ୟରେ ବିକ୍ରି କରାଯାଇଥିଲା ଯାହାଦ୍ୱାରା ରାଜ୍ୟକୁ କ୍ଷତିର ସାମ୍ନା କରିବାକୁ ପଡ଼ିଥିଲା । ତେବେ ଏହି ଘଟଣାକୁ ନେଇ କମିଶନ ଜୁନ୍ ୫ ଗୁରୁବାର ଦିନ କାଠମାଣ୍ଡୁର ଏକ ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ ଓ କ୍ଷତିପୂରଣ ଦାବିରେ ତାଙ୍କୁ ୧୮.୫କୋଟି ନେପାଳୀ ଟଙ୍କା (ପ୍ରାୟ ୧୩.୫ ଲକ୍ଷ ଡଲାର)ର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଯଦି ମାଧବ ଏଥିରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତାହେଲେ ତାଙ୍କୁ ୧୭ ବର୍ଷ ଜେଲ ଦଣ୍ଡ ମଧ୍ୟ ହୋଇପାରେ ।

ଅପରପକ୍ଷରେ ଏହି ପ୍ରସଙ୍ଗରେ ଭାରତରେ ପତଞ୍ଜଳି ଯୋଗପୀଠର ମୁଖପାତ୍ର ଏସକେ ତିଜାରାୱାଲା କହିଛନ୍ତି ଯେ କମ୍ପାନୀ ଉପଯୁକ୍ତ ପ୍ରକ୍ରିୟାକୁ ଅନୁସରଣ କରି ଘରୋଇ ଭାବରେ ଜମି କିଣିଛି । ପତଞ୍ଜଳି କୌଣସି ସରକାରୀ ଜମି କିଣିନାହିଁ । ତେଣୁ ଏହିପରି ଅନାବଶ୍ୟକ ମାମଲାରେ ପତଞ୍ଜଳିକୁ ଅନ୍ତର୍ଭୁକ୍ତ ନ କରାଯାଉଛି । ତେବେ କମିଶନ କିଛି ପୂର୍ବତନ ମନ୍ତ୍ରୀ ଏବଂ ଅଧିକାରୀ ସମେତ ୯୨ ଜଣଙ୍କ ନାମରେ ଅଭିଯୋଗ କରିଛି । ଅପରପକ୍ଷରେ ଏମାନଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇସାରିଛି ।

# ରାଜପଥରେ ଜରୁରୀକାଳୀନ ଅବତରଣ କଲା ହେଲିକପ୍ଟର

ନୂଆଦିଲ୍ଲୀ: ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗରେ କେଦାରନାଥ ଦର୍ଶନ ପାଇଁ ଯାଉଥିବା ଏକ ହେଲିକପ୍ଟର ହଠାତ ରାଜପଥ ମଝିରେ ଜରୁରୀକାଳୀନ ଅବତରଣ କରିଥିବା ଘଟଣାର ଭିଡିଓ ସାମ୍ନାକୁ ଆସିଛି ।

ଏହି ଭିଡିଓ ଜରିଆରେ ହେଲିକପ୍ଟରର ଜରୁରୀକାଳୀନ ଅବତରଣ ସମୟରେ ରାଜପଥରେ ଛିଡ଼ା ହୋଇଥିବା ଏକ କାର ଆଖି ପିଛୁଳାକେ ଚୁରମାର ହୋଇଯାଇଥିବା ଦେଖିବାକୁ ମିଳିଛି। ସୌଭାଗ୍ୟବଶତଃ ଏହି ଦୁର୍ଘଟଣା ସମୟରେ କାର ଭିତରେ କୌଣସି ଯାତ୍ରୀ ନଥିଲେ । ଯଦ୍ୱାରା କାହାକୁ କୌଣସି ପ୍ରକାର କ୍ଷତି ହୋଇନଥିବା ତଦନ୍ତରୁ ଜଣାପଡ଼ିଛି । ଏଦୃଶ୍ୟ ଦେଖି ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଭୟରେ ଦୌଡ଼ି ପଳାଇଥିଲେ । ଏହି ଦୁର୍ଘଟଣା ସିରସି ନିକଟସ୍ଥ ଭରାସୁ ହେଲିପେଡ ନିକଟରେ ଘଟିଛି । ଟେକଅଫର କିଛି ସମୟ ମଧ୍ୟରେ ପାଇଲଟ କ୍ୟାପ୍ଟେନ ଆରପିଏମ ସୋଙ୍କୁ ହେଲିକପ୍ଟରରେ କଲେକ୍ଟିଭ କଣ୍ଟ୍ରୋଲରେ ଯାନ୍ତ୍ରିକ ତ୍ରୁଟି ଥିବା ପରିଲକ୍ଷିତ ହୋଇଥିଲା ।

ପରିସ୍ଥିତିକୁ ଦେଖି ପାଇଲଟ ତୁରନ୍ତ ରାଜପଥରେ ହେଲିକପ୍ଟରକୁ ଅବତରଣ କରି ଦେଇଥିଲେ । ଏହି ହେଲିକପ୍ଟରରେ ଥିବା ୫ଜଣ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ପାଇଲଟଙ୍କ ପିଠିରେ ଆଘାତ ଲାଗିଥିଲା । ଯେଉଁପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଫ୍ରେଞ୍ଚ ଓପନ

# ଆଲ୍‌କାରେଜ-ସିନର ଫାଇନାଲ



ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ସ୍ପେନ୍‌ର ତାରକା ଖେଳାଳି କାର୍ଲୋସ ଆଲ୍‌କାରେଜ ଏବଂ ଜାନିକ ସିନରଙ୍କ ମଧ୍ୟରେ ଚଳିତ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍ ଖେଳାଯିବ ।

ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଇଟାଲିର ଲୋରେଞ୍ଜୋ ମୁସେଟି ଆହତ ସମସ୍ୟା ଯୋଗୁ ମ୍ୟାଚ୍ ଅଧାରୁ ଓହରି ଯାଇଥିଲେ । ୨୨ ବର୍ଷୀୟ କାର୍ଲୋସ ଓ ମୁସେଟିଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ଟି ୪-୬, ୭-୬, ୬-୦ ଓ ୨-୦ ସ୍ଥିତିରେ ରହିଥିଲା । ଆଲ୍‌କାରେଜ୍ ଫାଇନାଲରେ ଇଟାଲିର ଜାନିକ ସିନରଙ୍କୁ ଭେଟିବେ । ଦ୍ୱିତୀୟ ସେମିରେ ଇଟାଲିର ସିନର ୬-୪, ୭-୫, ୭-୬ ସେଟ୍‌ରେ ସର୍ବିଆର ନୋଭାକ ଜୋକୋଭିକ୍‌ଙ୍କୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିଲେ ।

କ୍ରମାଗତ ଦ୍ୱିତୀୟ ଥର ପାଇଁ ଆଲ୍‌କାରେଜ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି । ଗତ ସଂସ୍କରଣର ଫାଇନାଲରେ ସେ ଜର୍ମାନୀର ଆଲେକ୍‌ଜାଣ୍ଡାରଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ । ଏପର୍ଯ୍ୟନ୍ତ ୨ଟି ୱିମ୍ବଲଡନ ଓ ଗୋଟିଏ ଲେଖାଏଁ ଫ୍ରେଞ୍ଚ ଓପନ, ୟୁଏସ୍ ଓପନ ଟାଇଟଲ ହାସଲ କରିଛନ୍ତି ।

ଆଲ୍‌କାରେଜ ପ୍ରଥମ ସେଟ୍ ହାରିବା ପରେ କ୍ରମାଗତ ୨ଟି ସେଟ୍‌ରେ ଜିତି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହାପରେ ମୁସେଟି ଆହତ ହୋଇ ଓହରି ଯାଇଥିଲେ ।

# ରାହୁଲ କରିବେ ଓପନିଂ, ଗିଲ୍ ଆସିବେ ୪ ନମ୍ବରରେ

ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଜୁନ ୨୦ରେ ଆରମ୍ଭ ହେବ । ଏହା ପୂର୍ବରୁ ଇଂଲଣ୍ଡ ଲାୟନ୍ସ ଓ ଭାରତୀୟ ଦଳ ମଧ୍ୟରେ ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି । ଦ୍ୱିତୀୟ ମୁକାବିଲାରେ ତାରକା ବ୍ୟାଟର ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି । ନର୍ଥମ୍ପଟନର କାଉଣ୍ଟି ଗ୍ରାଉଣ୍ଡରେ ଚାଲିଥିବା ମୁକାବିଲାରେ ରାହୁଲ ୧୬୮ ବଲ୍‌ରୁ ୧୧୬ ରନର ଶତକୀୟ ଇନିଂସ୍ ଖେଳିଛନ୍ତି । ଏଥିରେ ୧୫ଟି ଚୌକା ଓ ଗୋଟିଏ ଛକା ରହିଛି ।

ରାହୁଲ ଭାରତୀ-ଏ ଦଳର ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଓପନିଂ କରିଥିଲେ । ଅଧିନାୟକ ଅଭିମନ୍ୟୁ ଇଶ୍ୱରନ୍ ତୃତୀୟ ସ୍ଥାନରେ ବ୍ୟାଟିଂ କରିଛନ୍ତି । କିନ୍ତୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଟେଷ୍ଟରେ ଇଶ୍ୱରନ୍‌ଙ୍କ ସହ ଜୟସ୍ୱାଲ ଓପନିଂ କରିଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ରାହୁଲ ଇନିଂସ ଓପନ କରି ଶତକ ହାସଲ କରିଛନ୍ତି । ତେଣୁ ସେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଇପନିଂ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ରାହୁଲ ଓ ଜୟସ୍ୱାଲ ଓପନିଂ କଲେ ଦଳକୁ ବାମ-ଡାହାଣ କମ୍ବିନେସନ୍ ମଧ ମିଳିପାରିବ । ହେଡିଙ୍ଗ୍‌ଲେ ଟେଷ୍ଟରେ ତୃତୀୟ କ୍ରମରେ କରୁଣ ନାୟର, ସାଇ ସୁଦର୍ଶନ କିମ୍ବା ଅଭିମନ୍ୟୁ ଇଶ୍ୱରନ୍‌ଙ୍କ ମଧ୍ୟରୁ କୌଣସି ଜଣଙ୍କୁ ସୁଯୋଗ ମିଳିପାରେ । ତଥାପି କରୁଣ ନାୟରଙ୍କ ଖେଳିବା ସମ୍ଭାବନା ରହିଛି । ତାଙ୍କୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ପ୍ରଶଂସା କରିଛନ୍ତି । ଅଧିନାୟକ ଶୁଭମନ ଗିଲ୍ ୪ ନମ୍ବରରେ ବ୍ୟାଟିଂ କରିପାରନ୍ତି । ୱିକେଟକିପର ରିଷଭ ପନ୍ତ ୫ମ ଓ ରବୀନ୍ଦ୍ର ଜାଡେଜା ଷଷ୍ଠ ସ୍ଥାନରେ ବ୍ୟାଟିଂ କରିବା ନିଶ୍ଚିତ ଲାଗୁଛି । ଅଲରାଉଣ୍ଡର ନୀତିଶ କୁମାରଙ୍କୁ ଆଗୁଆ ଦଳ ପଠାଇବାକୁ ଚାହିଁବ । ସାର୍ଦ୍ଦୁଲ ଠାକୁରଙ୍କ ଅପେକ୍ଷା ତାଙ୍କୁ ଅଧିକ ଗୁରୁତ୍ୱ ମିଳିପାରେ ।




ମହମ୍ମଦ ସିରାଜ, ଯଶପ୍ରୀତ ବୁମ୍‌ରା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବ । ଚାଇନାମ୍ୟାନ୍ ବୋଲର କୁଲଦୀପ ଯାଦବଙ୍କୁ ସ୍ପେଶାଲିଷ୍ଟ ସ୍ପିନର ଭାବେ ଚୂଡ଼ାନ୍ତ ଏକାଦଶରେ ଖେଳାଯାଇପାରେ । ପ୍ରଥମ ଟେଷ୍ଟରେ ଭାରତୀୟ ଦଳ ୪ ଜଣ ସ୍ପେଶାଲିଷ୍ଟ ବ୍ୟାଟର, ଜଣେ ୱିକେଟକିପର, ଦୁଇଜଣ ଅଲରାଉଣ୍ଡର, ୩ ସ୍ପେଶାଲିଷ୍ଟ ଦ୍ରୁତବୋଲର ଓ ଜଣେ ବିଶେଷଜ୍ଞ ସ୍ପିନର ସହ ମଇଦାନକୁ ଓହ୍ଲାଇପାରେ ।

**: ସମ୍ଭାବ୍ୟ ଭାରତୀୟ ଏକାଦଶ :**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ/କରୁଣ ନାୟର/ ଅଭିମନ୍ୟୁ ଇଶ୍ୱରନ, ଶୁଭମନ ଗିଲ୍, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ନୀତିଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ, ଯଶପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା ।

## 'ସିଏମ୍ ଟ୍ରଫି-୨୦୨୫'- ଲକ୍ଷ୍ୟ ଏକ, ପ୍ରତିଭା ଅନେକ

# ପଞ୍ଚାୟତରୁ ପୋଡିୟମ ପର୍ଯ୍ୟନ୍ତ ପହଞ୍ଚିବାର ସ୍ୱପ୍ନ ହେବ ସାକାର

ଭୁବନେଶ୍ୱର, ୭।୬ (ସବ୍ୟୁ) : ଓଡ଼ିଶା କ୍ରୀଡ଼ା ଜଗତରେ ଏକ ନୂତନ ଅଧ୍ୟାୟର ପ୍ରାରମ୍ଭ । ତୃଣମୂଳସ୍ତରର କ୍ରୀଡ଼ା ଭିତ୍ତିଭୂମିର ହେବ ବିକାଶ । ବ୍ଲକସ୍ତରରୁ ବାହାରିବେ ବିକଶିତ ପ୍ରତିଭା । ପଞ୍ଚାୟତରୁ ପୋଡିୟମ ପର୍ଯ୍ୟନ୍ତ ପହଂଚିବାର ସ୍ୱପ୍ନ ହେବ ସାକାର । ବଣରେ ଫୁଟି ବଣରେ ହିଁ ଝଡି ଯାଉଥିବା ବଣମଲ୍ଲୀ ଏବେ ସର୍ବସମ୍ମୁଖକୁ ଆସିବ ।

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିଅନ୍ସିପ୍-୨୦୨୫ ଆୟୋଜନ କରାଯାଉଛି । ଏହା ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚିହ୍ନଟ କରିବାରେ ସହାୟକ ହୋଇପାରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ମାର୍ଗଦର୍ଶନ ଏବଂ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ଦିଗଦର୍ଶନରେ 'ପ୍ରତିଭା ଅନେକ, ଲକ୍ଷ୍ୟ ଏକ' ଆଭିମୁଖ୍ୟ ନେଇ ଆଗକୁ ବଢୁଥିବା ଆଗାମୀ ପିଢ଼ିର ଚାମ୍ପିଅନଙ୍କୁ ପ୍ରୋତ୍ସାହନ ଯୋଗାଇବା ସହ ଜାତୀୟ ଓ ଅନ୍ତର୍ଜାତୀୟ ଫୁଟବଲ୍ କ୍ଷେତ୍ରରେ ଓଡ଼ିଶାର ଉପସ୍ଥିତି ଜାହିର କରିବାକୁ ପ୍ରୟାସ ଆରମ୍ଭ ହୋଇଛି ।



ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିଅନସିପର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ୨୮୪ଟି ଫୁଟବଲ୍ କ୍ଲବ ଏବଂ ୭ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ ।

ସାରା ରାଜ୍ୟର ଅଂଶଗ୍ରହଣକାରୀ ଯୁବପିଢ଼ିଙ୍କ ଦ୍ୱାରା ପ୍ରଦର୍ଶିତ ଶକ୍ତି, ଉତ୍ସାହ ଏବଂ ସମର୍ପଣ ଭାବ ପ୍ରକୃତରେ ପ୍ରେରଣାଦାୟକ ହୋଇପାରିଛି । ଏହି ବିଶାଳ ପ୍ରତିଭା କ୍ଷେତ୍ରରୁ ୧୧୧୦ଜଣ ଉଦୀୟମାନ ଖେଳାଳିଙ୍କୁ ଚୂଡ଼ାନ୍ତ ଚାମ୍ପିଅନସିପ୍ ପାଇଁ ଖୋଜାଯାଇ ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷଣ ଦିଆଯାଇଥିଲା । କ୍ରୀଡ଼ା ଛାତ୍ରାବାସ ଏବଂ ଫୁଟବଲ୍ ଏକାଡେମୀରେ ପ୍ରବେଶ ପାଇଁ ପ୍ରତିଭା ଚିହ୍ନଟ ପ୍ଲାଟଫର୍ମ ସାଜିବ ସିଏମ୍ ଟ୍ରଫି । ତୃଣମୂଳ ସ୍ତରର ଫୁଟବଲ୍ ଓ ଯୁବ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ଓଡ଼ିଶାକୁ କ୍ରୀଡ଼ା ଉତ୍କର୍ଷର ଏକ ଉନ୍ନତ କେନ୍ଦ୍ରରେ ପରିଣତ କରିପାରିଛି ।

ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିଅନ୍ସିପ୍ ମେ' ୨୮ ତାରିଖରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଜିଲ୍ଲାସ୍ତରରୁ ଚୟନ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍-ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ଭୁବନେଶ୍ୱର ଓ ବରଗଡ଼ ମଧ୍ୟରେ ସିଏମ୍-ଟ୍ରଫି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଯେଉଁ ଦଳ ବି ବିଜୟୀ ହେଉ ନା କାହିଁକି, କିନ୍ତୁ ଅନେକ ପ୍ରତିଭା ସୃଷ୍ଟି ହେବେ, ଯେଉଁମାନେ କି ନିଜର ପ୍ରଦର୍ଶନରେ ରାଜ୍ୟକୁ ଏକ ନୂତନ ସ୍ତରକୁ ନେବାର ଯୋଗ୍ୟତା ରଖୁଛନ୍ତି ।

ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳ ସ୍ତରରୁ ଆସୁଥିବା କ୍ରୀଡ଼ାବିତମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବେ । ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ପ୍ରତିଟି ଗାଁ ଓ ପ୍ରତିଟି ବ୍ଲକରେ କ୍ରୀଡ଼ା ପ୍ରତିଭାର ବିକାଶ କରି କ୍ରୀଡ଼ାବିତମାନଙ୍କୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ଏହି ଯାତ୍ରା ସହାୟକ ହେବ ।

କେବଳ ଫୁଟବଲ ନୁହେଁ ଆଗାମୀ ଦିନରେ ଅନ୍ୟ କ୍ରୀଡାକୁ ମଧ ଏଥିରେ ସାମିଲ କରାଯିବ । ଆଥଲେଟିକ, ବ୍ୟାଡମିଣ୍ଟନ, କବାଡି ପରି ୧୦ଟି ବିଭାଗରେ ସିଏମ୍ ଟ୍ରଫି ଆୟୋଜନ କରାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଛି । ଏହାଦ୍ୱାରା ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରାଯାଇ ପାରିବ ।

## ଦିନେଶ ମାର୍ଥା ସ୍ମାରକୀ କ୍ରିକେଟ

# ସାଇ ଇଲେଭେନ ଖୋର୍ଦ୍ଧା ବିଜେତା

ନିରାକାରପୁର, ୭।୬ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ମା' ଭଗବତୀ ହାଇସ୍କୁଲ ଖେଳ ପଡିଆରେ ମା'ଭଗବତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୬ ଗୋଟି ଟିମ୍‌କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ବାବା ଲୋକନାଥ କ୍ରିକେଟ କ୍ଲବ ଗୋଡ଼ା ଓ ସାଇ ଇଲେଭେନ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।



ପ୍ରଥମେ ଟସ୍ ଜିତି ସାଇ ଇଲେଭେନ ଖୋର୍ଦ୍ଧା ଦଳ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫ ଓଭରରେ ୩ ୱିକେଟ ବିନିମୟରେ ୭୨ ରନ ସଂଗ୍ରହ କରିଥିଲା । ଜବାବରେ ବାବା ଲୋକନାଥ କ୍ରିକେଟ କ୍ଲବ ଗୋଡ଼ା ୫ ଓଭର ଖେଳି ୪ ୱିକେଟ ବିନିମୟରେ ମାତ୍ର ୪୫ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇପାରି ଥିଲେ । ଫଳରେ ସାଇ ଇଲେଭେନ ଖୋର୍ଦ୍ଧା ଦଳ ଚଳିତବର୍ଷର ବିଜେତା ହୋଇଛି ।

ମୁଖ୍ୟଅତିଥି ଭାବରେ ଯୁବ ସମାଜସେବୀ ଗୋପନ କୁମାର ମାର୍ଥା, ଅମରେଶ ପରିଡା, ରାଜୀବ ପଟ୍ଟନାୟକ ମୁଖ୍ୟବକ୍ତା ମଧୁସ୍ମିତା ପଲେଇ (ସରପଞ୍ଚ) ଗୋଳବାଇ, ଗୌତମ କୁମାର ପ୍ରଧାନ (ସମିତି ସଭ୍ୟ) ଗୋଳବାଇ ଯୋଗଦେଇ ଅଭିଭାଷଣ ଖେଳ ସୁନ୍ଦର ସ୍ୱାସ୍ଥ୍ୟ, ମାନସିକ ସ୍ଥିରତା, ଏକାଗ୍ରତା ଏବଂ ଭାଇଚାରା ଭାବ ସୃଷ୍ଟି କରିବା ସହ ଖେଳ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମଞ୍ଚାସୀନ ଥିଲେ ସନ୍ତୋଷ କୁମାର ମଙ୍ଗରାଜ, ସୁକାନ୍ତ କୁମାର ହାତୀ ଉପସ୍ଥିତ ଥିଲେ ପରେ ଅନୁଷ୍ଠାନ ପକ୍ଷରୁ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ । ସହଯୋଗ କରିଥିଲେ ଶକ୍ତି ସାମନ୍ତରାୟ, ସନ୍ତୋଷ କୁମାର ଶ୍ରୀଚନ୍ଦନ (ସନ୍ଟୁ), ବିଶ୍ୱଜିତ ପଲେଇ, ମନୋଜ କୁମାର ଦାସ, ଗୌତମ ପ୍ରସାଦ ଦାସ, ପିଣ୍ଟୁ କଳସ, ଦିଲୁ ନାୟକ, ରଶ୍ମିରଂଜନ ବେହେରା, ଅଶୋକ କୁମାର ସାହୁ, ମାନସ କୁମାର କଳସ ଏବଂ ଅକ୍ଷୟ କୁମାର ଜେନା କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଅଭିଷେକ କଳସ ଏବଂ କାହ୍ନୁଚରଣ ପରିଡା ଖେଳକୁ ପରିଚାଳନା କରିଥିଲେ । ମ୍ୟାନ ଅଫ ଦି ସିରିଜ ଭାବେ ଅସଲମ ଖାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଫୁଲ୍ଲ କୁମାର ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ ।

# ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ: ଏମ୍‌ସିସି-ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲ

ଭୁବନେଶ୍ୱର, ୭।୬ (ସବ୍ୟୁ): ସପ୍ତମ ଅଲ ଓଡ଼ିଶା ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ରବିବାର ଏମ୍‌ସିସି ଏବଂ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଟାଇଟଲ ଲଢ଼େଇ ହେବ । ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଏମ୍‌ସିସି ୮ ୱିକେଟରେ ସହିଦ ସ୍ପୋର୍ଟିଂକୁ ହରାଇଥିଲା । ଏହି ଜମାଣିଆ ବିଜୟ ସହ ଏମ୍‌ସିସି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପହଞ୍ଚିଛି ।




ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ୩୮.୪ ଓଭରରେ ୧୧୮ ରନ କରି ଅଲଆଉଟ୍ ହୋଇଥିଲା । ଦେବଜ୍ୟୋତି ପଟ୍ଟନାୟକ ସର୍ବାଧିକ ୪୧ ରନ ସଂଗ୍ରହ କରିଥିଲେ । ଜବାବରେ ଏମ୍‌ସିସି ୨୦.୪ ଓଭରରେ ୨ ୱିକେଟ ହରାଇ ୧୨୩ ରନ କରି ବିଜୟୀ ହୋଇଥିଲା । ୮ ଓଭର ବୋଲିଂ କରି ୧୨ ରନ ବ୍ୟୟରେ ୪ ୱିକେଟ ଅକ୍ତିଆର କରିଥିବା ବିଜୟୀ ଦଳର ହର୍ଷିତ ରାଠୋରଙ୍କୁ ଅତିଥି ଜାନକୀନାଥ ପରିଡ଼ା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ।

# କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଅଧିକାରୀଙ୍କ ଇସ୍ତଫା

ବେଙ୍ଗାଲୁରୁ, ୭।୬ (ଏଜେନ୍ସି): ବେଙ୍ଗାଲୁରୁର ଚିନାସ୍ୱାମୀ ଷ୍ଟାଡିୟମରେ ଦଳାଚକଟା ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ମାମଲା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି । କର୍ଣ୍ଣାଟକ ସରକାର ଏଥିପାଇଁ ଦାୟୀ କରି କ୍ରିକେଟ ସଂଘ, ଷ୍ଟାଡିୟମ କର୍ତ୍ତୃପକ୍ଷ, ପୋଲିସ, ସର୍ବୋପରି ଆଇପିଏଲ୍ ଫ୍ରାଞ୍ଚାଇଜ ଆର୍‌ସିବି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ଶୁକ୍ରବାର କର୍ଣ୍ଣାଟକ କ୍ରିକେଟ ସଂଘର ସମ୍ପାଦକ ଏ. ଶଙ୍କର ଏବଂ କୋଷାଧକ୍ଷ ଜୟରାମ ଉଭୟ ଏକ ପ୍ରେସ୍ କନ୍‌ଫରେନ୍ସରେ ନିଜର ଇସ୍ତଫା ପ୍ରଦାନ କରିଥିଲେ । ଉଭୟ ନିଜର ମତ ରଖି କହିଛନ୍ତି ଯେ, ଏଭଳି ଏକ ଦୁଃଖଦ ଘଟଣାରେ ଉଭୟଙ୍କ ଭୂମିକା ସୀମିତ ଥିଲେ ମଧ ସେମାନେ ଏହି ଘଟଣାର ଦାୟିତ୍ୱ ନେଇଛନ୍ତି । ଆଇପିଏଲ୍ ଫାଇନାଲରେ ପଞ୍ଜାବ କିଙ୍ଗସ୍‌କୁ ୬ ରନ୍‌ରେ ପରାସ୍ତ କରି ଆର୍‌ସିବି ଟାଇଟଲ ଜିତିଥିଲା । ଜୁନ୍ ୪ରେ ଚିନାସ୍ୱାମୀ ଷ୍ଟାଡିୟମରେ ଏକ ବିଜୟ ଉତ୍ସବ ସମାରୋହ ଆୟୋଜନ କରାଯାଇଥିଲା । ଏହି ସମାରୋହରେ ସାମିଲ ହେବା ପାଇଁ ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ଼ ଲାଗିଥିଲା । ଫଳରେ ଦଳାଚକଟା ଘଟି ୧୧ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୫୦ ଜଣ ଆହତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କେବଳ ପାସ୍ ହାସଲ କରିଥିବା ଲୋକମାନେ ଯୋଗ ଦେଇଥାନ୍ତେ । କିନ୍ତୁ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ତଥା ଆର୍‌ସିବିର ଖେଳାଳିମାନଙ୍କୁ ଦେଖିବା ପାଇଁ ସେଠାରେ ପ୍ରବଳ ଭିଡ଼ ଜମିଥିଲା । ଅପରପକ୍ଷରେ ଆର୍‌ସିବି ଏହି ଘଟଣାରେ ଦୁଃଖ ପ୍ରକାଶ କରି ପୀଡ଼ିତଙ୍କ ପରିବାର ପାଇଁ କ୍ଷତିପୂରଣ ଘୋଷଣା କରିଥିବାବେଳେ ଆହତ ଲୋକଙ୍କୁ ସହାୟତା ପାଇଁ ସମର୍ଥନ ପ୍ରଦାନ କରିଛି ।

# କଳିଙ୍ଗ ବ୍ଲାକ୍ ଟାଇଗର୍ସ ଜର୍ସି, ମାସ୍କଟ ଉନ୍ମୋଚିତ

ଭୁବନେଶ୍ୱର, ୭।୬ (ସବ୍ୟୁ) : ଦେଶରେ ରଗ୍‌ବୀ ପ୍ରିମିୟର ଲିଗ୍ ଉଦ୍‌ଘାଟନ ସହିତ ବୃତ୍ତିଗତ କ୍ରୀଡ଼ା କ୍ଷେତ୍ରରେ ଏକ ନୂତନ ଯୁଗର ଅୟମାରମ୍ଭ ହେବାକୁ ଯାଉଛି । ରଗ୍‌ବୀ ପ୍ରିମିୟର ଲିଗ୍‌ର ପ୍ରତିଷ୍ଠାତା ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ତା'ର ଆନୁଷ୍ଠାନିକ ଜର୍ସି ଓ ମାସ୍କଟକୁ ଉନ୍ମୋଚିତ କରିଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇ ପ୍ରତିକୃତି ଜର୍ସି ଓ ମାସ୍କଟ ଉନ୍ମୋଚନ ହୋଇଥିଲା ।

ପୁଞ୍ଜି ନିବେଶ ସଂସ୍ଥା ହଞ୍ଚ ଭେଞ୍ଚର୍ସ ସମର୍ଥନରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ରଗ୍‌ବୀ ପ୍ରିମିୟର ଲିଗ୍ ଆୟୋଜନ କରିବାକୁ ଯାଉଛି । ଜାତୀୟ ମଞ୍ଚରେ ରାଜ୍ୟର ବିକାଶ ଓ ସ୍ୱୀକୃତି ନିମନ୍ତେ ଏକ ପ୍ରଶସ୍ତ ଦୃଷ୍ଟିକୋଣ ବହନ କରୁଛି । ହଞ୍ଚ ଭେଞ୍ଚର୍ସର ପ୍ରୟାସ ଜରିଆରେ ଓଡ଼ିଶାକୁ ନିରନ୍ତର ସମର୍ଥନ କରିଆସିଛି । ଚଳିତବର୍ଷ ପ୍ରାରମ୍ଭରେ କମ୍ପାନୀ ଷ୍ଟାର୍ଟ ଅପ୍ ଓଡ଼ିଶା ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା । କଳିଙ୍ଗ ବ୍ଲାକ୍ ଟାଇଗର୍ସ ସହିତ ହଞ୍ଚ ପ୍ରତିଭାଙ୍କର ପରିପୋଷଣ, ଆଞ୍ଚଳିକ ପରିଚୟକୁ ନେଇ ଖୁସି ମନାଇବା ଏବଂ ଜାତୀୟ ସ୍ତରରେ ଓଡ଼ିଶାକୁ ସର୍ବସମ୍ମୁଖକୁ ଆଣିବା ନିମନ୍ତେ ନିଜର ପ୍ରତିବଦ୍ଧତା ଜାରି ରଖିଛି ।




ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ୍, ପ୍ରିୟଦର୍ଶୀ ମିଶ୍ର (ଓଡ଼ିଶା ସଂଘ ସଭାପତି), ହଞ୍ଚ ଭେଞ୍ଚର୍ସ ପ୍ରତିଷ୍ଠାତା କରନ ପାଲ ସିଂ, ମୁଖ୍ୟ କୋଚ୍ ମାଇକ୍ ଫ୍ରାଇଡେ, ସହକାରୀ କୋଚ୍ ରାଜୀବ ନାଥ ଏବଂ କଳିଙ୍ଗ ବ୍ଲାକ୍ ଟାଇଗର୍ସର ସମ୍ପୂର୍ଣ୍ଣ ଟିମ୍ ସମେତ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ତଥା ରଗ୍‌ବୀ ପ୍ରିମିୟର ଲିଗ୍‌ର ପୃଷ୍ଠପୋଷକମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ଦୀର୍ଘ କାଳରୁ ରଗ୍‌ବୀର ଅଭିବୃଦ୍ଧିକୁ ତୃଣମୂଳ ସ୍ତରରୁ ସମର୍ଥନ କରିଆସୁଥିବାବେଳେ କୋଚ୍, ପ୍ରତିଷ୍ଠାନ ଏବଂ ଗୋଷ୍ଠୀଗୁଡ଼ିକ ଦ୍ୱାରା ସମସ୍ତ ଜିଲ୍ଲାରେ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିଆସୁଛି । ପ୍ରଥମ ଥର ପାଇଁ ଓଡ଼ିଶା ଏକ ବୈଶ୍ୱିକ କ୍ରୀଡ଼ା ନିମନ୍ତେ ଜାତୀୟ ଲିଗ୍‌ରେ ପ୍ରତିନିଧିତ୍ୱ କରୁଛି । ଦୀର୍ଘକାଳରୁ ରହିଆସିଥିବା ଆକାଂକ୍ଷାକୁ ବାସ୍ତବ ରୂପ ଦେବା ସମ୍ପର୍କରେ ଉଲ୍ଲେଖ କରୁଛି ଏବଂ ଜାତୀୟ କ୍ରୀଡ଼ା ଦୃଶ୍ୟପଟ୍ଟରେ ଏହାର ଉପସ୍ଥିତି ସୁଦୃଢ଼ କରିବାର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ୀଭୂତ କରୁଛି ।

ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଆନୁଷ୍ଠାନିକ ଭାବେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଜର୍ସି ଉନ୍ମୋଚନ କରିବା ସହିତ ଦଳ ଏବଂ ରଗ୍‌ବୀ ପ୍ରିମିୟର ଲିଗ୍‌କୁ ହାର୍ଦ୍ଦିକ ସ୍ୱାଗତ କରିଥିଲେ । ନୂଆକରି ଉନ୍ମୋଚିତ ଜର୍ସି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଅଦମ୍ୟ ଉତ୍ସାହ ପ୍ରତି ଭବ୍ୟ ସମ୍ମାନ ପ୍ରଦର୍ଶନ ହୋଇଛି । ଏହି ଅଞ୍ଚଳର ଜଙ୍ଗଲରେ ରହୁଥିବା ବିରଳ ଓ ଶକ୍ତିଶାଳୀ ମେଲାନିଷ୍ଟିକ୍ କଳା ବାଘଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଡିଜାଇନ୍‌ରେ ଦଳର ମୂଳ ମୂଲ୍ୟବୋଧ ସାମର୍ଥ୍ୟ ଏବଂ ମଜଭୂତ ପଣ ପ୍ରତିଫଳିତ ହୋଇଛି । ସାଂସ୍କୃତିକ ପ୍ରତୀକକୁ ଯୋଗ କରି ଦଳ ତାହାର ଆନୁଷ୍ଠାନିକ ମାସ୍କଟ ପାଇକ ଉନ୍ମୋଚନ କରିଛି । ଯାହା କିମ୍ବଦନ୍ତୀ କଳିଙ୍ଗ ଯୋଦ୍ଧାଙ୍କର ବୀରତ୍ୱକୁ ପ୍ରତିନିଧିତ୍ୱ କରୁଛି । ରଗ୍‌ବୀ ପ୍ରିମିୟର ଲିଗ୍ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଜିଓ ହଟ୍‌ଷ୍ଟାରରେ ଲାଇଭ୍ ଷ୍ଟ୍ରିମିଂ କରାଯିବ । କଳିଙ୍ଗ ବ୍ଲାକ୍ ଟାଇଗର୍ସ ତାହାର ପ୍ରଥମ ମ୍ୟାଚ୍ ହାଇଦ୍ରାବାଦ ଟିମ୍ ବିପକ୍ଷରେ ଖେଳିବ ।

**ସୂଚନା**

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି